


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 JANUARY 2024

Vol.No. 35 ■ No.11 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହିଳା ନକ୍ସଲଙ୍କ ଆତ୍ମସମର୍ପଣ



ମାଲକାନଗିରି , ୧୦ /୧ (ନି.ପ୍ର): ନକ୍ସଲ ସଂଗଠନକୁ ଲାଗିଛି ଏକ ବଡ଼ ଝଟକା। ମାଲକାନଗିରି ଏସପିଙ୍କ ନିକଟରେ ଆଗଧାଡିରେ ଜଣେ ମହିଳା ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଆତ୍ମସାମର୍ପଣ କରିଥିବା ନକ୍ସଲ ଜଣକ ହେଉଛନ୍ତି ରୋଶନୀ ଓରଫ ଉଙ୍ଗୀ ମାଡଭି। ରୋଶନୀଙ୍କ ଘର ଛତିଶଗଡ଼ର ଦାନ୍ତେୱାଡା ଜିଲ୍ଲା ପୁତଦ୍ୱ ବୋଲି ସୂଚନା ମିଳିଛି। ସେ ମାଓ ସଂଗଠନରେ ୨୦୧୬ ରେ ଯୋଗ ଦେଇଥିଲେ। ସଂଗଠନରେ ରହି ଛତିଶଗଡ଼ ଏବଂ ଓଡ଼ିଶାରେ ୨୧ରୁ ଅଧିକ ହିଂସା କାଣ୍ଡରେ ସାମିଲ ଥିଲେ। ଉଙ୍ଗି ନାରେ ଏକ ଲକ୍ଷ ପୁରସ୍କାର ରାଶି ରହିଛି। ସଂଗଠନର ମୁଖ୍ୟ ଆଦର୍ଶରୁ ନକ୍ସଲ ଓହରି ଲୋକଙ୍କୁ ଅତ୍ୟାଚାର କରି ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ମହିଳାଙ୍କୁ ଠିକ ଭାବରେ ସମ୍ମାନ ନାହିଁ। ସରକାରଙ୍କ ଆତ୍ମସାମର୍ପଣ ନୀତି ଅନୁଯାଇ ତାଙ୍କୁ ଥଇଥାନ କରାଯିବ ବୋଲି ଏସପି କହିଛନ୍ତି ।

# ଗୁଜରାଟ ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ବଡ଼ ଗ୍ୟାରେଣ୍ଟି




ଗୁଜରାଟ, ୧୦/୧ : ଗୁଜରାଟରେ ଆୟୋଜିତ ଭାଇବ୍ରାଂଟ ଗ୍ଲୋବାଲ ସମିଟରେ କିଛି ଏଭଳି ଗ୍ୟାରେଂଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମୋଦୀଙ୍କ ଏହି ଆହ୍ୱାନ ଏଥିପାଇଁ ଗୁରୁତ୍ୱ ବହନ କରୁଛନ୍ତି, କାରଣ ଭାରତ ସମେତ ବିଶ୍ୱର ବହୁ ନାମୀ ବ୍ୟବସାୟିକ ଗ୍ରୁପ୍ ଓ କୋଟିପତି ଏହି ସମ୍ମିଳନୀରେ ଭାଗ ନେଇଥିଲେ । ଏହି ଅବସରରେ ମୋଦୀ କହିଛନ୍ତି- ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଆମର ଲକ୍ଷ୍ୟ। ଗତ ୧୦ ବର୍ଷରେ ଭାରତୀୟ ଅର୍ଥନୀତିରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ୧୦ ବର୍ଷ ତଳେ ଭାରତର ଅର୍ଥନୀତି ଏକାଦଶ ସ୍ଥାନରେ ଥିଲା। ଏବେ ଦେଶର ଅର୍ଥନୀତି ପଂଚମ ସ୍ଥାନରେ ପହଂଚିଛି। ବିଶ୍ୱର ରେଟିଂ ଏଜେନ୍ସିମାନେ ଭାରତୀୟ ଅର୍ଥନୀତି ଉପରେ ଭରସା ଦେଖାଇଛନ୍ତି। ଆଉ ଖୁବଶୀଘ୍ର ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ। ସେପଟେ ଗୋଟିଏ ମଂଚରେ ଏକାଠି ହୋଇଛନ୍ତି ଭାରତର ଦୁଇ ଅଗ୍ରଣୀ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀ ଓ ଗୌତମ ଆଦାନୀ । ସମ୍ମିଳନୀରେ ରିଲାଏନ୍ସ ଇଣ୍ଡଷ୍ଟ୍ରୀର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି । ମୋଦୀଙ୍କୁ ସେ ଦେଶର ସବୁଠାରୁ ସଫଳ ପ୍ରଧାନମନ୍ତ୍ରୀ କହିବା ସହ ଗୁଜରାଟ ପାଇଁ ବଡ଼ ବଡ଼ ଘୋଷଣା ମଧ୍ୟ କରିଛନ୍ତି । ଗୁଜରାଟ ଖୁବଶୀଘ୍ର ନିଜ ବ୍ୟାଟେରୀ ଉତ୍ପାଦନ କାରଖାନା ଆରମ୍ଭ କରିବାକୁ କହିଛନ୍ତି । ସେହିପରି ଆଦାନୀ ମଧ୍ୟ ଗୁଜରାଟରେ ପ୍ରତିବର୍ଷ ୨ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ଘୋଷଣା କରିଛନ୍ତି । ଅର୍ଥାତ୍ ପ୍ରତି ଘଂଟା ସେ ରାଜ୍ୟ ପାଇଁ ୫ କୋଟି ଟଙ୍କା ନିବେଶ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦଘାଟିତ ଭାଇବ୍ରାଂଟ ଗୁଜରାଟ ଗ୍ଲୋବାଲ ସମିଟ୍ରେ ଟାଟା ଗ୍ରୁପ୍ ସମେତ ଆଉକିଛି ବଡ଼ ବଡ଼ ବ୍ୟବସାୟୀ ସାମିଲ ହୋଇଥିଲେ । ଜାପାନୀ କାର୍ ନିର୍ମାଣକାରୀ ସଂସ୍ଥା ସୁଜୁକି ମୋଟର୍ସ, ଗୁଜରାଟରେ ୩୫ହଜାର କୋଟି ଟଙ୍କା ନିବେଶ କରିବ । ଏହାବ୍ୟତୀତ ଆହୁରି ଅନେକ ସଂସ୍ଥା ଗୁଜରାଟ ପାଇଁ ବଡ଼ ଘୋଷଣା କରିଛନ୍ତି ।

## ମାଳଦ୍ୱୀପକୁ ଏବେ 'ଚୀନ୍' ସାହାରା



ନୂଆଦିଲ୍ଲୀ, ୧୦/୧ : ଭାରତ ସେହି ଦେଶ ଯିଏ ସବୁବେଳେ ମାଳଦ୍ୱୀପ ପାଇଁ ବିପଦ ବେଳର ସାଥୀ ହୋଇ ଛିଡ଼ା ହୋଇଥାଏ । କିନ୍ତୁ ଗୋଟିଏ ବିବାଦୀୟ ପୋଷ୍ଟ ସବୁକିଛି ଓଲଟପାଲଟ କରିଦେଲା । ଭାରତୀୟ ପର୍ଯ୍ୟଟକ ମାଳଦ୍ୱୀପକୁ ବୟକଟ କରିବା ପରେ ଏବେ ଚୀନର ସାହାରା ନେଇଛି ମାଳଦ୍ୱୀପ । ଚୀନ ଗସ୍ତରେ ଥିବା ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଡ୍ରାଗନକୁ ଆକୁଳ ନିବେଦନ କରିଛନ୍ତି । ମାଳଦ୍ୱୀପକୁ ଅଧିକରୁ ଅଧିକ ପର୍ଯ୍ୟଟକ ପଠାଇବାକୁ ସେ ସି ଜିନପିଙ୍ଗଙ୍କ ଦେଶକୁ ଅନୁରୋଧ କରିଛନ୍ତି । ମଙ୍ଗଳବାର ଚୀନର ଫୁଜିଆନ ପ୍ରାନ୍ତରେ ମାଳଦ୍ୱୀପ ବିଜନେସ୍ ଫୋରମକୁ ସମ୍ବୋଧିତ କରି ମୁଇଜ୍ଜୁ ଚୀନକୁ ଏହି ଦ୍ୱୀପ ରାଷ୍ଟ୍ରର ନିକଟତମ ସହଯୋଗୀ ବୋଲି କହିଛନ୍ତି । ନିଜ ଅଭିଭାଷଣରେ ସେ ୨୦୧୪ରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆରଆଇ) ପ୍ରକଳ୍ପକୁ ପ୍ରଶଂସା କରିଛନ୍ତି । କୋଭିଡ୍ ପୂର୍ବରୁ ଚୀନ୍ ଆମର (ମାଳଦ୍ୱୀପ)ର ଏକ ନମ୍ବର ବଜାର ଥିଲା ଏବଂ ମୁଁ ଅନୁରୋଧ କରୁଛି ଯେ ▶▶ପୃଷ୍ଠା ୭

## ଅନଲାଇନରେ ଗୁଗୁଲ ମ୍ୟାପିଂ ଦ୍ୱାରା ଚିହ୍ନଟ ହେବେ ଅଭିଯୁକ୍ତ

ଭୁବନେଶ୍ୱର, ୧୦ /୧ (ନି.ପ୍ର): ଅନଲାଇନରେ ଗୁଗୁଲ ମ୍ୟାପିଂ ଦ୍ୱାରା ଚିହ୍ନଟ ହେବେ ଅଭିଯୁକ୍ତ। ଆପ୍ଲିକେସନ ଜରିଆରେ କ୍ରାଇମ୍ ପ୍ଲଟକୁ ଠାବ କରିବ କମିଶନରେଟ୍ ପୁଲିସ। କ୍ରାଇମ୍ ହଟସ୍ପଟ ଚିହ୍ନଟ କରାଯିବା ସହ ଅପରାଧୀଙ୍କ ଉପରେ ପୁଲିସ କଡ଼ା ନଜର ରଖିବ। କମିଶନରେଟ ପୁଲିସ ପ୍ରତିଷ୍ଠା ଦିବସରେ ଉଦଘାଟିତ ହୋଇଛି ୟୁନିଫାଏଡ଼ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର। ପ୍ରଥମ ପର୍ଯ୍ୟାୟରେ କେବଳ ଅଳଙ୍କାର ଲୁଟ୍ ଘଟଣା ଗୁଡ଼ିକର ଅନୁଧ୍ୟାନ କରାଯିବ। କେମିତି ଅପରାଧୀମାନେ ଅପରାଧ ଘଟାଉଛନ୍ତି ? ସେମାନେ କେଉଁ ଶୈଳୀରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି ? ଅପରାଧୀଙ୍କ ଗତିବିଧିର ବିଶ୍ଳେଷଣ କରାଯିବ। ବିଗତ ଦିନରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅପରାଧ ଓ ଅପରାଧୀଙ୍କୁ ଗୁଗଲ ମ୍ୟାପିଂ ଜରିଆରେ ▶▶ପୃଷ୍ଠା ୭

## ଅର୍ଦ୍ଧନିର୍ମିତ ରାମ ମନ୍ଦିରର ଉଦ୍‌ଘାଟନକୁ କଂଗ୍ରେସର ନା'



ଠିକ୍ ସାଧାରଣ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ ହେଉଛି ଅଯୋଧ୍ୟା ରାମ ମନ୍ଦିର। ରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ଏହି ଉଦ୍‌ଘାଟନକୁ ବୟକଟ୍ କରିଛି କଂଗ୍ରେସ। ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ମିଳିଥିବା ଆମନ୍ତ୍ରଣକୁ କଂଗ୍ରେସ ସିଧାସଳଖ ଅସ୍ୱୀକାର କରିଛି। ଅର୍ଦ୍ଧନିର୍ମିତ ରହିଛି ରାମ ମନ୍ଦିର। ଅଧୁରା ରାମ ମନ୍ଦିରର ହେଉଛି ଉଦ୍‌ଘାଟନ। ଆମ ଦେଶର ଲକ୍ଷ ଲକ୍ଷ ଲୋକେ ଭଗବାନ ରାମଙ୍କ ପୂଜା କରନ୍ତି। ଧର୍ମ ଏକ ବ୍ୟକ୍ତିଗତ ମାମଲା। କିନ୍ତୁ ଆରଏସ୍ଏସ୍ ଓ ବିଜେପି ଦୀର୍ଘ ଦିନ ହେଲା ଅଯୋଧ୍ୟା ରାମ ମନ୍ଦିରକୁ ରାଜନୈତିକ ପ୍ରଜୋକ୍ଟ ଭାବେ ବ୍ୟବହାର କରୁଛନ୍ତି। ବିଜେପି ଓ ଆରଏସ୍ଏସ୍ ▶▶ପୃଷ୍ଠା ୭

## ବାଲି ଉଠାଣରେ ହାଇକୋର୍ଟଙ୍କ ରୋକ୍




ଭୁବନେଶ୍ୱର, ୧୦ /୧ (ନି.ପ୍ର): ବାଲି ଉଠାଣ ଉପରେ ପୁଣି ରୋକ ଲଗାଇଛନ୍ତି ହାଇକୋର୍ଟ। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ୨୧ ତାରିଖରେ ବିଜ୍ଞପ୍ତି ଜାରି କରିଥିଲା ଖଣି ବିଭାଗ। ବାଲି ଉଠାଣ ଉପରେ ପୁଣି ରୋକ ଲଗାଇଛନ୍ତି ହାଇକୋର୍ଟ। ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ୨୧ ତାରିଖରେ ବିଜ୍ଞପ୍ତି ଜାରି କରିଥିଲା ଖଣି ବିଭାଗ। ଅତି ଆବଶ୍ୟକକୁ ଦୃଷ୍ଟିରେ ରଖି ଅନୁମତି ଦେଇଥିଲା ବିଭାଗ। ହାଇକୋର୍ଟଙ୍କ ରହିତାଦେଶ ସତ୍ତ୍ୱେ ଏଭଳି ବିଜ୍ଞପ୍ତି ଜାରି କରାଯାଇଥିଲା। ରହିତାଦେଶ ଜାରି ସତ୍ତ୍ୱେ ଖଣି ବିଭାଗ ବିଜ୍ଞପ୍ତି ଜାରି କରିଥିବାରୁ ଶୁଣାଣି ବେଳେ କ୍ଷୁବ୍ଧ ହୋଇଥିଲେ ହାଇକୋର୍ଟ। ବିଜ୍ଞପ୍ତି ଉପରେ ସାମୟିକ ଭାବେ ରହିତାଦେଶ ଲଗାଇବା ସହ ଫେବ୍ରୁଆରୀ ପ୍ରଥମ ସପ୍ତାହରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି କୋର୍ଟ। ଶୁଣାଣି ବେଳେ କଟକର କିଛି ବାଲିଘାଟର ଉଦାହରଣ ଦେବା ସହ ସାରାରାଜ୍ୟରେ ବାଲିଉଠାଣ ଉପରେ ରୋକ ଲଗାଇଛନ୍ତି ହାଇକୋର୍ଟ।

## ଖସିବ ପାରଦ, ବଢ଼ିବ ଶୀତ



ଭୁବନେଶ୍ୱର, ୧୦ /୧ (ନି.ପ୍ର): ରାଜ୍ୟରେ ବଢ଼ିବ ଶୀତର ପ୍ରକୋପ। ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ଖସିବ ରାତିର ତାପମାତ୍ରା। ରାଜ୍ୟରେ ଶୀତର ପ୍ରକୋପ ଆହୁରି ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ୩ ଦିନ ଯାଏଁ ପାଗରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ପରବର୍ତ୍ତୀ ସମୟରେ ବାୟୁ ଚଳାଚଳ ରେ ପରିବର୍ତ୍ତନ ହେତୁ ରାଜ୍ୟର ଅନେକ ସ୍ଥାନରେ ରାତ୍ରି ତାପମାତ୍ରାରେ ୨ ରୁ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବାରେ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆଜି ସକାଳେ ରାଜଧାନୀ ଭୁବନେଶ୍ୱର ସମେତ କେତେକ ସ୍ଥାନରେ ଘନ କୁହୁଡି ଦେଖିବାକୁ ମିଳିଥିଲା। ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଘନକୁହୁଡି ଯୋଗୁ ଗାଡି ଚଳାଚଳରେ ବାଧା ଉପୁଜିଛି। ସର୍ବନିମ୍ନ ଦୃଶ୍ୟମାନ ଦୂରତା ଶହେ ମିଟର ରେକର୍ଡ ହୋଇଛି। ଭୁବନେଶ୍ୱର ସମେତ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ମଧ୍ୟ କୁହୁଡି ହୋଇଥିବା ନେଇ ସୂଚନା ମିଳିଛି। ▶▶ପୃଷ୍ଠା ୭

## ସେନା ବନାମ ସେନା: ଉଦ୍ଧବ ଠାକରେଙ୍କୁ ବଡ଼ ଝଟକା, ସିନ୍ଦେ ସରକାରର ବିଜୟ



ନୂଆଦିଲ୍ଲୀ, ୧୦/୧ : ସୁପ୍ରିମକୋର୍ଟଙ୍କ ଛାଟ ପରେ ଶିବସେନା ବନାମ ଶିବସେନା ବିବାଦ ମଧ୍ୟରେ ବଡ଼ ନିଷ୍ପତ୍ତି ନେଇଛନ୍ତି ମହାରାଷ୍ଟ୍ରର ବିଧାନସଭା ବାଚସ୍ପତି ରାହୁଲ ନାରୱେକର। ସେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ତାଙ୍କ ସହ ଥିବା ବିଧାୟକଙ୍କ ପଦ କାଏମ ରଖିଛନ୍ତି। ସିନ୍ଦେ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା ବୋଲି ସେ କହିଛନ୍ତି। ଏଥିସହ ଉଦ୍ଧବ ଠାକରେଙ୍କ ସହ ଥିବା ବିଧାୟକମାନଙ୍କୁ ସେ ପ୍ରକୃତ ଶିବସେନାର ମାନ୍ୟତା ଦେଇ ନାହାନ୍ତି। ମହାରାଷ୍ଟ୍ରର ପ୍ରାୟ ୫୫ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦାବି ହୋଇଥିଲା। ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଥିଲା। ବାଚସ୍ପତି ସମୟ ଗଡ଼ାଇ ଚାଲିଥିବାରୁ ନିକଟରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ। ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ପ୍ରାୟ ୮ ମାସରୁ ଅଧିକ ଦିନ ହେଲା ଦାବି ହୋଇ ଆସୁଥିଲା। ତଥାପି ବାଚସ୍ପତି ରାହୁଲ ଚୁପ ରହିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ତୁରନ୍ତ ନିଷ୍ପତ୍ତି ନେବାକୁ କହିଥିଲେ। ଆଜି ବାଚସ୍ପତି ରାହୁଲ ଉଭୟ ପକ୍ଷରୁ ▶▶ପୃଷ୍ଠା ୭

## 'ନ୍ୟାୟ ଯାତ୍ରା' ଆରମ୍ଭ ପୂର୍ବରୁ ରାହୁଲଙ୍କୁ ଝଟକା: ମିଳିଲାନି ଅନୁମତି



ନୂଆଦିଲ୍ଲୀ, ୧୦/୧ : କଂଗ୍ରେସକୁ ଝଟ୍‌କା। ଅଡୁଆରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା। ଆରମ୍ଭ ପୂର୍ବରୁ ଲାଗିଲା ବ୍ରେକ୍। ମଣିପୁର ଇମ୍ଫାଲର ପ୍ରସିଦ୍ଧ କାଙ୍ଗଜେଇବୁଙ୍ଗ ପଡିଆରୁ ୧୪ ଜାନୁଆରୀ ଆରମ୍ଭ ହୋବକୁ ଥିବା ରାହୁଲଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାକୁ ଅନୁମତି ମିଳିନାହିଁ। ମଣିପୁରର ବିରେନ୍ ସିଂହ ସରକାର ଏହି ଯାତ୍ରାକୁ ଅନୁମତି ଦେବାକୁ ମନା କରି ଦେଇଛନ୍ତି। ଫଳରେ ଏହି ଯାତ୍ରା ଆରମ୍ଭ କରିବା ପାଇଁ କଂଗ୍ରେସକୁ ଆଉ ଏକ ବିକଳ୍ପ ରାସ୍ତା ଖୋଜିବାକୁ ପଡିବ। ମଣିପୁର କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ କଂଗ୍ରେସ ବିଧାୟକ କେ ମେଘଚନ୍ଦ୍ର, ଦଳର ନେତାଙ୍କ ଏକ ଟିମ୍ ସହ ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂହଙ୍କୁ ଭେଟିବାକୁ ଯାଇଥିଲେ। ସେ ସେଠାରୁ ଫେରିବା ପରେ ଏହି ନ୍ୟାୟ ଯାତ୍ରା ପାଇଁ ସରକାର ଅନୁମତି ଦେଇନଥିବା କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଲାଗି ରହିଥିବାରୁ ଏହି ଯାତ୍ରାକୁ ଅନୁମତି ଦିଆଯାଇନଥିବା କୁହାଯାଉଛି। ଅନୁମତି ନ ଦେବାକୁ ସରକାରଙ୍କ ନିଷ୍ପତ୍ତିକୁ ମେଘଚନ୍ଦ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ବର୍ତ୍ତମାନ ଥୋବାଲ ଜିଲ୍ଲାର ଖୋଙ୍ଗଜୋମରେ ଥିବା ଏକ ଘରୋଇ ସ୍ଥାନରୁ ଆସନ୍ତା ଜାନୁଆରୀ ୧୪ ତାରିଖରେ ନ୍ୟାୟ ଯାତ୍ରା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଅଲ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ନେତୃତ୍ୱରେ ଦଳ ଏକ ଘରୋଇ ସ୍ଥାନରେ କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି କଂଗ୍ରେସ ନେତା କହିଛନ୍ତି। ଆସନ୍ତା ୧୪ ତାରିଖରେ କଂଗ୍ରେସ ମଣିପୁରରୁ-ମୁମ୍ବାଇ ଯାଏଁ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିବ। ତେବେ ଏହି ଯାତ୍ରା ପ୍ରଥମେ ଇମ୍ଫାଲରୁ ଆରମ୍ଭ ହେବ। ଏହାର ନେତୃତ୍ୱ ରାହୁଲ ଗାନ୍ଧି ସମେତ ଏଆଇସିସିର ବରିଷ୍ଠ ନେତାମାନେ ନେବେ। ୬୫ ଦିନର ଏହି ଯାତ୍ରାରେ ୧୫ଟି ରାଜ୍ୟର ୬୭୦୦ କିଲୋମିଟର ଯାତ୍ରା କରିବ କଂଗ୍ରେସ। ତେବେ ଏହା ସମ୍ପୂର୍ଣ୍ଣ ପଦଯାତ୍ରା ହେବ ନାହିଁ। ଆସନ୍ତା ମାର୍ଚ୍ଚ ୨୦ ତାରିଖରେ ଏହି ଯାତ୍ରା ମୁମ୍ବାଇରେ ଶେଷ ହେବ।

## ଟାର୍ଗେଟ ୪୦୦ ଲୋକସଭା ସିଟୟ: ଜିତିବା ପାଇଁ ବିରୋଧୀ ସାଂସଦଙ୍କୁ ଆଣିବ ବିଜେପି

ନୂଆଦିଲ୍ଲୀ, ୧୦/୧ :ଦେଶର ୫୪୩ ଲୋକସଭା ଆସନରୁ ୨୦୨୪ ସାଧାରଣ ନିର୍ବାଚନରେ ୪୦୦ଟି ଜିତିବା ପାଇଁ ଟାର୍ଗେଟ ସେଟ କରିଛି କ୍ଷମତାସୀନ ବିଜେପି। ଏହି ଟାର୍ଗେଟକୁ ପୂରଣ କରିବା ପାଇଁ ବିଜେପି ସବୁ ପ୍ରକାରର ବିକଳ୍ପକୁ ଆପଣାଇବ। ଏପରି କି ଅନ୍ୟ ଦଳର ବରିଷ୍ଠ ନେତା ଓ ସାଂସଦମାନଙ୍କୁ ବିଜେପି ନିଜ ସହ ମିଶାଇବ ବୋଲି ଜଣାପଡ଼ିଛି। ମଙ୍ଗଳବାର ବିଜେପି ପକ୍ଷରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦଳର ସାଧାରଣ ସମ୍ପାଦକମାନଙ୍କୁ ଭିନ୍ନଭିନ୍ନ ଟ୍ୟାକ୍ସ ଦେଇଛନ୍ତି। ବିଜେପିର ସାଧାରଣ ସମ୍ପାଦକ ବିନୋଦ ତାୱ୍ଡେଙ୍କୁ ମିଶ୍ରଣ କମିଟି ବା ନିଯୁକ୍ତି କମିଟିର ଦାୟିତ୍ୱ ଦିଆଯାଇଛି। ଏହି କମିଟି ଅନ୍ୟ ଦଳର ବରିଷ୍ଠ ନେତା ଓ ସାଂସଦମାନଙ୍କୁ ବିଜେପିରେ ସାମିଲ କରିବ। ନିର୍ବାଚନ ମଣ୍ଡଳୀରେ ଜଣେ ନେତାଙ୍କ ପ୍ରଭାବକୁ ଦେଖି କମିଟି ସେ ବିଜେପିରେ ସାମିଲ ହେବେ କି ନାହିଁ, ତା'ର ନିଷ୍ପତ୍ତି ନେବ। ବିଶେଷ କରି ଯେଉଁ ନିର୍ବାଚନ ମଣ୍ଡଳୀରେ ବିଜେପିର ଜିତିବା ସମ୍ଭାବନା କମ, ସେଠାରେ ଅନ୍ୟ ଦଳର ନେତାଙ୍କୁ ପ୍ରାର୍ଥୀ କରିବାକୁ ଦଳ ଲକ୍ଷ୍ୟ ରଖିଛି। ସେହିପରି ୨୦୧୯ରେ ବିଜେପି ଯେଉଁ ୧୬୦ ଆସନରେ ହାରିଥିଲା, ତା' ଉପରେ ଫୋକସ କରିବାକୁ କମିଟିକୁ କୁହାଯାଇଛି। ସୂଚନାଯୋଗ୍ୟ, ଦେଶ ଇତିହାସରେ ଗୋଟିଏ ଥର ▶▶ପୃଷ୍ଠା ୭

# ସୂଚନା ତଥ୍ୟରୁ ଫିଟୁଛି ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରୀଙ୍କ ଗୁମର : ତଦନ୍ତ ଦାବି

ସାଲେପୁର, ୧୦/୧ (ନି.ପ୍ର): ସଠିକ୍ ସୂଚନା ତଥ୍ୟ ଦେବାକୁ ପଛ ଘୁଂଚା ଦେଉଛି ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ । ସୂଚନା ତଥ୍ୟ ପ୍ରଦାନ କଲେ ବ୍ଲକ ଶିକ୍ଷା ଅଧିକାରୀଙ୍କ ବହୁ ଗୁମର ପଦାରେ ପଡିବାର ଆଶଙ୍କା ରହିଛି । ତା. ୬.୧୧.୨୦୨୩ ରିଖରେ ଆଇନଜୀବୀ ଅଜୟ କୁମାର ସେଠୀ ଜିଲ୍ଲା ଶିକ୍ଷା ଅଧିକାରୀ କଟକଙ୍କ କାର୍ଯ୍ୟାଳୟକୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରୀଙ୍କ ସମ୍ପର୍କିତ ୮ଗୋଟି ତଥ୍ୟ ପାଇବାକୁ ଆବେଦନ କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂଚନା ତଥ୍ୟ ନଂ ୨୬୪୩, ତା.୨୬.୧୨.୨୦୨୩ ରିଖରେ ପ୍ରଦାନ କରାଯାଇଥିବା ତଥ୍ୟ ଅସମ୍ପୂର୍ଣ୍ଣ ରହିଥିବା ଜଣାପଡିଛି । ଏପରିକି ତା.୧୮.୧୨.୨୦୨୩ ରିଖରେ ଲିଗାଲ ନୋଟିସ୍ ଲୋକ ସୂଚନା ଅଧିକାରୀ ମାହାଙ୍ଗା ବ୍ଲକ ବି.ଇ.ଓ. କାର୍ଯ୍ୟାଳୟକୁ ଦିଆଯାଇଥିଲା ବେଳେ ଉକ୍ତ ଲିଗାଲ ନୋଟିସ୍କୁ ତା. ୧୫.୧୨.୨୦୨୩ ରିଖରେ ବି.ଇ.ଓ. କାର୍ଯ୍ୟାଳୟ ପାଇଥିବା ସୂଚନା ତଥ୍ୟରେ ଦର୍ଶାଯାଇଛି । ୧୮ ତାରିଖରେ ପଠାଯାଇଥିବା ନୋଟିସ୍କୁ ତିନି ଦିନ ପୂର୍ବରୁ କିଭଳି ବି.ଇ.ଓ. କାର୍ଯ୍ୟାଳୟ ପାଇଲେ ତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ତଥ୍ୟରେ ମଗାଯାଇଥିବା ଟୁର୍ ଟାଏରୀ ଓ ଟୁର ନୋଟିସ ୩.୧୦.୨୦୧୮ ରିଖରୁ ତା. ୩୧.୦୫.୨୦୨୧ ରିଖ ପର୍ଯ୍ୟନ୍ତ ତାହା ପ୍ରଦାନ କରାଯାଇ ନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ ତା.୩.୧୦.୨୦୧୮ ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ନମ୍ବର ୧୫୩୬୩ ଚକ୍ରଧର ବେହେରା ମାହାଙ୍ଗା ବ୍ଲକର ଶିକ୍ଷାଧିକାରୀ ଭାବେ ଯୋଗଦେଇ ବର୍ତମାନ କାର୍ଯ୍ୟରତ ଅଛନ୍ତି । ଏପରିକି ଏପ୍ରିଲ ୨୩ ଠାରୁ ଡିସେମ୍ବର ୨୩ ପର୍ଯ୍ୟନ୍ତ ଟୁର୍ ଡାଏରୀ ଓ ଟୁର୍ ନୋଟିସ ଦେଇ ନାହାଁନ୍ତି । ଅପରପକ୍ଷରେ ଗାଡି ଭଡା ଓ ତେଲ ପକାଇବା ବାବଦରେ ୪୪,୯୧୦ ଟଙ୍କା ଉଠାଇଥିବା ଜଣାପଡିଛି । ସେହିପରି ଜାନୁୟାରୀ ୨୧ ରୁ ମେ ୨୧ ପର୍ଯ୍ୟନ୍ତ ଟୁର୍ ଡାଏରୀ ଓ ଟୁର୍ ନୋଟିସର ତଥ୍ୟ ପ୍ରଦାନ କରିନଥିଲା ବେଳେ କାର୍ ଭଡା ଓ ତେଲ ପକାଇବା ବାବଦରେ ୨୪୯୫୦ ଟଙ୍କା ଉଠାଯାଇଥିବା ଜଣାପଡିଛି । ଅଫିସ ଖର୍ଚ୍ଚର ସୂଚନା ତଥ୍ୟ ସହିତ ୟୁସି ଏବଂ ଏସ୍.ଓ.ଇ. ତଥ୍ୟ ପ୍ରଦାନ କରିନାହାଁନ୍ତି । ବର୍ଷର ବିଭିନ୍ନ ସମୟରେ ଶିକ୍ଷକମାନଙ୍କୁ ଏଫ୍.ଏଲ୍.ଏନ୍. ପ୍ରଶିକ୍ଷଣ ଦିଆଯାଉଥିଲେ ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ ଏପରିକି ବ୍ୟାଙ୍କ ଷ୍ଟେଟମେଂଟ କପିର ନକଲ ପ୍ରଦାନ କରୁନାହାଁନ୍ତି । ସଂପୃକ୍ତ ଶିକ୍ଷାଧିକାରୀଙ୍କନାମରେ କୋର୍ଟରେ ମାମଲା ରହିଥିଲେ ମଧ୍ୟ ସେ ତଥ୍ୟ ଦେବାକୁ ଡରୁଛନ୍ତି । ଏକ୍ସ କ୍ୟାଡର ଶିକ୍ଷକମାନେ ନିୟମିତ ହୋଇଥିଲେ ମଧ୍ୟ ସେମାନଙ୍କର ସେବା ପୁସ୍ତକ ଅପଡ୍ରେଟ୍ ସଂପର୍କିତ ତଥ୍ୟ ମିଳୁନାହିଁ । ଯଦି ସଂପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ତେବେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କର ବହୁ ଗୁମର ପଦାରେ ପଡିଯିବ ବୋଲି ଏବେ ସର୍ବସାଧାରଣରେ ଚର୍ଚ୍ଚା ହେଉଛି । ଶିକ୍ଷାଧିକାରୀଙ୍କ ପଛରେ କାହାର ପ୍ରଚ୍ଛନ୍ନ ହାତ ରହିଛି କାହିଁକି ତାଙ୍କୁ ବଦଳି କରାଯାଉନାହିଁ ତାହା ସାଧାରଣରେ ଆଲୋଚନା ହେଉଛି । ଏଣୁ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ପୂର୍ବତଟ ରେଳବାଇ ଶ୍ରମିକ ସଂଘର ବିକ୍ଷୋଭ ଓ ଧାରଣା: ପୁରୁଣା ପେନ୍‌ସନ୍ ଦାବି



ରାୟଗଡ଼ା, ୧୦/୧ (ନି.ପ୍ର): ୨୦୦୪ ମସିହା ପରେ ଯେଉଁ ରେଳବାଇ କର୍ମଚାରୀମାନେ ନିଯୁକ୍ତ ପାଇଛନ୍ତି ସେମାନଙ୍କୁ ନୂତନ ପରିବର୍ତ୍ତେ ପୁରୁଣା ପେନସନ୍ ବ୍ୟବସ୍ଥାରେ ସାମିଲ କରିବା ଦାବି ନେଇ ଅଲ୍ ଇଣ୍ଡିଆ ରେଳବାଇ ଶ୍ରମିକ ୟୁନିୟନ୍ ଜୋନାଲ ସଂପାଦକ କମରେଡ୍ ଶ୍ରୀ ମିଶ୍ରା ଏବଂ ବିଶାଖାପାଟଣମ୍ ଜୋନାଲ ସଂପାଦକ ପି.କେ.ପାଢୀଙ୍କ ଆହ୍ୱାନରେ ପୂର୍ବତଟ ରେଳବାଇର ଓ୍ୱାଲଟିୟର ଡିଭିଜନ୍ ଅନ୍ତର୍ଗତ ପୂର୍ବତଟ ରେଳବାଇ ଶ୍ରମିକ ୟୁନିୟନ୍ ରାୟଗଡା ଶାଖା ପକ୍ଷରୁ ଆଜି ଶ୍ରମିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଧାରଣାରେ ପୂର୍ବତଟ ରେଳବାଇ ଶ୍ରମିକ ୟୁନିୟନ୍ ଜୋନାଲ ସହ-ସାଧାରଣ ସଂପାଦକ ଏବଂ ବିଶାଖାପାଟଣାମ୍ ଡେପୁଟି ଡିଭିଜନାଲ ସଂଯୋଜକ ଅଶୋକ କୁମାର ପାଢୀ ଏବଂ ରାୟଗଡା ଶାଖା ସଂପାଦକ ବି.ଏମ.କେ ରେଡ୍ଡିଙ୍କ ନେତୃତ୍ୱରେ ୟୁନିୟନର ଶତାଧିକ ସଦସ୍ୟ ତଥା ରେଳବାଇ କର୍ମଚାରୀମାନେ ଲାଗୁ ହୋଇଥିବା ବିଭାଗୀୟ ନୂଆ ପେନସନ୍ ବ୍ୟବସ୍ଥାକୁ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ରାୟଗଡ଼ା ଶାଖାରେ ୧୭୦୦ରୁ ଉର୍ଦ୍ଧ କର୍ମଚାରୀ କାର୍ଯ୍ୟରତ ଥିବା ବେଳେ ୧୧୦୦ଜଣ ନୂତନ ଏବଂ ୬୦୦ଜଣ ପୁରୁଣା କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ତେବେ ୨୦୦୪ବର୍ଷ ପୂର୍ବରୁ ରେଳବାଇ ପକ୍ଷରୁ ପ୍ରଦାନ କରାଯାଉଥିବା ପୁରୁଣା ପେନସନ୍ ବ୍ୟବସ୍ଥାରେ ପୁରୁଣା କର୍ମଚାରୀମାନେ ଉପକୃତ ହୋଇପାରୁଥିବା ବେଳେ ୨୦୦୪ବର୍ଷ ଠାରୁ ନିଯୁକ୍ତ ପାଇଥିବା ନୂତନ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହୋଇଥିବା ନୂତନ ପେନସନ୍ ବ୍ୟବସ୍ଥା ଯୋଗୁଁ ଅନେକ କର୍ମଚାରୀ ସିଧାସଳଖ ଭାବେ ପ୍ରଭାବିତ ହେବେ । ସେମାନଙ୍କ ଭବିଷ୍ୟତ ଅନ୍ଧାରରେ ଚାଲିଯିବ ତେଣୁ ସେମାନଙ୍କୁ ସାହାର୍ଯ୍ୟ କରିବା ସହ ନ୍ୟାର୍ଯ୍ୟ ଦାବିକୁ ସମର୍ଥନ କରିବା ପାଇଁ ଦାବି କରାଯାଇ ଧାରଣା ଦିଆଯାଇଛି ବୋଲି ଶ୍ରୀ ପାଢୀ ପ୍ରକାଶ କରିଛନ୍ତି । ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବବିଲି ଶାଖାର କେନ୍ଦ୍ରୀୟ କାର୍ଯ୍ୟାଳୟ ସଦସ୍ୟ ବି.ଭି.ରାମଣା, ସଂପାଦକ ଏସ.ରବି କୁମାରଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ ।

## ରିମୁଳି ଉପ ଡାକଘର ତାଲା ଭାଙ୍ଗି ଚୋରୀ

ଚମ୍ପୁଆ, ୧୦/୧ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଉପ ଡାକଘରୁ ଗତ ରାତିରେ ଚୋରି ହୋଇଥିବା ଜଣାପଡିଛି । ଏ ନେଇ ରିମୁଳି ପୋଷ୍ଟମାଷ୍ଟର ରିମୁଳି ଫାଣ୍ଡି ରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୯.୧୫ ସମୟରେ ରିମୁଳି ଉପ ଡାକଘରର ଜିଡିଏସ ପ୍ୟାକର ଧୀରେନ୍ଦ୍ର କୁମାର ଗିରି ଉପ ଡାକଘରେ ଆସି ପହଂଚିବା ସମୟରେ ଡାକଘରର କବାଟ ଅଧା ଖୋଲାଥିବା ଦେଖିବାକୁ ପାଇ ସେ ସ୍ଥାନୀୟ ଦୋକାନୀ ଙ୍କୁ ସେ ବିଷୟରେ ଜଣାଇବା ସହ ପୋଷ୍ଟ ମାଷ୍ଟରଙ୍କୁ ଫୋନ ଯୋଗେ ଜଣାଇଥିଲେ । ପୋଷ୍ଟମାଷ୍ଟର ନୟନ କୁମାର ପାଢ଼ୀ ଆସିବା ପରେ ସେ ଏ ନେଇ ତାଙ୍କ ଉଚ୍ଚ କର୍ତୃପକ୍ଷଙ୍କୁ ଜଣାଇବା ସହ ରିମୁଳି ଫାଣ୍ଡି ଠାରେ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ଚମ୍ପୁଆ ପୋଲିସ ଓ ସାଇଂଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଚୋରମାନେ ଉପ ଡାକ ଘର କବାଟ ଭାଙ୍ଗି ଟେବୁଲ ଡ୍ରୟାର ଓ ଆଲମାରୀକୁ ଭାଙ୍ଗି ଖୋଜା ଖୋଜି କରିଥିଲେ ମଧ୍ୟ ଟଙ୍କା କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ସାମଗ୍ରୀ ନପାଇ କମ୍ପ୍ୟୁଟର କୁ ଚୋରୀ କରିଥିବା ନେଇ ପୋଷ୍ଟ ମାଷ୍ଟର ନୟନ କୁମାର ପାଢ଼ୀ ସୂଚନା ଦେଇଛନ୍ତି । ତେବେ ଚମ୍ପୁଆ ଥାନା ଅଂଚଳରେ କ୍ରମାଗତ ଭାବରେ ଚୋରୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଚୋରମାନଙ୍କ ଆତଙ୍କ ଚମ୍ପୁଆ ପୋଲିସର ନିଦ ହଜାଇ ଦେଇଛି । ଯାହାକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି । ତେଣୁ ପୋଲିସ ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି ।

# ନରସିଂହଙ୍କ ପୌର ପରିଷଦ ସମୀକ୍ଷା

ବଲାଙ୍ଗୀର, ୧୦/୧ (ନି.ପ୍ର): ତିନିବର୍ଷରୁ ଉର୍ଦ୍ଧ ହେବ ବଲାଙ୍ଗୀର ପୌରାଂଚଳରେ ରହୁଥିବା ଭୂମିହୀନ ଗରିବଙ୍କୁ ଜାଗା ମିଶନ ମାଧ୍ୟମରେ ଜମି ଅଧିକାର ପତ୍ର ପ୍ରଦାନ କରାଯାଇଥିଲା କିନ୍ତୁ ଦୁଃଖର କଥା ଜମି ଅଧିକାର ପତ୍ର ପାଇବା ସତ୍ୱେ ମଧ୍ୟ ସହରାଂଚଳର ଅନେକ ଲୋକ ଆଜି ପର୍ଯ୍ୟନ୍ତ ଜମି କିମ୍ବା ବାସଗୃହ ପାଇନାହାନ୍ତି । ପଚାରିଲେ ଅଧିକାରୀ କହୁଛନ୍ତି ସର୍ଭେ ଚାଲିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ନା ସରକାରଙ୍କ ନା ସ୍ଥାନୀୟ ପୌର ପରିଷଦଙ୍କ ଗରିବଙ୍କୁ ଜାଗା ଓ ଘର ଦେବାରେ ଅନ୍ତରିକତା ଅଛି । କେତେବେଳେ ସର୍ଭେ କରିବା ବାହାନାରେ ତ କେତେବେଳେ ଅନ୍ୟ ବିଭାଗକୁ ଦୋଷ ଦେଇ ସମୟ ଗଡାଇ ଚାଲିଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ସରକାରଙ୍କ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଜାଗା ମିଶନ କାର୍ଯ୍ୟକ୍ରମ ପୌର ପରିଷଦର ଉଦାସିନତା ଯୋଗୁଁ ବଲାଙ୍ଗୀରରେ ସମ୍ପୂର୍ଣ୍ଣ ଫେଲ ମାରିଛି ବୋଲି ଆଜି ସ୍ଥାନୀୟ ସାର୍କିଟ ହାଉସ ଠାରେ ବଲାଙ୍ଗୀର ପୌର ପରିଷଦ କାର୍ଯ୍ୟର ସମୀକ୍ଷା ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି । ଶ୍ରୀ ମିଶ୍ର ଏହି ସମୀକ୍ଷା ବୈଠକରେ ଆହୁରି ମଧ୍ୟ କହିଛନ୍ତି ଯେ ମୁକ୍ତା ଯୋଜନା ଅଧିନରେ ସହରସାରା ନିର୍ମାଣ ହୋଇଥିବା ବର୍ଷା ଜଳ ସଂରକ୍ଷଣ ବ୍ୟବସ୍ଥାରେ ଘୋର ଦୁର୍ନିତି ହୋଇଛି । କୋଟି କୋଟି ଟଙ୍କାର ଏହି ଜଳ ସଂରକ୍ଷଣ ବ୍ୟବସ୍ଥା ଯେଉଁ ଜାଗାରେ ବି ନିର୍ମାଣ ହୋଇଛି ଆଜି ଯଦି ସେସବୁକୁ ଖୋଜାଯାଏ କୌଣସି ଜାଗାରେ ବି ତାର ଚିହ୍ନବର୍ଣ୍ଣ ମିଳିବ ନାହିଁ । ଠିକ୍ ସେହିପରି ହୋଡିଂ ଦୁର୍ନିତି, ମଶାତେଲ ଦୁର୍ନିତି, ପାଣିଛତ୍ର ଦୁର୍ନିତି, ଖେଳାସ୍ଥାନ ସୌନ୍ଦର୍ଯ୍ୟକରଣ ଦୁର୍ନିତିରେ ବଲାଙ୍ଗୀର ପୌର ପରିଷଦ ତଳରୁ ଉପର ଯାଏଁ ବୁଡି ସାରିଲେଣି । ଏସବୁକୁ ନେଇ ବିଧାୟକ ଶ୍ରୀ ମିଶ୍ର ପଚାରିଥିବା ପ୍ରଶ୍ନରେ ଜଣେ ବି ଅଧିକାରୀ ସଠିକ୍ ଉତର ଦେବା ଦେଖାଯାଇ ନଥିଲା । ମହାରାଣୀ ସାଗର, ଲକ୍ଷ୍ମୀଯୋର ଅଂଚଳରେ ବିଧାୟକ ଶ୍ରୀ ମିଶ୍ର ତାଙ୍କ ବିଧାନସଭା ମଣ୍ଡଳି ସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷାବେଳେ ସେଠାରେ ଗରିବ ଲୋକମାନଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ଉପରେ ପୌର ପରିଷଦ ତରଫରୁ କ'ଣ ପଦକ୍ଷେପ ନିଆଯାଇଛି ପଚାରିବାରୁ ଏ ସମ୍ବନ୍ଧରେ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଲେଖାଯାଇଛି ବୋଲି ଉପସ୍ଥିତ ଥିବା ପୌର ଅଧିକାରୀ ଉତର ରଖିଥିଲେ । ପୌର ପରିଷଦର ଅପାରଗତା ଯୋଗୁଁ ଲକ୍ଷ୍ମୀଯୋରରେ ମଇଳା ପାଣି ଓ ବର୍ଜ୍ୟବସ୍ତୁ ପଡୁଛି । ସେସବୁ ଯେମିତି ନପଡ଼ିବ ଏବଂ ନିୟମିତ ଭାବରେ ଲକ୍ଷ୍ମୀଯୋର ସହ ସହରର ମଧ୍ୟରେ ଥିବା ଡ୍ରେନଗୁଡ଼ିକ ସଫା କରାଯିବ ସେ ଉପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଉ ବୋଲି ଶ୍ରୀ ମିଶ୍ର କହିଥିଲେ । ମହାରାଣୀ ସାଗରକୁ ଆସିଥିବା ଅନୁଦାନ ଅମୃତ ଯୋଜନାରୁ କିପରି ଭାବରେ ପୁଣି ମୋ ପୋଖରୀ ଯୋଜନାକୁ ଆସିଲା ତା'ର ସବିଶେଷ ବିବରଣୀ ମାଗିବା ସହ ଯୋଜନା ଚୋରିକୁ ଲୁଚାଇବା ପାଇଁ ଚିଠିପତ୍ରରେ ଚଂଚକତା କରାଯାଇଥିବାର ପ୍ରମାଣ ମିଳୁଛି ବୋଲି ବିଧାୟକ ଶ୍ରୀ ମିଶ୍ର ବିଭାଗ ତରଫରୁ ସେଠାରେ ଦେଖାଯାଇଥିବା ଚିଠିଗୁଡ଼ିକ ଦେଖି କ୍ଷୋଭ ପ୍ରକାଶ କରିଥିଲେ । ଏହାସହ ପୌର ପରିଷଦ ତରଫରୁ ଗରିବ ଲୋକ ପାଉଥିବା ବିଭିନ୍ନ ଯୋଜନାରେ ଯେମିତି କୌଣସି ଦୁର୍ନିତି ନହେବ ସେ ଉପରେ ବିଶେଷ ଧାନ ଦେବା ପାଇଁ ଅଧିକାରୀମାନଙ୍କୁ ବିଧାୟକ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ବୈଠକରେ ବିଧାୟକଙ୍କ ପ୍ରତିନିଧି ଅଜୟ ବାଲି, ପୌର ନିର୍ବାହୀ ଅଧିକାରୀ ଶ୍ରୀମିଶ୍ର, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ଅନ୍ୟାନ୍ୟ ପୌର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରବାସୀ ଶ୍ରମିକ ସଚେତନତା ରଥର ଜିଲ୍ଲା ପରିକ୍ରମା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୦/୧ (ନି.ପ୍ର): ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ଉଦ୍‌ଘାଟନ କରିଛନ୍ତି । ଏହି ରଥଟି ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳ ବୁଲି ବାହାରେ ରହୁଥିବା ଏବଂ ବାହାରକୁ ଯାଉଥିବା ଶ୍ରମିକମାନଙ୍କୁ ଶ୍ରମିକ ଆଇନ ସଂପର୍କରେ ସଚେତନ କରାଇବ । ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ସଂର୍କରେ ଜାଣିବା ନିହାତି ଆବଶ୍ୟକ । ପ୍ରତ୍ୟେକ ଶ୍ରମିକକୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ । ଯେଉଁ ପତ୍ରରେ ସମସ୍ତ ବିବରଣୀ ରହିଥିବ ଯଥା, ଶ୍ରମିକର ଫଟୋ, ନାମ, କାର୍ଯ୍ୟସ୍ଥାନ, ନିଯୁକ୍ତି ଶ୍ରମ ପ୍ରସ୍ତାବ, ଦର ଏବଂ ମଜୁରୀ ଦେବା ପ୍ରଣାଳୀ, ସ୍ଥାନାନ୍ତର ଭତା, ଭେରନ୍ତା ଭଡ଼ା, କଟା ଯାଉଥିବା ପରିମାଣ ଆଦି ଉଲ୍ଲେଖ ରହିବ । ଶ୍ରମିକ ନେବା ନିମନ୍ତେ ଠିକାଦାରଙ୍କର ଗୋଟିଏ ଅନୁମତି ପତ୍ର ବା ଲାଇସେନ୍ସ ଥିବା ନିହାତି ଆବଶ୍ୟକ । ପ୍ରବାସୀ ଶ୍ରମିକ ନିଜର ନାମ, କେଉଁ ସ୍ଥାନକୁ କେତେଦିନ ଯିବେ ଏବଂ ଠିକାଦାର ଦ୍ୱାରା କିମ୍ବା ସ୍ୱଇଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧୀୟ ସୂଚନା ଗ୍ରାମ ସରପଂଚଙ୍କୁ ଜଣାନ୍ତୁ । ସ୍ତ୍ରୀ କିମ୍ବା ପୁରୁଷ ଶ୍ରମିକଙ୍କୁ ସମାନ କାମ ପାଇଁ ସମାନ ମଜୁରୀ ଓ ସର୍ବନିମ୍ନ ମଜୁରୀ ନିଷ୍ଚୟ ଦିଆଯିବ । ଶ୍ରମିକ ଶୋଷଣର ଶିକାର ହେଲେ ସଙ୍ଗେ ସଙ୍ଗେ ସଂପୃକ୍ତ ରାଜ୍ୟର ଶ୍ରମ ଅଧିକାରୀ କିମ୍ବା ନିଜ ରାଜ୍ୟର ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରନ୍ତୁ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ଡିଏଲ୍‌ସି ପ୍ରଦିପ କୁମାର ମହାନ୍ତି, ଡିଏଲଓ ଅଶୋକ କୁମାର ମୁର୍ମୁ, ଏଏଲ୍‌ଓ କନିସ୍କ ନାରାୟଣ, ଜ୍ୟୋତିରଞ୍ଜନ ପରିଡ଼ା, ଆଶୁତୋଷ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦକୁ ନେଇ ହତ୍ୟା : ୩ ଅଭିଯୁକ୍ତ ଗିରଫ

ଜୟପୁର, ୧୦/୧ (ନି.ପ୍ର): ମଦ ପାଇଁ ହତ୍ୟାକାଣ୍ଡ । କୋରାପୁଟ ଜିଲ୍ଲା ବୋରିଗୁମା ଥାନା ସାନ ଧୁବୁଲି ଅଂଚଳରେ ଘଟିଛି ଏଳଭି ଘଟଣା । ମାତ୍ର ୫ପକେଟ୍ ମଦ ପାଇଁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି । ହତ୍ୟା କରିଥିବା ୩ଜଣ ହତ୍ୟାକାରୀଙ୍କୁ କାବୁ କରି ଘଟଣାର ପର୍ଦାଫାସ କରିଛି ବୋରିଗୁମ୍ମା ପୋଲିସ । ହତ୍ୟାରେ ସମ୍ପୃକ୍ତ ଜଣେ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଦୁଇ ନାବାଳକକୁ ଜୁଭେଲାଇନ ଜଷ୍ଟିସ ନିକଟରେ ହାଜର କରାଯାଇଛି । ଆଜି ଏକ ପ୍ରେସମିଟରେ ଏନେଇ ସୂଚନା ଦେଇଛନ୍ତି ବୋରିଗୁମ୍ମା ଏସଡିପିଓ ଶୁଭେନ୍ଦୁ କୁମାର ଶବର । ପୋଲିସର ସୂଚନା ମୁତାବକ ଗତ ୩୦ ଡିସେମ୍ବର ସନ୍ଧ୍ୟାରେ ପୁରୁଣା ବୋରିଗୁମ୍ମା ଦେଶୀ ଭାଟିକୁ ଯାଇ ଏହି ୩ ଅଭିଯୁକ୍ତ ମାଗଣାରେ ମଦ ମାଗିଥିଲେ । ମାଗଣାରେ ମଦ ଦେବାକୁ ମନା କରିବାରୁ ଏଥିରେ ଉତକ୍ତ ହୋଇ କର୍ମଚାରୀଙ୍କୁ ଏକ କାଠ ଫାଳିଆ ଆକ୍ରମଣ କରି ହତ୍ୟା କରିଥିଲେ । ଏହି ଘଟଣାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ଚେଷ୍ଟା କରିଥିଲେ ଅଭିଯୁକ୍ତ । ପ୍ରଥମେ ମୃତ ବ୍ୟକ୍ତିଙ୍କ ମୃତ ଶରୀରକୁ ଘୋଷାଡି ଘୋଷାଡି ୧୦୦ ମିଟର ଦୂରରେ ଥିବା ସାନ ଦୁବୁଲି ପାଖର ଏକ କୂଅ ନିକଟକୁ ନେଇଥିଲେ । ସେଠାରେ ମୃତ ବ୍ୟକ୍ତିଙ୍କ ଶରୀରରେ କପଡ଼ା ଏବଂ ବଡ ପଥର ବାନ୍ଧି କୂଅ ଭିତରକୁ ଫିଙ୍ଗି ଦେଇଥିଲେ । ପରେ ମୃତ ବ୍ୟକ୍ତିଙ୍କ ବାଇକ ଏବଂ ମୋବାଇଲ ନେଇ ଚାଲିଯାଇଥିଲେ । ମୃତ ବ୍ୟକ୍ତି ଜଣକ ହେଲେ ବିହାର ରାଜ୍ୟର ଉମେଶ ଯାଦବ । ସେ କିଛି ବର୍ଷ ହେବ ପୁରୁଣା ବୋରିଗୁମ୍ମା ଦେଶୀ ଭାଟିରେ କାର୍ଯ୍ୟ କରୁଥିଲେ । ମୃତ ବ୍ୟକ୍ତିଙ୍କ ଚୋରି ବାଇକ୍ ଏବଂ ମୋବାଇଲ ହିଁ ପୋଲିସକୁ ଅଭିଯୁକ୍ତ ପାଖରେ ପହଂଚାଇଥିଲା । ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରେ ୨ ନାବାଳକ ଥିବା ବେଳେ ଜଣେ ସାବାଳକ ରାଣୀଗଡ଼ର ଅଜୟ ହରିଜନ ବୋଲି ବୋରିଗୁମ୍ମା ପୋଲିସ ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ା ରାଜସ୍ୱ ଅମଲା ସଂଘର କୃତଜ୍ଞତା

କେନ୍ଦ୍ରାପଡ଼ା, ୧୦/୧ (ନି.ପ୍ର): ରାଜସ୍ୱ ଅମଲା କର୍ମଚାରଙ୍କୁ ରାଜ୍ୟ ସରକାର ସେପାରେଟ୍ କ୍ୟାଡର୍ ଭାବେ ଘୋଷଣା କରିବା ପରେ ରାଜସ୍ୱ ଅମଲା ସଂଘର କେନ୍ଦ୍ରପଡ଼ା ଜିଲ୍ଲା ଶାଖାରେ ଖେଳି ଯାଇଛି ଖୁସିର ଲହରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍, ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ସଂଘର ଜିଲ୍ଲା ଖାଶା ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରାଯାଇଛି । ଏହାସହ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲା ମନୋଜ ରାୟ, ରବିନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ରଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ସୂଚନାଯୋଗ୍ୟ, ଓଡ଼ିଶା ରାଜସ୍ୱ ଅମଲା କର୍ମଚାରୀଙ୍କୁ ପୃଥକ ପାହ୍ୟା(ସେପାରେଟ୍ କ୍ୟାଡର୍) ଓ ଅନ୍ୟାନ୍ୟ ଦାବି ଘୋଷଣା ନେଇ ସଂଘ ୨୦୧୭ ମସିହାଠାରୁ ଆନ୍ଦୋଳନ କରିଆସୁଥିଲା । ୨୦୧୭ ମସିହାରେ ୨୧ ଦିନ ଓ ୨୦୧୮ ମସିହାରେ ୨୪ ଦିନ ଏହି ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଦ୍ୱାରା କଲମ ଛାଡ଼ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଯଥାକ୍ରମେ ଅନୁଷ୍ଠିତ ହୋଇଥିଲା । ସରକାର ରାଜସ୍ୱ ଅମଲା ସଂଘର ଏହି ଦାବିର ଯଥାର୍ଥତାକୁ ହୃଦୟଙ୍ଗମ କରି ଏବଂ ରାଜସ୍ୱ ଅମଲା ମାନଙ୍କର ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ଓ କାର୍ଯ୍ୟଭାରକୁ ଅନୁଭବ କରି ସେମାନଙ୍କ ଦାବିକୁ ମାନିନେଇଛନ୍ତି । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା ୬୯୮ ଯୋଗେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି ସେପାରେଟ୍ କ୍ୟାଡର୍ ଘୋଷଣା ପରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘ ଏକ ସାଧାରଣ ସଭାର ଆୟୋଜନ କରିଥିବା ବେଳେ ଏଥିରେ ଯୋଗ ଦେଇଥିବା ପୂର୍ବତନ ସଭାପତି ତଥା ଉପଦେଷ୍ଟା ଶ୍ରୀ ଦିନବନ୍ଧୁ ରଥ, ଉପଦେଷ୍ଟା ଦିବାକର ମହାନ୍ତି, ଜିଲ୍ଲା ସଭାପତି ସୁକାନ୍ତ କୁମାର ଜେନା, ରାଜ୍ୟ ଉପସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ସମ୍ପାଦକ ବିଭୂତି ଭୂଷଣ ବେହେରା, କାର୍ଯ୍ୟକାରୀ ସଭାପତି ରାଜେଶ ମହାନ୍ତି, ପ୍ରଦୀପ କୁମାର ଦାସ ଓ ସମସ୍ତ ସଭ୍ୟସଭ୍ୟା ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ଟି-ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧୦/୧ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ଦକ୍ଷତା ବିକାଶ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସାହା ପ୍ରାରମ୍ଭରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ମେଳାରେ ରାଜ୍ୟର ବିଭିନ୍ନ ଅଂଚଳରୁ ୪୦ ଗୋଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶ ଗ୍ରହଣ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କୁ ମଧ୍ୟରୁ ୫୭୬ ଜଣଙ୍କୁ ଏହି ସଂସ୍ଥାମାନେ ଚାକିରୀ ନିମନ୍ତେ ଚୟନ କରିଥିଲେ ।

# ଚାରୋଟି ଜିଲ୍ଲାର ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କଲେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ

ଭୁବନେଶ୍ୱର, ୧୦/୧ (ନି.ପ୍ର): ପଶ୍ଚିମ ଓଡିଶାର ୪ ଟି ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ । ଦେବଗଡ, ନୂଆପଡା, ଝାରସୁଗୁଡା, ସୁବର୍ଣ୍ଣପୁରର ବିଭିନ୍ନ ଲୋକାଭିମୁଖୀ ଭିତିଭୂମୀର ସମୀକ୍ଷା କରିବା ସହ ଭିନ୍ନ ଭିନ୍ନ ପ୍ରକଳ୍ପ ପାଇଁ ପରିଷଦ ପାଣ୍ଠିରୁ ଅନୁଦାନ ମଞ୍ଜୁର କରିଛନ୍ତି । ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ଜାତୀୟସ୍ତରୀୟ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ପରିଷଦ କାର୍ଯ୍ୟ କରିଆସୁଛି । ଜିଲ୍ଲାଠାରୁ ଗ୍ରାମପଂଚାୟତ ସ୍ତରରେ ମୌଳିକ ଭିତିଭୂମୀର ବିକାଶ ହୋଇପାରିଲେ ସାମାଜିକ, ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିବ ଓ ସମସ୍ତ ଭିତିଭୂମୀର ରକ୍ଷଣାବେକ୍ଷଣାକୁ ମଧ୍ୟ ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ପରିଷଦର ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି । ଆଜି ଖାରବେଳ ଭବନରେ ୪ ଟି ଜିଲ୍ଲାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ୪ ଟି ଜିଲ୍ଲାର ଜିଲ୍ଲାପାଳ ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ । ବୈଠକରେ ଝାରସୁଗୁଡା ଜିଲ୍ଲାର ବ୍ରଜରାଜନଗରରେ ୪୦୦ ଜଣ ବସିବା କ୍ଷମତା ବିଶିଷ୍ଟ ଏକ ଅଡିଟୋରିୟମ ନିର୍ମାଣ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିବାବେଳେ ଏହାର ସମୀକ୍ଷା କରି ପରିଷଦ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶୃତି ଦେଇଛନ୍ତି । ଉକ୍ତ ଅଡିଟୋରିୟମର ଛାତରେ ସୋଲାର୍ ପ୍ୟାନେଲ୍ ସଂଯୋଗ କରିବା ସହ ସମ୍ପୂର୍ଣ୍ଣ ଅଡିଟୋରିୟମକୁ ଶୂନ୍ୟ ନିର୍ଗମନ (ଜିରୋ ଏମିସନ୍) ଭିତିରେ ନିର୍ମାଣ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ବିନକା ଓ ଡୁଙ୍ଗୁରିପାଲୀ ବ୍ଲକରେ ଶବଦାହ ନିମନ୍ତେ ଶ୍ମଶାନ ସ୍ଥାନ ଚିହ୍ନଟ କରାଯାଇଛି । ଉକ୍ତ ସ୍ଥାନରେ ସ୍ୱର୍ଗଦ୍ୱାର ଭଳି ଭିତିଭୂମୀ ବିକାଶ କରିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଉକ୍ତ କ୍ଷେତ୍ରରେ ପରିମଳ ବ୍ୟବସ୍ଥା, ଜଳାଶୟ, ଶବଦାହ ପାଇଁ ବ୍ୟବହୃତ ସାମଗ୍ରୀ ଆଦିର ସୁବ୍ୟବସ୍ଥା କରିବା ପାଇଁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ସ୍ଥାନର ବିକାଶ ପାଇଁ ପ୍ରତ୍ୟେକ ୯୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି । ଅନ୍ୟପକ୍ଷେ ଶ୍ରୀ ତ୍ରିପାଠୀ ଜିଲ୍ଲାର ଖେଳାଳୀମାନଙ୍କ ଉଦ୍ଦେଶ୍ୟରେ ଷ୍ଟାଡିୟମର ଉନ୍ନତିକରଣ ଉପରେ ଧ୍ୟାନ ଦେଇଛନ୍ତି । ତରଭା ମିନି ଷ୍ଟାଡିୟମର ଭୂମି ବିକାଶ ଦିଗରେ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କୁ କହିଥିବାବେଳେ ଜିଲ୍ଲାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲାଇବ୍ରେରୀ ତଥା ରିଡିଂ ରୁମ୍ ନିର୍ମାଣ କରିବା ପାଇଁ ୮୩ ଲକ୍ଷ ୯୧ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଦେବଗଡ ଜିଲ୍ଲାରେ ଇ-ଲାଇବ୍ରେରୀ ନିର୍ମାଣ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇଛି । ଏହାକୁ ଜିଲ୍ଲା ପାଠାଗାର ଭାବେ ନିର୍ମାଣ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ ନୂଆପଡା ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସିନାପାଲି ବ୍ଲକରେ ଏକ ଟାଉନ୍ ହଲ୍ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି । ବୈଠକରେ ନୂଆପଡା ଜିଲ୍ଲାପାଳ ହେମକାନ୍ତ ସାଏ, ଦେବଗଡ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଝାରସୁଗୁଡା ଜିଲ୍ଲାପାଳ ଶ୍ରୀମତୀ ଏବୋଲି ସୁନୀଲ ନରବଣେ, ପରିଷଦର ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାଏକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଓଡ଼ିଶା ପରିବାର ସହଯୋଗରେ ଓ୍ୱାର୍ଦ୍ଧାରୁ ଫେରିଲା ଗଞ୍ଜାମର ସନ୍ତୋଷ କୁମାର ଭୂୟାଁଙ୍କ ମରଶରୀର

ଭୁବନେଶ୍ୱର, ୧୦/୧ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ତହସିଲର ଗୁଡ଼ିଆଳୀ ଗ୍ରାମର ସନ୍ତୋଷ କୁମାର ଭୂୟାଁ ସୁରଟରୁ ରେଳଯୋଗେ ନିଜ ଗ୍ରାମକୁ ଫେରୁଥିବା ସମୟରେ ଗତ ୭ ତାରିଖରେ ମହାରାଷ୍ଟ୍ରର ଓ୍ୱାର୍ଦ୍ଧା ନିକଟରେ ଅପମୃତ୍ୟୁର ଶିକାର ହୋଇଥିଲେ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ କବିସୂର୍ଯ୍ୟନଗର ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନଙ୍କଠାରୁ ଖବର ପାଇ ଓଡ଼ିଶା ପରିବାର ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱର୍ଗତଃ ଭୂୟାଁଙ୍କ ଶବକୁ ଓ୍ୱାର୍ଦ୍ଧାରୁ ଆଣି ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ ନିମନ୍ତେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରିଥିଲେ । ଜିଲ୍ଲା ପ୍ରଶାସନ ସହଯୋଗରେ ତାଙ୍କର ମରଶରୀର ଆମ୍ବୁଲାନ୍ସ ଯୋଗେ ତାଙ୍କ ପୈତୃକ ଗ୍ରାମକୁ ଅଣାଯାଇ ଆଜି ଶେଷକୃତ୍ୟ ସମ୍ପାଦନ କରାଯାଇଛି । ଏଥିନିମନ୍ତେ ବିଧାୟିକା ଶ୍ରୀମତୀ ଲତିକା ପ୍ରଧାନ ଓ ଗୁଡ଼ିଆଳୀ ସରପଂଚ ଯାଜ୍ଞସେନୀ ଭୂୟାଁ ଏବଂ ତାଙ୍କ ଅଂଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ସେହିପରି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ତହସିଲର ଲାଞ୍ଜି ଗ୍ରାମର ବିଷ୍ଣୁ ସୁନା କେରଳର ମୂଳରେକରାଠାରେ ଗତ ୮ ତାରିଖରେ ଏକ ବସ୍ ଦୁର୍ଘଟଣାରେ ଅକାଳ ମୃତ୍ୟୁର ଶିକାର ହୋଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀଙ୍କଠାରୁ ଖବରପାଇ ନିର୍ଦ୍ଦେଶକ ଶ୍ରୀ ରାଉତରାଏ ତ୍ୱରିତ ପଦକ୍ଷେପ ନେଇ ସ୍ୱର୍ଗତଃ ବିଷ୍ଣୁ ସୁନାଙ୍କ ମରଶରୀରକୁ କେରଳରୁ ଆଣି ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରିଛନ୍ତି ।

ପ୍ରକାଶଥାଉ କି, ରାଜ୍ୟ ବାହାରେ ଓ ବିଦେଶରେ ରହୁଥିବା ପ୍ରତ୍ୟେକ ଓଡ଼ିଆ ପରିବାର ସହିତ ଭାବଗତ ଓ ଆତ୍ମୀୟତାର ସମ୍ପର୍କ ସୃଷ୍ଟି କରି ସେମାନଙ୍କ ସହିତ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଭାବ ବିନିମୟ କରି ସେମାନଙ୍କ ବିପଦ ଆପଦରେ ସହଯୋଗର ହାତ ବାଢ଼ିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରତୀକ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଗଠନ ହୋଇଛି । ଏହି ନିର୍ଦ୍ଦେଶାଳୟ ପ୍ରବାସରେ ରହୁଥିବା ଓଡ଼ିଆ ପରିବାରମାନଙ୍କୁ ବିପଦ ଆପଦ ସମୟରେ ସହଯୋଗର ହାତ ବଢ଼ାଇ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି ।

# ଫ୍ୟାଶନରେ ଖଦି

**ରାଜନେତାଙ୍କ ପୋଷାକର ପରିଚୟ ମଧ୍ୟରୁ ଅନେକ ଦିନ ହେବ ବାହାରି ଆସିଛି ଖଦି। ପାରମ୍ପରିକ ହୋଇଥିଲେ ବି ସେଥିରେ ଲାଗିଛି ଆଧୁନିକତାର ସ୍ପର୍ଶ। ଖଦିର ଚାହିଦା ଘରୋଇ ବଜାରରୁ ପ୍ରସାରିତ ହୋଇ ଆନ୍ତର୍ଜାତିକ ବଜାରରେ ପହଞ୍ଚିଛି। ଅତୀତର ବିବର୍ଣ୍ଣ ଖଦି ଏବେ ଝଲସୁଛି ରଙ୍ଗରେ।**



ସ୍ୱଦେଶୀ ଆନ୍ଦୋଳନର ପ୍ରତୀକ ରାଜନେତାଙ୍କ ପୋଷାକର ପରିଚୟରୁ ଅନେକ ଦିନ ହେବ ବାହାରି ଆସିଛି। ଅତୀତରେ ଅତି ନିରସ ବୋଲି ମନେ କରାଯାଉଥିବା ଖଦି ଏବେ ବେଶ୍ ଫ୍ୟାଶନେବଲ ହୋଇଯାଇଛି। ସବୁ ବର୍ଗର ବ୍ୟକ୍ତିଙ୍କ ୱାର୍ଡ୍ରୋବରେ ସ୍ଥାନ ପାଇଛି ଖଦି। ଏଇ କିଛିବର୍ଷ ମଧ୍ୟରେ ଖଦିର ପାରମ୍ପରିକ ରୂପ ଏବଂ ଟେକ୍ସଚରରେ ମେକଓଭର ହେବା ସହିତ ଏହା ଏକ ଷ୍ଟାଇଲ ଷ୍ଟେଟମେଣ୍ଟ ପାଲଟିଛି। ଖଦି ଆଜି କେବଳ ଗରିବ ଲୋକଙ୍କ କପଡ଼ା ନୁହେଁ। ଖଦିକୁ ଫ୍ୟାଶନ ଜଗତ ସହିତ ପରିଚୟ କରାଇବାର ଶ୍ରେୟ ଯାଏ ଆମ ଦେଶର ଆଗଧାଡ଼ିର କେତେଜଣ ଡିଜାଇନରଙ୍କୁ ଯେଉଁମାନେ କେବଳ ଖଦିର ମେକଓଭର କରିନାହାନ୍ତି, ବରଂ ଏହାକୁ ବିଶ୍ୱସ୍ତରୀୟ କରିପାରିଛନ୍ତି। ଖଦିକୁ ନେଇ ଏଥରର ପ୍ରଚ୍ଛଦ...

## ସରକାରୀ କାର୍ଯ୍ୟାଳୟରେ ଖଦି

ଖଦିର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ସରକାରୀ ସ୍କୁଲରୁ ଆରମ୍ଭ କରି ଭାରତୀୟ ରେଳବାଇ, ପୁଲିସ, ଇଣ୍ଡିଆନ ଏୟାରଲାଇନ୍ସ ଏବଂ ସରକାରୀ ହସପିଟାଲ ଗୁଡ଼ିକରେ ଏହି ପ୍ରାକୃତିକ ଫ୍ୟାବ୍ରିକ (କପଡ଼ା)ର ବ୍ୟବହାର ଖୁବ୍ ଶୀଘ୍ର ଆରମ୍ଭ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେକ ଇନ ଇଣ୍ଡିଆ କ୍ୟାମ୍ପେନର ପ୍ରସାର ସମେତ ଗ୍ରାମ୍ୟ ଅର୍ଥନୀତିର ବିକାଶ ନିମନ୍ତେ ଖଦି ଏବଂ ଗ୍ରାମୋଦ୍ୟୋଗ ବିଭାଗ ଇତିମଧ୍ୟରେ କେତେଗୁଡ଼ିଏ ପଦକ୍ଷେପ ନେଇସାରିଛି। ଉଦାହରଣ ସ୍ୱରୂପ ସରକାରୀ ସ୍କୁଲଗୁଡ଼ିକରେ ଖଦି ପୋଷାକ ପ୍ରଚଳନ ପାଇଁ ମାନବ ସମ୍ପଦ ମନ୍ତ୍ରାଳୟକୁ ଚିଠି ଲେଖିଛି କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରାଳୟ। ଯଦି ଏହି ପ୍ରସ୍ତାବରେ ମାନବ ସମ୍ପଦ ମନ୍ତ୍ରାଳୟ ରାଜି ହୋଇଯାଏ ତେବେ ଅଳ୍ପଦିନ ମଧ୍ୟରେ ସରକାରୀ ସ୍କୁଲର ପିଲାମାନଙ୍କୁ ଖଦି ପୋଷାକ ପିନ୍ଧିବାର ଦେଖିବାକୁ ମିଳିବ। ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଖଦିର ବ୍ୟବହାର ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ମନ୍ତ୍ରାଳୟ। ଏହି ମନ୍ତ୍ରାଳୟ ଅନୁସାରେ ସରକାରୀ ସ୍କୁଲର ୟୁନିଫର୍ମ ଭାବେ ଖଦିର ବ୍ୟବହାର ହୋଇପାରିଲେ ଖଦିର ବଜାର ଅତି ବ୍ୟାପକ ହୋଇପାରିବ। ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ। ଖଦି ପୋଷାକରେ ସରକାରୀ ସ୍କୁଲର ପିଲାମାନେ ବି ବେସରକାରୀ ସ୍କୁଲ ପିଲାଙ୍କ ଭଳି ସ୍ମାର୍ଟ ଏବଂ ଷ୍ଟାଇଲିଶ୍ ଲାଗିବେ। ଖଦି ଏବଂ ଗ୍ରାମୋଦ୍ୟୋଗ କମିଶନ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଷ୍ଟାଇଲିଶ୍ ଖଦି କୁର୍ତ୍ତାରେ ଦେଖିବା ପରେ ଖଦି ପ୍ରତି ଲୋକଙ୍କ ମନରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ କର୍ମଚାରୀମାନେ ମଧ୍ୟ ଖଦିର ୟୁନିଫର୍ମ ପ୍ରଚଳନ କରିବା ସପକ୍ଷରେ ରାୟ ଦେଇଛନ୍ତି।

## ବଢ଼ିଛି ଆଗ୍ରହ

ଖଦିରେ ରଙ୍ଗର ସ୍ପର୍ଶ ବାଜିବା ପରଠାରୁ ଏହା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏହାକୁ ଲକ୍ଷ୍ୟ କରି ନାମୀଦାମୀ ପୋଷାକ ବ୍ରାଣ୍ଡ ମଧ୍ୟ ଖଦିର ଡିଜାଇନର ପୋଷାକ ପ୍ରସ୍ତୁତ କରୁଛନ୍ତି। ସବୁଠୁ ବଡ଼ କଥା ହେଲା ଖଦି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ସବୁଠୁ ଅଧିକ ପରିଲକ୍ଷିତ ହୋଇଛି। ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପ୍ରସ୍ତୁତ କରୁଥିବା



ଏଇ ବଡ଼ ବ୍ରାଣ୍ଡ 'ଫ୍ୟାବ ଇଣ୍ଡିଆ' ଏହାର ପ୍ରାୟ ସମସ୍ତ ବିକ୍ରୟ କେନ୍ଦ୍ରରେ ଖଦିକୁ ବେଶ୍ ପ୍ରାଧାନ୍ୟ ଦେଇଛି। ଫ୍ୟାବ୍ ଇଣ୍ଡିଆରେ ଉପଲବ୍ଧ ହେଉଥିବା ଅନ୍ୟ ସମସ୍ତ ହସ୍ତତନ୍ତ ତୁଳନାରେ ଖଦି ଫ୍ରାବ୍ରିକର ବିକ୍ରି ଏବେ ସବୁଠୁ ଅଧିକ। ଫ୍ୟାବ ଇଣ୍ଡିଆର ମହିଳା ପୋଷାକ ବିଭାଗର କ୍ରିଏଟିଭ ଡାଇରେକ୍ଟର ଅନୁରାଧା କୁମାରଙ୍କ ଅନୁସାରେ କଟନ ଖଦି ପ୍ରତି ଲୋକଙ୍କ ଆଗ୍ରହ ସର୍ବାଧିକ। ଗତ ପାଞ୍ଚ ବର୍ଷ ମଧ୍ୟରେ ଫ୍ୟାବ ଇଣ୍ଡିଆରେ ଖଦି ପୋଷାକର ବିକ୍ରି ତିନିଗୁଣ ବୃଦ୍ଧି ପାଇଛି। ସେ ଏହା ବି କହନ୍ତି ଯେ ଉଭୟ ମହିଳା ଓ ପୁରୁଷଙ୍କ ପୋଷାରକରେ ଖଦିର କ୍ଲାସିକ କୁର୍ତ୍ତାର ବିକ୍ରି ସବୁବେଳେ ଅଧିକ। ଛୋଟଛୋଟ ସହରର ଅନେକ ଡିଜାଇନର ଏବେ ନିଜସ୍ୱ ଡିଜାଇନରେ ଖଦିର ପ୍ରୟୋଗକୁ ଗୁରୁତ୍ୱ ଦେଉଛନ୍ତି। ଫ୍ୟାବ୍ ଇଣ୍ଡିଆକୁ ବାଦ ଦେଲେ ବିବା, ଅରୋଲିଆ, ଗ୍ଲୋବାଲ ଦେଶୀ ଆଦି ଫ୍ୟାଶନ ବ୍ରାଣ୍ଡଗୁଡ଼ିକ ମଧ୍ୟ ଅନ୍ୟାନ୍ୟ ଫ୍ୟାବ୍ରିକ ସହିତ ଖଦିର ପୋଷାକ ପ୍ରସ୍ତୁତ କରୁଛନ୍ତି। ସପରଷ୍ଟପ ୱେଷ୍ଟସାଇଟ, ସେଣ୍ଟ୍ରାଲ ରିଲାଏନ୍ସ ଟ୍ରେଣ୍ଡ ପାଣ୍ଟାଲୁନ୍ସ ଭଳି ମଲଗୁଡ଼ିକ ମଧ୍ୟ ନିଜସ୍ୱ ବ୍ରାଣ୍ଡର ଖଦି ପୋଷାକ ବିକ୍ରି କାରୁଛନ୍ତି। କେବଳା କୁର୍ତ୍ତା ନୁହେଁ, ଖଦି ଏବେ ଶାଢ଼ି, ସ୍କର୍ଟ, ପ୍ୟାଣ୍ଟ, ସାର୍ଟ, ସ୍କାର୍ଫ, ଜ୍ୟାକେଟ, ଘାଘରା, ପାଲାଜୋ, କ୍ୟୁଲେଟୋ, ଡମ୍ପସୁଟ, ଟ୍ୟୁନିକ ଆଦି ରୂପରେ ବିକ୍ରି ହେଉଛି।

## ଭିନ୍ନ ଭିନ୍ନ ରୂପରେ ଆସୁଛି...

ଖଦି କେବଳ କଟନ ଫ୍ରାବ୍ରିକରେ ସିମିତ ରହିନି। ଡିଜାଇନରମାନଙ୍କ ସହିତ ପ୍ରତିଷ୍ଠିତ ପୋଷାକ କମ୍ପାନି ଏବେ ଖଦିର ଫ୍ୟାବ୍ରିକରେ ଅନ୍ୟ ଫ୍ୟାବ୍ରିକ ମିଶାଇ ଏହାର ଆଗରୁ କେବଳ ଗୋଟିଏ ବା ଦୁଇଟି

ଟେକ୍ସଚର, ରଙ୍ଗ ଆଦିରେ ଯଥେଷ୍ଟ ପରିବର୍ତ୍ତନ ଆଣି ପାରିଛନ୍ତି। ଉଦାହରଣ ସ୍ୱରୂପ ଏବେ ବଜାରରେ ସିଲ୍କ ଖଦି, ଟସର ଖଦି, ମଟକା ଖଦି, କଟନ ବେଲ୍‌ଣ୍ଡେଡ୍ ଖଦି, ପଲିଷ୍ଟର ଖଦି, କାଣ୍ଟିଆ ଖଦି, ସିଲ୍କ-କଟନ ଖଦି ଆଦି ଉପଲବ୍ଧ।



ରଙ୍ଗରେ ଉପଲବ୍ଧ। ଫ୍ୟାବଇଣ୍ଡିଆର ଡିଜାଇନରମାନଙ୍କ ଅନୁସାରେ ସେମାନେ ଖଦିକୁ ସମସାମୟିକ ଡିଜାଇନ ସହିତମିଶାଇ ପାରିଛନ୍ତି। ଖଦି ପ୍ରତି ଲେକାଙ୍କ ମାନସିକତାର ପରିବର୍ତ୍ତନ ଆଣିବା ପାଇଁ ଏହାକୁ ବ୍ରାଣ୍ଡିଂ କରାଯାଇ ବିକ୍ରି କରାଯାଉଛି। ଖଦି କେବଳ ପୋଷାକ ମଧ୍ୟରେ ସୀମିତ ରହିନି। ଏହା ବିଭିନ୍ନ ହସ୍ତଶିଳ୍ପ, ଜୋତା, ଘରସଜା ଉପକରଣ ମଧ୍ୟରେ ନିଜ କଳେବର ବୃଦ୍ଧି କରିପାରିଛି।

## ପ୍ରସାରିତ ହେଉଛି ବ୍ୟବସାୟ

ଗତ ଦୁଇବର୍ଷ ମଧ୍ୟରେ ସ୍ୱଳ୍ପ ବୃଷ୍ଟି କାରଣରୁ ଗ୍ରାମୀଣ ବିକ୍ରି ପରିମାଣ ହ୍ରାସ ପାଇଛି ବୋଲି ଭାରତୀୟ ଶିଳ୍ପ ଜଗତ କହୁଥିବା ବେଳେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ କିନ୍ତୁ ବେଶ୍ ଲାଭବାନ ହୋଇପାରିଛି। ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଦ୍ୱାରା ପ୍ରସ୍ତୁତ ମହୁ, ସାବୁନ, ଖାଦ୍ୟଦ୍ରବ୍ୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ବିକ୍ରି ଉଲ୍ଲେଖନୀୟ ହୋଇପାରିଛି। ଖଦି ଏବଂ ଗ୍ରାମୋଦ୍ୟୋଗ ବିଭାଗର ବିକ୍ରି ୨୦୧୫-୧୬ ସୁଦ୍ଧା ୧୪% ବୃଦ୍ଧିପାଇଛି।

## ଡିଜାଇନର ଦେଉଛନ୍ତି ଗୁରୁତ୍ୱ

ଖଦିର ଲୋକପ୍ରିୟତା ବୃଦ୍ଧି ପାଇବା ପଛରେ ଭାରତୀୟ ଡିଜାଇନରମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ଏହି ଡିଜାଇନରମାନଙ୍କ ପେସାଦାର ମନୋବୃତ୍ତି କାରଣରୁ ଖଦି ଆଜି ଭାରତର ସୀମା ପାର କରି ବିଦେଶରେ ପହଞ୍ଚି ପାରିଛି। ନେଟ, ଜର୍ଜେଟ, ଫିନକୁ ଟକ୍କର ଦଇେ ଖଦି ବି ର୍‌ୟାମ୍ପ ଶୋରେ ସ୍ଥାନ ନେଇ ପାରିଛି। ଖଦିକୁ ବିଶ୍ୱ ସ୍ତରରେ ଲୋକପ୍ରିୟ କରିପାରିଥିବା ଡିଜାଇନରମାନଙ୍କ ମଧ୍ୟରେ ଅନ୍ୟତମ ହେଲେ ଗୌରାଙ୍ଗ ଶାହ। ୨୦୧୨ ମସିହାରେ ପ୍ରଥମ ଭାରତୀୟ ଡିଜାଇନର ଭାବେ ସେ ବର୍ଲିନ ଫ୍ୟାଶନ ୱିକ ଏବଂ ନ୍ୟୁୟର୍କ ଫ୍ୟାଶନ ୱିକରେ ଖଦିର ନିଜସ୍ୱ ଡିଜାଇନ ପ୍ରଦର୍ଶନ କରିଥିଲେ। ତାଙ୍କ ପୂର୍ବରୁ ଯଦିଓ ଭାରତୀୟ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ପୋଷାକ ଆନ୍ତର୍ଜାତିକ ସପ୍ତାହରେ ପ୍ରଦର୍ଶିତ ହୋଇ ନଥିଲା ଖଦି ବସ୍ତ୍ର। ଖଦି ପୋଷାକରୁ ନେଇ ଗୌରାଙ୍ଗ କୁହନ୍ତି ସେ ଯେତେବେଳେ ଫ୍ୟାଶନରେ କ୍ୟାରିଅର ଆରମ୍ଭ କଲେ ସେତେବେଳେ ଖଦିକୁ ନେଇ ଫ୍ୟାଶନ ସ୍ଥାନ ଦେବା ଥିଲା କଳ୍ପନା ବାହାରେ। ମାତ୍ର ଡିଜାଇନରମାନଙ୍କ ନୂଆ ଚିନ୍ତାଧାରା ଏବଂ ଯୁବପିଢ଼ିଙ୍କ ବେଶୀ ଫ୍ୟାବ୍ରିକ ପ୍ରତି ଆଗ୍ରହ ଖଦିର ମେକଓଭର ପାଇଁ ସହାୟକ ହୋଇପାରିଲା। ଖଦି ଏବେ ଯୁବପିଢ଼ିଙ୍କୁ ଅର୍ଗାଣ୍ଡି, ବ୍ରାସୋ ଭଳି ଫ୍ୟାବ୍ରିକର ବିକଳ୍ପ ହୋଇପାରିଛି ଖଦି। ୱେଣ୍ଡେଲ ରଡ୍ରିକ୍ସ, ରିତୁ କୁମାର, ସବ୍ୟସାଚୀ ମୁଖାର୍ଜି, ରାହୁଲ ମିଶ୍ରା, ଜେଜେ ଭାଲ୍ୟା, ଶାନ୍ତନୁ ନିଖିଲ, ରୋହିତ ବଲ, ରାଜେଶ ପ୍ରତାପ ସିଂ ଏବଂ ଆନନ୍ଦ କାବ୍ରାଙ୍କ ଭଳି ପ୍ରତିଷ୍ଠିତ ଡିଜାଇନରମାନେ ନିଜ କଲେକ୍ସନରେ ଖଦି ପୋଷାକର ପ୍ରୟୋଗ କରୁଛନ୍ତି। ଏହି ଡିଜାଇନରମାନେ ଖଦିରେ ଆଧୁନିକ ସ୍ପର୍ଶ ଦେବା ଫଳରେ ଏହା ଯୁବପିଢ଼ିଙ୍କ ଷ୍ଟାଇଲ ଷ୍ଟେଟମେଣ୍ଟ ପାଲଟିଛି। ଖଦିର ଲୋକପ୍ରିୟତାକୁ ଆହୁରି ଦୁଇପାଦ ଆଗେଇ ନେଇଛି 'ଲ୍ୟାକମେ ଫ୍ୟାଶନ ୱିକ' ଏବଂ ୱିଲ୍ସ ଲାଇଫଷ୍ଟାଇଲଇଣ୍ଡିଆ ଫ୍ୟାଶନ ୱିକ। ଏହି ଦୁଇଟି ଫ୍ୟାଶନ ୱିକରେ ନିଜ ନିଜର କଲେକ୍ସନ ପ୍ରଦର୍ଶନ କରିଥିବା ଡିଜାଇନାରମାନଙ୍କ କହିବା କଥା ଥିଲା ସେମାନଙ୍କ ଦ୍ୱାରା ଡିଜାଇନ ହୋଇଥିବା ଅନ୍ୟ ପୋଷାକ ତୁଳନାରେ ଖଦି ପୋଷାକକୁ ଦର୍ଶକମାନେ ଅଧିକ ପସନ୍ଦ କରିଥିଲେ। କାରଣ ଯଦି ପୋଷାକରେ ଉଭୟ ପାରମ୍ପରିକ ଏବଂ ଆଧୁନିକତାର ସ୍ପର୍ଶ ଥିଲା। କେବଳ ମଡ଼େଲ ନୁହନ୍ତି, ବଲିଉଡ୍ ତାରକାମାନେ ମଧ୍ୟ ଖଦି ପୋଷାକ ପିନ୍ଧି ର୍‌ୟାମ୍ପ ସୋ ଷ୍ଟପର ସାଜୁଛନ୍ତି। ଏହା ବ୍ୟତୀତ ଡିଜାଇନରମାନେ ଖଦିରେ ଇଣ୍ଡୋ-ୱେଷ୍ଟର୍ଣ୍ଣ ପ୍ୟାଟର୍ଣ୍ଣ ପ୍ରସ୍ତୁତ କରିପାରୁଥିବାରୁ ଉଚ୍ଚ ଆୟବର୍ଗର ଲୋକମାନଙ୍କ ପାଖରେ ଏହା ଦିନକୁ ଦିନ ଅଧିକ ଆଦୃତ ହେଉଛି। ବିଶେଷକରି ଫ୍ୟାଶନିଷ୍ଟମାନଙ୍କ ପାଖରେତ ଖଦିର ଫ୍ୟାଶନେବଲ ଲଙ୍ଗ କୁର୍ତ୍ତା, ଜ୍ୟାକେଟ, ପାଲାଜୋ ଆଦିର ଚାହିଦା ବଢ଼ିଚାଲିଛି। ସୂଚନାଯୋଗ୍ୟ ଯେ ନ୍ୟୁରେମବର୍ଗ ଠାରେ ଆୟୋଜିତ ବିଶ୍ୱର ସବୁଠୁ ବଡ଼ ଅର୍ଗାନିକ ମେଳାରେ ନିଜର ଖଦି କଲେକ୍ସନର ପ୍ରଦର୍ଶନ ପାଇଁ ଭାରତୀୟ ଡିଜାଇନର ୱେଣ୍ଡେଲ ରଡ୍ରିକ୍ସଙ୍କୁ ଆମନ୍ତ୍ରଣ ମିଳିଥିଲା। ଏହା ଖଦିର ସୁନେଲି ଭବିଷ୍ୟତ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି ମନେ କରନ୍ତି ରଡ୍ରିକ୍ସଙ୍କ ସମେତ ବହୁ ଭାରତୀୟ ଡିଜାଇନର।



# ଶୀତ ଋତୁରେ ହର୍ବାଲ ଟି'ର ଉପକାରିତା: ଇମ୍ୟୁନିଟି ବଢାଇବା ସହ ଦେବ ଭରପୂର ଏନର୍ଜି

ଶୀତ ଋତୁ ମାନେ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବା। ଏହି ଋତୁରେ ଥଣ୍ଡା ତ ହୋଇଥାଏ। କିନ୍ତୁ ଏହାକୁ ଏଡାଇବା ପାଇଁ ଅଧିକାଂଶ ସମାଧାନ ଆମ ରୋଷେଇ ଘରେ ଉପଲବ୍ଧ ଥାଏ । ଏଗୁଡ଼ିକରେ ବ୍ୟବହୃତ କେତେକ ପଦାର୍ଥ ପ୍ରତିରୋଧକ ଶକ୍ତି ବଢାଏ। ଏବଂ କେତେକ କାଶ ଏବଂ ଶୀତରୁ ମୁକ୍ତି ପ୍ରଦାନ କରନ୍ତି । ଆଉ କେତେକ ଓଜନ ହ୍ରାସ କରୁଥିବାବେଳେ ଅନ୍ୟମାନେ ପେଟ ସମସ୍ୟା ଦୂର କରାଏ । ଆସନ୍ତୁ ଜାଣିବା ଏହିପରି କିଛି ହର୍ବାଲ୍ ଚା ରେସିପି ଯାହା ଆମ ରୋଷେଇ ଘରେ ସହଜରେ ଉପଲବ୍ଧ ଉପାଦାନରୁ ପ୍ରସ୍ତୁତ କରାଯାଇପାରିବ ।

ଲେମନ ଗ୍ରାସ ଏବଂ ଅଦା ଚା '– ଏଥିପାଇଁ କିଛି ଲେମନ ଗ୍ରାସ , ଅଦାକୁ ଭାଙ୍ଗନ୍ତୁ, ପାଣିରେ ପକାନ୍ତୁ ଏବଂ ଉଭୟକୁ ଫୁଟାନ୍ତୁ । ଏଥିରେ କିଛି ଲବଙ୍ଗ ମିଶାନ୍ତୁ ଏବଂ କିଛି ସମୟ ଫୁଟିବା ପରେ ଫିଲ୍ଟର କରି ପିଅନ୍ତୁ । ଯଦି ସ୍ୱାଦ କଡା ଲାଗେ ତେବେ ଟିକିଏ ଗୁଣ୍ଡଡ ମିଶାନ୍ତୁ । ଶୀତଦିନେ ଏହା ଗଳାକୁ ବହୁତ ଆରାମ ଦେଇଥାଏ ଏବଂ ପେଟ ପାଇଁ ମଧ୍ୟ ଭଲ ରୁହେ।

ମହୁ, ଲେମ୍ବୁ ଏବଂ ଟରମିକ ଚା– ଏହି ଚାକୁ ଶୀତରେ ଅମୃତ କୁହାଯାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ କିଛି ଗୋଲମରିଚ ଗୁଣ୍ଡ କରି ଏକ କଞ୍ଚା ହଳଦିକୁ ଛୋଟ ଛୋଟ ଖଣ୍ଡ କରି ପାଣିରେ ଫୁଟାନ୍ତୁ । କିଛି ସମୟ ପରେ ଏହାକୁ ଫିଲ୍ଟର୍ କରନ୍ତୁ ଏବଂ ଉପରେ ଲେମ୍ବୁ ଏବଂ ମହୁ ମିଶାଇ ପିଅନ୍ତୁ । ଏହା ଶୀତଦିନେ ରାମବାଣ ଭଳି କାମ କରେ ।

ତୁଳସୀ ଚା– ତୁଳସୀ ଚା'ର ଉପକାର ଅସଂଖ୍ୟ । ଏହାକୁ ନିୟମିତ ଚା'ରେ କରି ପିଇଲେ ଆପଣଙ୍କ ପାଇଁ ଲାଭ ହୋଇପାରେ। ଏହା କେବଳ ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ଚର୍ମ ପାଇଁ ମଧ୍ୟ ବହୁତ ଭଲ ଅଟେ। ଚା ତିଆରି କରିବା ପାଇଁ ଏକ ପାତ୍ରରେ ତୁଳସୀ ପତ୍ର ଫୁଟାନ୍ତୁ ଏବଂ ଫିଲ୍ଟର କରିବା ପରେ ଗୋଟିଏ ଚାମଚ ମହୁ ଏବଂ ଲେମ୍ବୁ ରସ ମିଶାଇ ପିଅନ୍ତୁ ।



# ଶ୍ରୀରାଧା ଦାମୋଦର ମନ୍ଦିର



ବୃନ୍ଦାବନର ଶ୍ରୀରାଧା ଦାମୋଦର ମନ୍ଦିର ବହୁ ପ୍ରାଚୀନ। ଏହି ମନ୍ଦିର ପରିକ୍ରମା କଲେ ଗିରିରାଜ ଗୋବର୍ଦ୍ଧନ ପରିକ୍ରମାର ଫଳ ପ୍ରାପ୍ତିହୁଏ ବୋଲି ବିଶ୍ୱାସ ରହିଛି। ଏହା ଶାଢ଼େ ଚାରିଶହ ବର୍ଷ ପୁରୁଣା ମନ୍ଦିର। ମାଘ ଶୁକ୍ଳପକ୍ଷ ଦଶମୀରେ ଶ୍ରୀରୂପ ଗୋସ୍ୱାମୀ ଏଠାରେ ରାଧା ଦାମୋଦରଙ୍କ ବିଗ୍ରହ ସ୍ଥାପନା କରିଥିଲେ। କିମ୍ବଦନ୍ତୀ କହେ, ପ୍ରଥମେ ସନାତନ ଗୋସ୍ୱାମୀ ନ୍ଦିର ଚାରିପାଖ ପ୍ରଦକ୍ଷିଣ କରୁଥିଲେ। ବୃଦ୍ଧାବସ୍ଥା ଉପନୀତ ହୁଅନ୍ତେ, ସେ ମନ୍ଦିର ପରିକ୍ରମା କରିପାରିଲେ ନାହିଁ। ଏହା ଦେଖି ଭଗବାନ ନିଜେ ବାଳକ ରୂପରେ ପ୍ରକଟ ହେଲେ। ସେ ଗୋସ୍ୱାମୀଙ୍କୁ ଦେଢ଼ ହାତ ଲମ୍ବର ବଟ ପତ୍ରରେ ଶ୍ୟାମଳ ରଙ୍ଗର ଗିରିରାଜ ଶିଳା ଦେଲେ। ସେଥିରେ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ଚିହ୍ନ ସହ ଗାଈ ଖୁରା ଚିହ୍ନ ମଧ୍ୟ ଥିଲା। ଭଗବାନ ଗୋସ୍ୱାମୀଙ୍କୁ ଆଦେଶ ଦେଲେ ଯେ ଏବେ ସେ ବୃଦ୍ଧା ହୋଇଗଲେଣି। ଏଣୁ ଗିରିରାଜ ପର୍ବତକୁ ଛାଡ଼ି ଏଇ ଶିଳାର ପରିକ୍ରମା କରନ୍ତୁ। ଏହାପରେ ଗୋସ୍ୱାମୀ ଶିଳା ପରିକ୍ରମା କରୁକରୁ ଜୀବନ ତ୍ୟାଗ କଲେ। ତାଙ୍କ ମୃତ୍ୟୁପରେ ଏହି ଶିଳାକୁ ମନ୍ଦିରରେ ସ୍ଥାପିତ କରାଗଲା। ସେବେଠୁ ଶ୍ରଦ୍ଧାଳୁ ମନ୍ଦିର ପରିକ୍ରମା କରିବାର ପରମ୍ପରା ଚାଲି ଆସିଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧର୍ମର ଜୟ...

ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କର ଢେର୍ ଖ୍ୟାତି ରହିଛି ଅନେକଗୁଡ଼ିଏ ମାମଲାରେ ନ୍ୟାୟ ପ୍ରଦାନ କରିବାରେ । ନିଜର ସୁନାମକୁ ବଜାୟ ରଖିବାକୁ ଯାଇ ପୁଣିଥରେ ଏହା ପ୍ରଦାନ କରିଛନ୍ତି ନ୍ୟାୟ ୨୦୦୨ ଗୁଜରାଟ ଦଙ୍ଗା ପୀଡ଼ିତା ଅହମଦାବାଦ ନିକଟବର୍ତ୍ତୀ ରନ୍ଧିପୁର ଗ୍ରାମ ନିବାସୀ ବିଲ୍‌କିସ୍ ବାନୋଙ୍କୁ ଯାହା ଅବଶ୍ୟ ଅନେକ ବର୍ଷ ପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ ହୋଇ ରହିବ । କୋର୍ଟ ଜାନୁଆରୀ ୮ ତାରିଖରେ ଏହି ମାମଲା, ଯାହା ଗଣଦୁଷ୍କର୍ମ ଓ ହତ୍ୟାକୁ ନେଇ ରୁଜୁ ହୋଇଥିଲା, ସେଥ?ରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ପାଇଥିବା ୧୧ ଜଣ ବ୍ୟକ୍ତିଙ୍କ ଛାଡ଼ ପାଇବା ଆଦେଶକୁ ଖାରଜ କରି ଦେଇଛନ୍ତି। ଏହି ଦୋଷୀମାନେ, ଯେଉଁମାନେ ୨୦୨୨ ଅଗଷ୍ଟରେ କାରାଗାରରୁ ଖଲାସ ହୋଇଥିଲେ, ସେମାନଙ୍କୁ କୋର୍ଟଙ୍କ ସାମ୍ପ୍ରତିକ ଆଦେଶ ଅନୁସାରେ ଦୁଇ ସପ୍ତାହ ମଧ୍ୟରେ ପୁଣିଥରେ ଜେଲ୍‌କୁ ଫେରି କାରାଗାରରେ ସେମାନଙ୍କର ଅବଶିଷ୍ଟ ଅବଧିର ଦଣ୍ଡ ଭୋଗିବାକୁ ପଡ଼ିବ । ଗୁଜରାଟରେ କାରାଗାରରୁ ମୁକୁଳିବା ପରେ, ସେମାନଙ୍କୁ ଯେପରି ଭାବରେ ସର୍ବସାଧାରଣରେ ଫୁଲମାଳ ପିନ୍ଧାଯାଇ ଅଭିନନ୍ଦିତ କରାଯାଇଥିଲା, ତାହା ଥିଲା ନ୍ୟାୟିକ ବ୍ୟବସ୍ଥାରେ ଏକ କଳଙ୍କ ଏବଂ ଏହା ମଧ୍ୟ ସୁପ୍ରିମ୍‌କୋର୍ଟଙ୍କର ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ଦୁର୍ଜେୟ ରେକର୍ଡ ଉପରେ ଏକ କଳାଛାଇ, ଯାହା ଏହି ଦଙ୍ଗାଦ୍ୱାରା ପ୍ରଭାବିତ ଅନେକ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରି ସେମାନଙ୍କ ମାମଲାଗୁଡ଼ିକ କ୍ଷେତ୍ରରେ ନ୍ୟାୟୋଚିତ ପରିସମାପ୍ତି ଘଟାଇ ଥିଲେ । ପରନ୍ତୁ, ୨୦୨୨ରେ ଏକ ଅଶୋଭନୀୟ ଘଟଣାକ୍ରମରେ ଏହି ବ୍ୟକ୍ତିମାନଙ୍କୁ ଗୁଜରାଟ ସରକାର ସେମାନଙ୍କ ଦଣ୍ଡର ଅବଧି ପୂର୍ଣ୍ଣ ହେବା ପୂର୍ବରୁ ଜେଲ୍‌ରୁ ଖଲାସ କରି ଦେଇଥିଲେ ଏବଂ ଏହି ବ୍ୟକ୍ତିମାନଙ୍କର ସମର୍ଥକମାନେ ସେମାନଙ୍କୁ ଜେଲରୁ ବାହାରିବା ପରେ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ସମ୍ପ୍ରତି ସୁପ୍ରିମ୍‌କୋର୍ଟ ଯେଉଁ ଆଧାରରେ ମାମଲାର ପୁନର୍ବିଚାର କରି ରାୟ ପ୍ରଦାନ କରିଛନ୍ତି, ତାହା ହେଉଛି- ମହାରାଷ୍ଟ୍ରରେ କାରାଦଣ୍ଡାଦେଶ ପାଇଥିବା ବ୍ୟକ୍ତିମାନଙ୍କୁ ଦଣ୍ଡ ଅବଧି ପୂର୍ଣ୍ଣ ହେବା ପୂର୍ବରୁ ଖଲାସ କରିବା ବାବଦରେ ନିଷ୍ପତ୍ତି ନେବା ଗୁଜରାଟର ନ୍ୟାୟିକ ଅଧିକାରର ପରିସରଭୁକ୍ତ ନଥିଲା । ତେଣୁ ଗୁଜରାଟ ମହାରାଷ୍ଟ୍ର ସରକାରଙ୍କ କ୍ଷମତାକୁ 'ଅପହରଣ' କରିଛି । ଏକ ଉଲ୍ଲେଖନୀୟ ଅବଲୋକନ କରି ସୁପ୍ରିମ୍‌କୋର୍ଟର ଏହି ମାମଲାର ବିଚାର କରୁଥିବା ନ୍ୟାୟମୂର୍ତ୍ତି ବିଭି ନାଗରନ୍ ଏବଂ ଉଜ୍ଜ୍ୱଳ ଭୂୟାଁ କହିଛନ୍ତି ଯେ ଗୁଜରାଟ ୧୯୯୨ର ଏକ ଅକାମୀ ନୀତିକୁ ଆଧାର କରି ଦୋଷୀମାନଙ୍କୁ ଖଲାସ କରି ଦେଇଛନ୍ତି ଏବଂ ରାଜ୍ୟ ସରକାର କ୍ଷମତାର ଅପହରଣ କରିବା ଭଳି ଦୋଷ କରିଛନ୍ତି । କହିବା ବାହୁଲ୍ୟ, ଦେଶର ସର୍ବୋଚ୍ଚ ଅଦାଲତଙ୍କର ଦୋଷୀମାନଙ୍କୁ ପୁଣିଥରେ କାରାଗାରକୁ ପଠାଇବା ଭଳି ଆଦେଶ ଠିକ୍ ସେହି ସମୟରେ ଆସିଛି, ଯେତେବେଳେ କି ଏହାଙ୍କର ସାମର୍ଥ୍ୟକୁ ନେଇ କେତେକଙ୍କ ମନରେ ସନ୍ଦେହର ବୀଜ ବୁଣାହେବାକୁ ଆରମ୍ଭ କରିଥିଲା। ବିଲକିସ୍‌ଙ୍କ କ୍ଷେତ୍ରରେ କୋର୍ଟଙ୍କର ରାୟ ଆଇନର ଶାସନ ଉପରେ ବିଶ୍ୱାସକୁ ପୁନଃପ୍ରତିଷ୍ଠା କରିବାରେ ସହାୟକ ହୋଇଛି । ଦୋଷୀମାନଙ୍କୁ ଦଣ୍ଡାଦେଶ ଭୋଗିବାରୁ ଅବ୍ୟାହତି ଦେବା ସଦାସର୍ବଦା ନିରପେକ୍ଷ ଏବଂ ଯୁକ୍ତିଯୁକ୍ତ କାରଣ ଉପରେ ପର୍ଯ୍ୟବସିତ ହେବା ସଙ୍ଗେ ସଙ୍ଗେ ଏହା ଅନେକଗୁଡ଼ିଏ ମାନଦଣ୍ଡ ଯଥା ଯେଉଁ ଅପରାଧରେ ସେମାନେ ସମ୍ପୃକ୍ତ ହୋଇ ଦୋଷୀ ସାବ୍ୟସ୍ତ ହୋଇଥିଲେ, ତାହା ବ୍ୟାପକ ପରିସରରେ ସମାଜକୁ ପ୍ରଭାବିତ କରୁଛି କି ନାହିଁ, ଦୋଷୀ ସାବ୍ୟସ୍ତ ବ୍ୟକ୍ତି ସମାନ ଧରଣର ଅପରାଧ ଘଟାଇବା ନିମନ୍ତେ ସମ୍ଭାବନାକୁ ବହନ କରୁଛନ୍ତି କି ନାହିଁ ବା ସଂସ୍କାରକୁ ଗ୍ରହଣ କରିବାକୁ ସକ୍ଷମ ଅଛନ୍ତି କି ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିବା ବିଧେୟ। ଆଜୀବନ କାରାଦଣ୍ଡାଦେଶ ପାଇଥିବା ବ୍ୟକ୍ତିମାନେ ସାଧାରଣତଃ ସେମାନଙ୍କର ସମଗ୍ର ଜୀବନ କାଳ କାରାଗାରରେ କଟାଇବା ଆଶା କରାଯାଇଥାଏ। କେତେକ ବିଶେଷ କ୍ଷେତ୍ରରେ ଯଦିଓ ସେମାନଙ୍କର ଦଣ୍ଡାଦେଶକୁ କୋହଳ କରି ସେମାନଙ୍କୁ ଜେଲରୁ ଛାଡ଼ ମିଳିଥାଏ, ତେବେ ସେହି ଛାଡ଼ ମିଳିବାର ଅବଧି ୧୪ ବର୍ଷର ଜେଲ ଦଣ୍ଡ ନ ଭୋଗିବା ପୂର୍ବରୁ ହେବା ଉଚିତ ନୁହେଁ ଏବଂ ଗୋଷ୍ଠୀଗତ ଭାବରେ ଘଟିଥିବା ଅପରାଧରେ ସମ୍ପୃକ୍ତ ଥିବା ଏକାଧିକ ଲୋକଙ୍କ କ୍ଷେତ୍ରରେ ଏହା ସାମୁହିକ ଭାବରେ ନହୋଇ ତଥା ପୀଡ଼ିତ। ପୀଡ଼ିତା ଏବଂ ସମାଜ ଉପରେ ଖଲାସର ପଡ଼ିବାକୁ ଥିବା ପ୍ରଭାବକୁ ବିଚାରକୁ ନ ନିଆଯାଇ ତାହା କରାଯିବା ସ୍ପୃହଣୀୟ ନୁହେଁ। ଯେ କୌଣସି ପ୍ରକାରର ଯୁକ୍ତିଯୁକ୍ତ ଅବ୍ୟାହତି ନୀତି ମାନବୀୟ ବିଚାରବୋଧକୁ ପରିସରଭୁକ୍ତ କରିବା ସଙ୍ଗେ ସଙ୍ଗେ ସଂସ୍କାର ନିମନ୍ତେ ଦୋଷୀଙ୍କର ସୁଯୋଗକୁ ମଧ୍ୟ ବିବେଚନା କରିବା ଉଚିତ ଏବଂ ଏହା ହେବା ବେଳେ ଆଇନର ଶାସନ ଓ ସାମାଜିକ ସ୍ୱାର୍ଥ ଯେପରି ବ୍ୟାହତ ନହୁଏ, ସେଥି ପ୍ରତି ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ଆପାତତଃ ଏସବୁ କିଛି କରାଯାଇ ନଥିବା ମନେହୁଏ। ସର୍ବୋଚ୍ଚ ଅଦାଲତଙ୍କ ରାୟ ଉପରୋକ୍ତ ଦୁର୍ଘଟଣାରୁ ବର୍ତ୍ତି ଯାଇଥବା ଦୀର୍ଘ ବାଇଶ ବର୍ଷର ନ୍ୟାୟିକ ଲଢ଼େଇ ପରେ ବିଲ୍‌କିସ୍‌ଙ୍କ ମନରେ ଭରି ଦେଇଛି ଆଶ୍ୱାସନା ଓ ନ୍ୟାୟ ଉପରେ ବିଶ୍ୱାସ ଯାହା ତାଙ୍କ ଓକିଲ ଶୋଭା ଗୁପ୍ତାଙ୍କ ମାଧ୍ୟମରେ ସେ କୋର୍ଟଙ୍କୁ ନିଜର କୃତଜ୍ଞତା ଜଣାଇବାକୁ ଯାଇ କହିଛନ୍ତି, 'ଏହା ହେଉଛି ନ୍ୟାୟ' ଏବଂ 'ଆଜି ପ୍ରକୃତରେ ମୋ ପାଇଁ ନୂଆ ବର୍ଷ ଆସିଛି।'

# ଆଞ୍ଚଳିକ ଉତ୍ପାଦ ଜିଆଇ ଟ୍ୟାଗରେ ଓଡ଼ିଶାର ଗୌରବ ମଣ୍ଡିତ ସ୍ୱାକ୍ଷର



### ବିପିନ ବିହାରୀ ରାଉତ

**୨୦୦୩ ସେପ୍ଟେମ୍ବରରେ ଏହି ଆଇନ କାର୍ଯ୍ୟକାରୀ ହେବାପରେ ପଞ୍ଜିକରଣ ପ୍ରକ୍ରିୟା ୨୦୦୪-୨୦୦୫ରେ ଆରମ୍ଭ ହେଲା ଏବଂ ପଶ୍ଚିମବଙ୍ଗର ଦାର୍ଜିଲିଂ ଚା ପ୍ରଥମ ଉତ୍ପାଦ ଭାବେ ଏହି ମାନ୍ୟତା ହାସଲ କଲା। ଏଥିରୁ ଆମ ଦେଶରେ ଏତ୍‌ପାଇଁ ଥିବା ଯୋଜନା ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା କେତେକ ମନ୍ଥର ଓ ଆନ୍ତରିକତା ହୀନ ତାହା ଅନୁମାନ କରାଯାଇପାରେ।**

ବିଶ୍ୱପ୍ରସିଦ୍ଧ ମହାପ୍ରଭୁଙ୍କୁ ରଥଯାତ୍ରା ଓ ଓଡ଼ିଆ ଚେତନା ସହ ଏବେ ଶ୍ରୀମନ୍ଦିର ପୁରୀର ଐତିହାସିକ ପ୍ରକଳ୍ପ ଭିତରେ ଆମ କୋଟି କୋଟି ଓଡ଼ିଆଙ୍କ ପାଇଁ ଆଉ ଏକ ଗର୍ବ, ଗୌରବ ଓ ଆନନ୍ଦର କଥା ହେଉଛି ଆମରି ସାତଟି ନିଜସ୍ୱ ଆଞ୍ଚଳିକ ଉତ୍ପାଦକୁ ଜିଆଇ ଟ୍ୟାଗ ବା ଭୂଗୌଳିକ ସୂଚନାଙ୍କ ମାନ୍ୟତା ମିଳିଛି। ଏହାସହ ରାଜ୍ୟର ଜିଆଇ ମାନ୍ୟତା ପ୍ରାପ୍ତ ଉତ୍ପାଦ ସଂଖ୍ୟା ୨୫ରେ ପହଞ୍ଚିଛି। ନୂତନ ଭାବେ ଯେଉଁ ସାତଟି ଅନ୍ତର୍ଭୁକ୍ତ ହେଉଛି ତାହା ଭିତରୁ ଚାରଟି ହେଉଛି ଆମ ଆଦିମ ଅଧିବାସୀ ଆଦିବାସୀ ସଂପ୍ରଦାୟ ଓ ସେମାନଙ୍କ ସ୍ଥାନୀୟ କ୍ଷେତ୍ର ସହିତ ଜଡ଼ିତ। ଜିଆଇର ସଦ୍ୟତମ ତାଲିକା ଭିତରେ ଅନ୍ତର୍ଭୁକ୍ତ ହୋଇଥିବା ଉତ୍ପାଦ ଭିତରେ ରହିଛି ଢ଼େଙ୍କାନାଳର ମଗଜିଲଡ୍ଡୁ, ଶିମିଳିପାଳର କାଇ ଚଟଣୀ, ଗଜପତି ଜିଲ୍ଲାର ଖଜୁରୀଗୁଡ଼, ନୟାଗଡ଼ର କଣ୍ଟେଇମୁଣ୍ଡି ବାଇଗଣ ଆଉ କୋରାପୁଟର କଳାଜିରା ଚାଉଳ। ସାଧାରଣତଃ ଆଞ୍ଚଳିକ ମୌଳିକତା ପାଇଁ ନିଜ ଶ୍ରେଷ୍ଠତା ଓ ପ୍ରସିଦ୍ଧି ନିମିତ୍ତ କୌଣସି ଉତ୍ପାଦକୁ ଜିଆଇ ମାନ୍ୟତା ମିଳିଲେ ସେହି ଅଞ୍ଚଳର ତଥା ରାଜ୍ୟର ପ୍ରସିଦ୍ଧି ସହ ରାଜସ୍ୱ ବୃଦ୍ଧି ହେବ ଏବଂ ବିଶ୍ୱ ବଜାରରେ ଏହା ପହଞ୍ଚି ସ୍ଥାନୀୟ ଯୁବ ବର୍ଗ ଓ ସ୍ୱୟଂ ସହାୟକ ସଂଗଠନ ମାନେ ବିକଶିତ ହୋଇ ସେମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିପାରିବେ। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ ଯେଉଁଠାରେ ବିଭିନ୍ନ ଭୌଗୋଳିକ ପରିବେଶରେ ଭିନ୍ନ ଭିନ୍ନ ବର୍ଗର ଆଞ୍ଚଳିକ ଅଧିବାସୀ ଭିନ୍ନ ଭିନ୍ନ ଅଥଚ ମୌଳିକ ଉତ୍ପାଦକୁ ବୃତ୍ତି ଭାବେ ଗ୍ରହଣ କରି ନିଜର ଜୀବିକା ଅର୍ଜନ କରିବା ସହିତ ସମ୍ପୃକ୍ତ ଅଞ୍ଚଳର ମର୍ଯ୍ୟାଦା ଓ ପରିଚୟ ବୃଦ୍ଧି କରୁଛନ୍ତି। ସେଠାରେ ଏହି ଜିଆଇର ମାନ୍ୟତା ଅନେକ ଗୁରୁତ୍ୱ ରଖିଥାଏ। ସାଧାରଣତଃ ଯେଉଁ କୁଶଳୀ ହସ୍ତକଳା ସମ୍ପନ୍ନ କାରିଗରଟି ବା ମେହନତୀ ଚଷାପୁଅଟି ପାଇଁ କପିରାଇଟ ଆବେଦନ କରିବା ଜଟିଳ ଓ ସେମାନଙ୍କ ସାମର୍ଥ୍ୟ ବାହାରେ ସେମାନଙ୍କ ପାଇଁ ଜିଆଇ ମାନ୍ୟତା ଏକ ବ୍ରାଣ୍ଡ ବା ସମ୍ମାନର ସୁରକ୍ଷା ଭଳି କାମ କରେ। ଜାତିସଂଘର ବାଣିଜ୍ୟ ଓ ବିକାଶ ସମ୍ବନ୍ଧୀୟ ଶୀର୍ଷ ସମ୍ମିଳନୀ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଜିଆଇ ମାନ୍ୟତା ପ୍ରାପ୍ତି କୌଣସି କୃଷିଜାତ ଉତ୍ପାଦର ବଜାର ମୂଲ୍ୟ ୧୦ରୁ ୧୫ ପ୍ରତିଶତ ପର୍ଯ୍ୟନ୍ତ ଏବଂ ଅଣକୃଷିଜାତ ସାମଗ୍ରୀର ବଜାର ମୂଲ୍ୟ ୫ରୁ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏହା ମଧ୍ୟ ଅଦୃଶ୍ୟ ଅର୍ଥନୈତିକ ସମ୍ପଦ ଭାବରେ ସମ୍ପୃକ୍ତ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ଶ୍ରୀବୃଦ୍ଧିରେ ସହାୟକ ହୁଏ। ଏହି ପୃଷ୍ଠଭୂମିକିରେ ବିଚାର କଲେ ଓଡ଼ିଶାର ସଦ୍ୟ ସାତଟି ଉତ୍ପାଦ ସହିତ ମୋଟ ୨୫ଟି ଜିଆଇ ମାନ୍ୟତା ପ୍ରାପ୍ତ ସାମଗ୍ରୀ ରାଜ୍ୟର, ସମ୍ପୃକ୍ତ ଅଞ୍ଚଳର ଏବଂ ସର୍ବୋପରି ଏହା ସହିତ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀର ସାମାଜିକ ଅର୍ଥନୈତିକ ସଶକ୍ତୀକରଣ ସହିତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବା ନିଶ୍ଚିତ।

ପ୍ରଥମେ ୟୁରୋପୀୟ ସଂଘ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ଭାରତରେ ବିଗତ ଶତାବ୍ଦୀର ଶେଷ ଭାଗରେ ଏ ସମ୍ପର୍କିତ ବିଚାର ବିମର୍ଶ ଆରମ୍ଭ ହେଲା ଏବଂ ତାହା ଜିଓଗ୍ରାଫିକାଲ ଇଣ୍ଡିକେସନ ଅଫ ଗୁଡ଼ସ ରେଜିଷ୍ଟ୍ରେସନ ଆଣ୍ଡ ପ୍ରୋଟେକ୍ସନ ଆକ୍ଟ-୧୯୯୯ର ରୂପ ନେଲା। କିନ୍ତୁ ଏହା କାର୍ଯ୍ୟକାରୀ ହେବାକୁ ଆହୁରି ଚାରିବର୍ଷ ଲାଗିଗଲା। ୨୦୦୩ ସେପ୍ଟେମ୍ବରରେ ଏହି ଆଇନ କାର୍ଯ୍ୟକାରୀ ହେବାପରେ ପଞ୍ଜିକରଣ ପ୍ରକ୍ରିୟା ୨୦୦୪-୨୦୦୫ରେ ଆରମ୍ଭ ହେଲା ଏବଂ ପଶ୍ଚିମବଙ୍ଗର ଦାର୍ଜିଲିଂ ଚା ପ୍ରଥମ ଉତ୍ପାଦ ଭାବେ ଏହି ମାନ୍ୟତା ହାସଲ କଲା। ଏଥିରୁ ଆମ ଦେଶରେ ଏତ୍‌ପାଇଁ ଥିବା ଯୋଜନା ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା କେତେକ ମନ୍ଥର ଓ ଆନ୍ତରିକତା ହୀନ ତାହା ଅନୁମାନ କରାଯାଇପାରେ। ଏବେ ଏ କ୍ଷେତ୍ରରେ ଥିବା ମୁଖ୍ୟ ଆହ୍ୱାନଟି ହେଲା କୌଣସି ଉତ୍ପାଦର ଜିଆଇ ମାନ୍ୟତା ଲାଗି ନିର୍ଦ୍ଦିଷ୍ଟ ଭାବେ କିଏ ଆବେଦନ କରିପାରିବେ ସେ ସମ୍ବନ୍ଧରେ ଆଇନରେ ସ୍ପଷ୍ଟ ହୋଇନାହିଁ। ଗୋଟିଏ ଉତ୍ପାଦକୁ ଭିନ୍ନ ଭିନ୍ନ ସଂସ୍ଥା ଭିନ୍ନ ଭିନ୍ନ ନାମରେ ଆବେଦନ କରିବା ଦ୍ୱାରା ଉତ୍ପାଦର ସ୍ୱତନ୍ତ୍ରତା ପ୍ରମାଣିତ ହୋଇପାରୁନାହିଁ। ଏହାଛଡ଼ା ଉତ୍ପାଦର ବ୍ୟାବହାରିକ ନାମ ଓ ସରକାରୀ ନଥିପତ୍ରର ନାମ ଭିତରେ ଫରକ ରହିଯାଉଥିବାରୁ ଆନ୍ତର୍ଜାତିକ ବଜାରରେ ଉକ୍ତ ଉତ୍ପାଦନ ଉପଯୁକ୍ତ ସ୍ଥାନ ଓ ଧ୍ୟାନ ସୃଷ୍ଟି କରିବାରେ ବିଫଳ ହେଉଛି। ଏହି ଦିଗକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଆଇନରେ ଆବଶ୍ୟକ ସଂଶୋଧନ ଆଣିବା ଅପରିହାର୍ଯ୍ୟ। ଏଥିସହିତ ଯେଉଁ ଉତ୍ପାଦ ଜିଆଇ ତାଲିକାଭୁକ୍ତ ହେଲା ତା ସହିତ ଯଦି ସେହି ଅଞ୍ଚଳର ଓ ତା ସହିତ ସମ୍ପୃକ୍ତ ବର୍ଗର ବିଶେଷତ୍ୱ ସଂଶ୍ଳିଷ୍ଟ ହୋଇପାରନ୍ତା ତେବେ ଗୋଟିଏ ଉତ୍ପାଦ ସମଗ୍ର ଅଞ୍ଚଳର ଓ ଜାତିର ପ୍ରତିନିଧିତ୍ୱ ବିଶ୍ୱ ଦରବାରରେ କରିପାରନ୍ତା। ଏହାଦ୍ୱାରା ବାଣିଜ୍ୟ ସହିତ ପର୍ଯ୍ୟଟନ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇପାରନ୍ତା। ସବୁଠାରୁ ଖୁସିର କଥା ଓଡ଼ିଶା ସରକାରଙ୍କ କୃଷି ବିଭାଗ, ମହିଳା ସ୍ୱୟଂ ସହାୟକ ସଂଗଠନ ଓ ମିଶନ ଶକ୍ତିକୁ ଯେଉଁପରି ପ୍ରୋତ୍ସାହନ, ସହାୟତା ପ୍ରେରଣା ଦେଉଛନ୍ତି ଏହାଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ଅନେକ ପ୍ରସିଦ୍ଧ ଉତ୍ପାଦ ଜିଆଇ ମାନ୍ୟତାର ସୁଯୋଗ ପାଇବ ଏହାଦ୍ୱାରା ଓଡ଼ିଶା ଜିଆଇ ମାନ୍ୟତାର ମୌଳିକତାରେ ଯେଉଁ ଗୌରବ ମଣ୍ଡିତ ସ୍ୱାକ୍ଷର ରଚନା କରିବ ତାହାର ସମସ୍ତ ଶ୍ରେୟ କୋଟି କୋଟି ଓଡ଼ିଆଙ୍କର।

+ଉପନିର୍ଦ୍ଦେଶକ, ଓରମାସ,
ଭୁବନେଶ୍ୱର
ମୋ : ୯୪୩୭୬୬୬୪୫୩

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



### ଅଲେଖ ଚନ୍ଦ୍ର ସାମଲ

'କଦାଚିତ କାଳିନ୍ଦୀ
ତଟବିପିନ ସଂଗୀତ କରବୋ,
ମୁଦାଭୀରୀ ନାରୀ
ବଦନ କମଳା ସ୍ୱାଦ ମଧୁପଃ।
ରମା ଶମ୍ଭୁ ବ୍ରହ୍ମା
ମରପତି ଗଣେଶାର୍ଚ୍ଚିତ ପଦୋ,
ଜଗନ୍ନାଥଃ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ।।' -

ଅଗଣିତ ଓଡ଼ିଆଙ୍କର ପ୍ରାଣର ପ୍ରିୟତମ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ଦର୍ଶନ ସକାଶେ ବିଶ୍ୱର କୋଣଅନୁକୋଣରୁ ବର୍ଷ ସାରା ଶ୍ରୀମନ୍ଦିରକୁ ଛୁଟିଥାଏ ଭକ୍ତଙ୍କ ସୁଅ। ଯେଉଁଠି ପବନର ପ୍ରତ୍ୟେକ ଅଣୁ, ପାଣିର ପ୍ରତ୍ୟେକ ବୁନ୍ଦା, ମାଟିର ପ୍ରତ୍ୟେକ ସୂକ୍ଷ୍ମାତିସୂକ୍ଷ୍ମ ଅଂଶରେ ଭରି ରହିଛି ଆଧ୍ୟାତ୍ମିକତା। ଯେଉଁଠି ଏକାଠି ହୋଇଛି ସବୁ ମତ, ସବୁ ପନ୍ଥ। ସବୁଧର୍ମ ଓ ସବୁ ବିଶ୍ୱାସ। ଏ ମାଟିରେ ଅନୁଭବ କରିହୁଏ ସମନ୍ୱୟ। ଯେଉଁଥିପାଇଁ ଏହି ମାଟିକୁ କୁହାଯାଏ ମର୍ତ୍ତ୍ୟର ବୈକୁଣ୍ଠ। ଏହି ପବିତ୍ର ଧାମର ପାରିପାର୍ଶ୍ୱିକ ବିକାଶ, ସୌନ୍ଦର୍ଯ୍ୟକରଣ ସହ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି କାର୍ଯ୍ୟକ୍ରମ। ଖରା, ବର୍ଷା, ଶୀତ ସବୁ ଋତୁରେ ଅୟୁତ ଅୟୁତ ଭକ୍ତ ପୁରୀରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ଅଗଣିତ ଭକ୍ତ ଯେମିତି ନିର୍ବିଘ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ ପାଇପାରିବେ,ସେହି ମହତ୍ତର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏବେ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଅନେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏଥିରେ ବାଧା ପହଞ୍ଚାଇବାର ଅପଚେଷ୍ଟା କରିଥିବା ସତ୍ତ୍ୱେ ମହାପ୍ରଭୁଙ୍କର ଅପାର କରୁଣାରୁ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଲୋକାର୍ପଣ ହେବାକୁ ଯାଉଛି।

ପରିକ୍ରମା ପ୍ରକଳ୍ପ ଅଧୀନରେ ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ୫୫ ମିଟର ଯାଏଁ ବିଭିନ୍ନ ସୁବିଧା କରାଯାଇଛି। ବିଶେଷକରି ଶ୍ରୀମନ୍ଦିର ସହ ଜଡ଼ିତ ନୀତିକାନ୍ତି, ସେବା ତଥା ଭକ୍ତଙ୍କ ସୁବିଧା ପାଇଁ ଆବଶ୍ୟକ ବିଭିନ୍ନ ନିର୍ମାଣ ଏଠାରେ କରାଯାଇଛି। ମେଘନାଦ ପାଚେରୀ ପାର୍ଶ୍ୱରୁ ୫୫ମିଟର ବିଶିଷ୍ଟ କରିଡ଼ର ମଧ୍ୟରେ ୬ଟି ମୁଖ୍ୟ ବିଷୟବସ୍ତୁ ରହିଛି। ଏଥିରେ ପ୍ରଥମ ୭ ମିଟର ଗ୍ରୀନ ବଫର ଜୋନ ଭାବେ ଚିହ୍ନିତ କରାଯାଇଥିବା ବେଳେ ଏହାର ପରବର୍ତ୍ତୀ ୧୦ ମିଟର ଇନର ପ୍ରଦକ୍ଷିଣ ପଥ ଭାବେ ବିକଶିତ କରାଯାଉଛି। ଏହି ଅନ୍ତଃପ୍ରଦକ୍ଷିଣ ପଥରେ ଶ୍ରୀମନ୍ଦିର ଏବଂ ଚତୁର୍ଦ୍ଧାମୂରତିଙ୍କ ସହ ଜଡ଼ିତ ବିଭିନ୍ନ ପ୍ରକାରର ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହାସହ ଭକ୍ତମାନେ ମଧ୍ୟ ଏହି ପଥ ଦେଇ ମନ୍ଦିର ଚତୁଃପାର୍ଶ୍ୱର ପରିକ୍ରମା କରିପାରିବେ। କରିଡ଼ର ମଧ୍ୟରେ ଲ୍ୟାଣ୍ଡସ୍କେପ୍ ଜୋନ ଭାବେ ୧୪ ମିଟର ଅଞ୍ଚଳ ବିକଶିତ କରାଯାଇଛି। ଏହା ଲ୍ୟାଣ୍ଡସ୍କେପ ବଗିଚା ମଧ୍ୟରେ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଥିବା ସ୍ଥାନୀୟ ବୃକ୍ଷ, ଉଦ୍ଭିଦକୁ ବ୍ୟବହାର କରାଯାଇ ସୁନ୍ଦର ଭାବେ ଡିଜାଇନ କରାଯାଇଛି। ଯାହା ଏହି ଅଞ୍ଚଳକୁ ବେଶ ଆକର୍ଷଣୀୟ ଭାବେ ଗଢ଼ି ତୋଳିବ।

ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା, ବାହୁଡ଼ା ଯାତ୍ର, ସୁନାବେଶ, ନାଗାର୍ଜ୍ଜୁନ ବେଶ, ନବକଳେବର ଆଦି ଭଳି ସ୍ୱତନ୍ତ୍ର ଉତ୍ସବରେ ଲୋକାରଣ୍ୟ ହୋଇଥାଏ ଶ୍ରୀକ୍ଷେତ୍ର ପୁରୀ। ଲକ୍ଷ ଲକ୍ଷ ଭକ୍ତଙ୍କ ଉପସ୍ଥିତିରେ ବିଭିନ୍ନ ମାନବୀୟ ଲୀଳାଖେଳା କରନ୍ତି ନୀଳାଦ୍ରିନାଥ। ଅନେକ ଥର ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ସୃଷ୍ଟ ଅଘଟଣ ଶ୍ରୀମନ୍ଦିରର ପବିତ୍ର ଭକ୍ତିମୟ ପରିବେଶକୁ କରିଛି ଶୋକାକୁଳ। ତେଣୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ସୁବ୍ୟବସ୍ଥିତ କରିବା ଏବଂ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଜଷ୍ଟିସ ବିମଳ ପ୍ରସାଦ ଦାସ କମିଶନ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ମୃଣାଳିନୀ ପାଢ଼ୀ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ତିନି ଜଣିଆ ଖଣ୍ଡପୀଠ ମନ୍ଦିର ସୁରକ୍ଷା ଓ ସଂସ୍କାର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ। ସେହି ପରାମର୍ଶକୁ ଆଉ ଦୁଇପାଦ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬.୦୮.୨୦୧୯ ଦିନ ଏକ ବୈଠକରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିଥିଲେ। ସେହି ଐତିହାସିକ ନିଷ୍ପତ୍ତିର ନାମ ଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ।



ପରିକ୍ରମା ପ୍ରକଳ୍ପ ନିର୍ମାଣ ହେବା ପାଇଁ ୧୩୨ ବାସଗୃହରେ ବସବାସ କରୁଥିବା ୨୮୦ ପରିବାରର ୬୭୩ ଜଣଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା, ସେଇଠି ମଧ୍ୟ ୨୮ ଗୋଟି ଲଜ, ୪୪୦ଟି ଦୋକାନ ଆଦି ରହିଥିଲା। ଏହି ସମସ୍ତଙ୍କୁ ସରକାର ୪୦୩ କୋଟି ଟଙ୍କା ଖର୍ଚ୍ଚ କରି ଉଚିତ କ୍ଷତିପୂରଣ ପ୍ରଦାନ କରିଥିଲେ। ଆହୁରି ମଧ୍ୟ ମଠ ମାନଙ୍କର ଗାଦି ଘର, ପୂଜା ସ୍ଥାନ ଓ ଆସ୍ଥାନକୁ ଅକ୍ଷୁର୍ଣ୍ଣ ରଖାଯାଇ ସେମାନଙ୍କ ମାଲିକାନାରେ ଥିବା ବ୍ୟବସାୟିକ ସମ୍ପତ୍ତିକୁ ଅଧିଗ୍ରହଣ କରାଯାଇ ସେମାନଙ୍କୁ ଉଚିତ କ୍ଷତିପୂରଣ ଦିଆଯାଇଥିଲା। ସେମାନଙ୍କ ଆୟର ଉତ୍ସ ଯେପରି ଅବ୍ୟାହତ ରହିବ, ସେଥିପାଇଁ ସରକାର ବିଶେଷ କ୍ଷତିପୂରଣ ଦେଇଥିଲେ। ପ୍ରତିଟି ବିସ୍ଥାପିତ ବ୍ୟକ୍ତିର ରହିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା ଏବଂ ବ୍ୟବସାୟୀମାନଙ୍କର ବ୍ୟବସାୟିକ ଅନୁଷ୍ଠାନ ପୁନଃ କାର୍ଯ୍ୟକ୍ଷମ ନହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଉଥିଲେ।

ଓଡ଼ିଆ ଅସ୍ମିତାର ଆଦ୍ୟଉତ୍ସ ଆମ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଏପରି ଭକ୍ତି ନୈବେଦ୍ୟ ଏକ ଐତିହାସିକ ଅବସର ଆମ ସମସ୍ତଙ୍କୁ ଦେବା ପାଇଁ ଯାଉଛି। ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ଏହି ମହତପୂର୍ଣ୍ଣ ପ୍ରୟାସ ଫଳବତୀ ହେବାଦ୍ୱାରା ଓଡ଼ିଆଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବନାର ପୁନର୍ଜାଗରିତ ହେବାସହ ମହାପ୍ରଭୁଙ୍କ ମହାକୃପା ପ୍ରାପ୍ତି ହେବାର ଏହି ପ୍ରକଳ୍ପ ଏକ ମାଇଲ ଖୁଣ୍ଟ ହୋଇ ରହିବ।

+ପୂର୍ବତନ ଡିଏଫ୍‌ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ: ୯୪୩୭୨୫୭୧୨






## ବଣଭୋଜି ମଜା ନାହିଁ

### ସୁନୀଲ କୁମାର ପ୍ରଧାନ

ବଣ ଭୋଜିରେ ମୋ ଆଉ ଖୁସି ନାହିଁ
ଲାଗୁଥିଲା ଭାରି ମଜା
ସାଙ୍ଗ ସାଥି ମେଳେ ଗାଆଁ ପାହାଡ଼ରେ
ଭୋଜି ପାଇଁ ହୁଏ ସଜା ।


ଜଙ୍ଗଲ ଜାଳେଣୀ ଝରଣାର ପାଣି
ମୋ ଗାଆଁ ପନିପରିବା
ହସ ଖୁସି ମେଳେ ଜେଜେଙ୍କର ଗପ
ସେ ଆନନ୍ଦ କି ପାଇବା ।

ପରିବାର ମିଶି କଲେ ମଧ୍ୟ ଭୋଜି
ଆଗଭଳି ମଜା ନାହିଁ
ଏହି ସ୍ମାର୍ଟ ଫୋନ୍ ଆସିଲା ଦିନରୁ
ଖୁସି ନେଲା ସେ ଛଡାଇ ।

ବଣଭୋଜି ମଜା ବଣରେ ରହିଲା
ଜଙ୍ଗଲ ହୋଇଲା ଧ୍ୱଂସ
ସେହି ଦିନ ଆଉ ଆସିବ କି ଭାଇ
ହୋଇବା ଆମେ ହରଷ ।

ସମୟ ସୁଅରେ ଚାଲିବାକୁ ହୁଏ
ସ୍ମୃତି ଯାଉ ଥାଏ ହଜି
ସେହି ସ୍ମୃତି ଯେବେ ମନେ ପଡ଼ିଯାଏ
ଲେଖୁଛି କବିତା ଆଜି ।

ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬



## ମନ ବେଦନା

### ଜଗଦୀଶ ସାହୁ



ମହାବିଦ୍ୟାଳୟ ପାଠପଢା ଭୁଲି
ତୋତେ ପାଇଥିଲି ଭଲ
ହୋଇ ସ୍ୱାର୍ଥପର କଲୁମୋତେ ପର
ହେଉଛି ମୁଁ କଲବଲ !

ସାଙ୍ଗ ସାଥି ଯେତେ ଥଟ୍ଟାକରି ମୋତେ
କହୁଛନ୍ତି ଏଣୁତେଣୁ
ବଢ଼ି ଯାଏ ମୋର ମନର ବେଦନା
ତାଙ୍କ କଥା ଶୁଣୁଶୁଣୁ
ଭଲ ପଢୁଥିଲି ଭୁଲ କରିଲି ମୁଁ
ନ ବୁଝି ସମୟ ମୂଲ !

କୁଳ ବାଳୁଙ୍ଗାଟେ ଜନମ ହୋଇଛୁ
ରାଗି କହୁଛନ୍ତି ବାପା
ମାଆ ଲୁହ କୋହ ଅନ୍ତରରେ ଚାପି
ମୋ ଉପରେ ହୁଏ ଖପା
ସାଇ ପଡୋଶୀଙ୍କ ଆଖିରେ ମୁଁ
ଗୋଟେ
ଅମାନିଆ ନିଆଁ ଝୁଲ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ
ମୋ :-୯୦୭୮୧୮୫୬୧୬

## ମୋତେ କୂର୍ମଟିଏ କର

### ଲକ୍ଷ୍ମୀଧର ନାୟକ ଆଦିସ୍ୟ



କୂର୍ମଟି ତ ବିସ୍ତାରକୁ ସଂକୁଚିତ କରେ..
ମନ ବୁଦ୍ଧି ସଂସ୍କାର ସହିତେ
ଆତ୍ମାକୁ ସାଇତି ଥାଏ ଦେହ- ଖୋଳପାରେ!!

ଅନ୍ଧ ଚାଲେ ଅନ୍ଧ ଦେଖେ ବୀଭତ୍ସ ଏ ସଂସାରକୁ..
ବିଦୀର୍ଣ୍ଣ ଏ ପୃଥିବୀକୁ, ଅସହାୟ ମଣିଷକୁ!
ପୁଣି ପଶେ ଭିତରକୁ, ମହା ବିନାଶର ଦୃଶ୍ୟ ଦେଖିଦେଖି
ସତ୍ୟ ସ୍ୱର୍ଗେ ଆସିବାକୁ.. ଯୋଗ ଯଜ୍ଞେ ଲିପ୍ତ ରହେ-
ଅଂଧକାର ଆଲୋକିତ କରିବାକୁ... ପରମାତ୍ମା ଦର୍ଶନରେ..
ସଂସ୍କାରରେ ପ୍ରାରବ୍ଧର ପୁଣ୍ୟଫଳ ଭରିବାକୁ!!

ମୋତେ କୂର୍ମଟିଏ କର ପ୍ରଭୁ!
ପ୍ରହେଳିକାର ମଗ୍ନତାରେ ଖୋଜି ପାଇବାକୁ
ବେଳ ପାଉନାହିଁ... ମାୟା ମୋତେ ବାଟ ଛାଡୁ ନାହିଁ!!
ରସଝରା ବାସ୍ନାର ପସରା ମେଲି ଦେହମନ ଉଲ୍ଲସିତ କରେ....
ପ୍ରିୟା ତନୁ, ପ୍ରିୟ ସଖ୍ୟ, ଅପତ୍ୟ ଓ ସଂପର୍କ ସମ୍ବନ୍ଧ
ପରମାର୍ଥ ପୁରୁଷାର୍ଥ ପଥେ ପାଷାଣ ପ୍ରାଚୀର
ଆସକ୍ତିର ଅବଲେହ ଏଠି, ରଖେ ମୋତେ ବିକାର ସ୍ୱାଦରେ!!

ଦିନେ ବି ତ ମାତୃଗର୍ଭ କ୍ଷୀର ସାଗରରେ
ଅନନ୍ତ ବନ୍ଦିତ ପଦ୍ମ ପାଖୁଡ଼ାରେ ଦେଖୁଥିଲି-
ତୁମକୁ ଓ ତୁମର ହ୍ଲାଦିନୀ ଶକ୍ତିକୁ
ଏକତ୍ର ସ୍ୱରୂପ ଯୁଗଳ ଛନ୍ଦରେ!
ପୁଣି ଦେଖୁଥିଲି... ସ୍ୱର୍ଣ୍ଣିମ ରକ୍ତାଭ ବ୍ରହ୍ମମହତ୍ତ୍ୱ-
ଅଭାଦୀପ୍ତ ବର୍ଣ୍ଣାଳୀ ମଝିରେ-
ଅତି ସୂକ୍ଷ୍ମ ହୀରାଖଣ୍ଡ ସମ ତୁମ ସ୍ୱରୂପକୁ!
ଆତ୍ମିକ ସଂଳାପ ପିତା-ପୁତ୍ର ମିଳନର!!
ଧୋଇଥାଅ ଆପାଦ ମସ୍ତକ ହ୍ଲାଦିନୀ- ଶକ୍ତି-କିରଣରେ!!

ସବୁ ଏଠି ଭୁଲି ଗଲି!
ମହାକାଳ ନାଟକର ଅଖଣ୍ଡ ପ୍ରତାପ!!
ସତ୍ୟ ଜେପ ଦେବତା ମୁଁ
ଦ୍ୱାପରର ଅର୍ଦ୍ଧ ସତ୍ୟ, ଅର୍ଦ୍ଧ ମିଥ୍ୟା
ଘୋର କଳି ଦୁର୍ମତିରେ ଅର୍ଜେ ମହାପାପ!!

ମୋତେ କୂର୍ମଟିଏ କର ହେ ନାଟକର ନିର୍ଦ୍ଦେଶକ!
ମଗ୍ନତାର ପ୍ରେମରସ ଦିଅ..
ନାଟକର ଆଦ୍ୟ ଦୃଶ୍ୟେ ନିଅ...

+ ସାହିତ୍ୟ ସାରାକାଳ
ବ୍ରହ୍ମ-ଆଳୟ ନିତ୍ୟ ନିଳୟ
ଦେଉଳିସାହି, ଓଲାଭର, କେନ୍ଦ୍ରାପଡ଼ା-୭୫୬୨୨୭
ମୋ: ୭୨୦୫୩୩୦୫୬୭



## ପଦ୍ମାଳୟା ସାମଲ

# ଉପହାର



କଲେଜ ପାଖ ଗଳି ଭିତରୁ ବାହାରି ଆସିଲା ଲୋକଟା । ଆଉ ରାଜା ଚଳାଉଥିବା ଦେଢ଼ଲକ୍ଷ ଟଙ୍କିଆ ଗାଡିରେ ପିଟି ହୋଇ ତଳେ ପଡିଗଲା । ଅବଶ୍ୟ ସେ ଲୋକର କିଛି ଭୁଲ ନଥିଲା । ରାଜା ନିଜର କାନ୍ଧକୁ ଟାଣି ଆଣି କାନରେ ମୋବାଇଲଟା ଜାକିଥିବାରୁ ହଠାତ୍ ଗାଡ଼ିଟାକୁ ବୁଲାଇ ପାରିଲାନି ବୋଲି ଏପରି ଦୁର୍ଘଟଣା ଘଟିଗଲା । ତା 'ପରେ ସେଠାରୁ ଖୁବ୍ ଜୋରରେ ଗାଡି ଚଳାଇ ଭଡା ଘରର ଗେଟ୍ ଭିତରେ ପୂରାଇ ରଖିଦେଲା ଏବଂ ଶାନ୍ତିରେ ନିଃଶ୍ୱାସ ମାରିଲା । ଗୋଟେ ବାଇକବାଲା ତାକୁ ପଛରେ ଗୋଡ଼ାଇଥିଲା, ହେଲେ ଧରି ନପାରି ଫେରି ଯାଇଥିଲା । 'ଓହୋ, ବଞ୍ଚିଗଲି' ବୋଲି ପାଟିରୁ ବାହାରିଲା ରାଜାର ।

ନିଜେ ଘଟାଇଥିବା ଦୁର୍ଘଟଣାର ଦେଢ଼ଘଣ୍ଟା ପରେ ରାଜା ବାହାରିଗଲା ସେଇ ଦୁର୍ଘଟଣା ସ୍ଥଳକୁ । ରାସ୍ତାରେ ଚାଲୁ ଚାଲୁ ସେ ଚାରିଆଡେ ଲକ୍ଷ୍ୟ କଲା । ସାଧାରଣ ଜୀବନଯାତ୍ରା ଚାଲିଛି ତା ' ବାଟରେ । ସ୍କୁଲ ବସରେ ବସି ଫେରୁଛନ୍ତି ସ୍କୁଲ ପିଲା । ଚା ଦୋକାନରେ ଚା ପିଉ ପିଉ ଦୁଇ ତିନିଜଣ ଗପିବାରେ ବ୍ୟସ୍ତ । କଲେଜ ଝିଅ କେତେ ଜଣ ଦହିବରା ଆଳୁଦମ୍ ଖାଇବାରେ ମଜା ନେଉଛନ୍ତି । ରାସ୍ତାରେ ଯା' ଆସ କରୁଥିବା ଲୋକମାନେ ସମସ୍ତେ ତରତରରେ ଥିବା ପରି ମନେ ହେଉଛି । ରାଜା ଜାଣିବାକୁ ଚାହୁଁଥିଲା ସେ ଦୁର୍ଘଟଣାଗ୍ରସ୍ତ ଲୋକଟିର କଣ ହେଲା । ମନେ ମନେ ଚିନ୍ତା କଲା ତାର କିଛି ହୋଇ ନଥାଉ । ପାଖ ପାନ ଦୋକାନ ନିକଟକୁ ଯାଇ ଦୁଇଟା କଡାପାନ ଭାଙ୍ଗିବାକୁ କହି ପଚାରିଲା, 'ଭାଇ ସେ ବାଙ୍କ ପାଖରେ ଗାଡି ଧକ୍କାରେ କିଏ ଗୋଟେ ପଡି ଯାଇଥିଲା ପରା ? କ'ଣ ହେଲା ତାର ?'

'କିଛି ନାହିଁ ମ । କ'ଣଟା ହେବ ?' ପାନ ଭାଙ୍ଗୁ ଭାଙ୍ଗୁ ତଳକୁ ଚାହିଁ ଉତ୍ତର ଦେଲା ପାନ ଦୋକାନୀ ।'ଲୋକଟା ହଠାତ୍ ବାଲାନ୍ସ ନକରିପାରି ଗାଡ଼ିରେ ବାଡେଇ ହେଇଗଲା । ଅବଶ୍ୟ ଦୋଷ ସେ ଲୋକର ନୁହେଁ, ସବୁ ଦୋଷ ସେ ବାସ୍ତୁରା ଟୋକାଟାର ଯିଏ ମୋବାଇଲ କାନରେ ଗେଞ୍ଜିଥିଲା । କିଛି ଭଦ୍ର ବ୍ୟକ୍ତି ସେ ଲୋକକୁ ତଳୁ ଉଠେଇଲେ । କିଛି ହେଇନି ତା'ର ଖାଲି ଯାହା ବାଁ ହାତଟା ଭାଙ୍ଗିଯାଇଛି । ଲୋଫଡା ପିଲାଟାର ଭାଗ୍ୟ ଭଲ । ଖସିଗଲା । ଯୋଉ ସ୍ପିଡ଼ରେ ବାଇକ୍ ଛୁଟେଇ ଏଠୁ ଉଭାନ୍ ହୋଇ ଗଲାନା ! ଏତେ ଲୋକ ପାଟି କରୁଥିଲେ ହେଲେ କେହି ଅଟକାଇ ପାରିଲେନି । ସେ ଟୋକାକୁ ଭଲ କରି ଜଣାଥିବ କଟକର ଗଳିକନ୍ଦି । ନାଲି ରଙ୍ଗର ବୁଲେଟ୍ ଭଳି ଗାଡ଼ିଟା । ନମ୍ବର ବି ମୋର ମନେ ଅଛି । ଓଡି ପଚିଶି ବାଇଶି । ମୁଣ୍ଡରେ ହେଲମେଟ ଥିଲା ତ ଭଲକି ଚିହ୍ନି ପାରିଲିନି । ସେ ଟୋକା ଆଉ ଥରେ ଏବାଟେ ଗଲେ ଚିହ୍ନି ଦେବି, ଛାଡିବିନି । ଝାପ୍ସା ମନେ ଅଛି ତାର ମୁହଁଟା । ଗୋଲ୍ ଗାଲିଆ ଟୋକାଟା ତ । ପାନ ଦିଖଣ୍ଡ ବଢ଼େଇଦେଇ ରାଜା ମୁହଁକୁ ଚାହିଁଲା ଆଉ ପଇସା ମାଗିଲା । ଦାଢ଼ି କୁଣ୍ଡେଇବାର ବାହାନାରେ ମୁହଁଟାକୁ ବିକୃତ କରି ରାଜା ପଚାରିଲା, 'ଆଛା ସେ ପିଲାଟାକୁ ବୟସ କେତେ ହେବ ?'

' ଏଇ ତୁମରି ବୟସ ହେବ ' କହି ପୁଣି ତା ମୁହଁକୁ ଚାହିଁଲା ପାନ ଦୋକାନୀ । ବଦମାସଟେ ହେଇଥିବ । ପିନ୍ଧିଥିଲା ନୀଳ ରଙ୍ଗର ଟି ସାର୍ଟ।' ରାଜା ଏସବୁ ଶୁଣି ନିଶ୍ଚିତ ହୋଇଗଲା ଯେ ଗପୁଡ଼ା ପାନାବାଲା ତାକୁ ଚିହ୍ନିପାରିନି ଯଦିଓ ସେ ଏପର୍ଯ୍ୟନ୍ତ ନୀଳ ଟି ସାର୍ଟଟା ପିନ୍ଧିଥିଲା । ପାନ ଛେପକୁ ଢୋକିନେଇ ପୁଣି ଥରେ ପାନବାଲା ମୁହଁକୁ ଚାହିଁଲା ଏବଂ ଆଖି ଫେରାଇ ନେଇ ପଚାରିଲା, 'ଆଉ ଥାନାରେ ଏତାଲା ଦିଆ ହେଇଚି କି ?'

'ନା, ନା, ସେ ସବୁ କିଛି ଦରକାର ନାହିଁ ।'

ଏଥର ନିଶ୍ଚିତରେ ନିଃଶ୍ୱାସ ମାରିଲା ରାଜା । ଦାନ୍ତ କଡ଼ରୁ ଗୁଆ ଖୁଣ୍ଟୁ ଖୁଣ୍ଟୁ ପଚାରିଲା, 'ଆଛା ଭାଇ, ଆଉଥରେ ଯଦି ସେ ବାଇକ୍ ବାଲା ଏବାଟେ ଯାଏ ତମେ ତାକୁ ଚିହ୍ନି ପାରିବ ?'

'ଚିହ୍ନି ପାରିବି ମାନେ ? କି କଥା କହୁଚ, ଥରେ ସାମ୍ନାରେ ପଡିଲେ ପୁଅକୁ ଏମିତି ପାନେ ଦେବି ଯେ ଜୀବନସାରା ମନେ ରଖିବ। ପୁଅର ଗାଡି ଆଉ ଥରେ ଏବାଟେ ଆସୁ, ମତେ ଚିହ୍ନିବ । ପଚିଶି ବାଇଶି ତ ଯିବ କୁଆଡେ ?'

'କଣ କରିବ ତା'ର ?' ଡରି ଡରି ରାଜା ପଚାରିଲା ।

'କଲର ଧରି ଏମିତି ଧୂଲେଇ କରିବି ଯେ ଗୋଟେ ତଳେ ପଡ଼ିବନି । ଦି 'ଟା ଗାନ୍ଧୀ ମୁଣ୍ଡ ଗଣି ନଦେଲେ ତା'ର ନିସ୍ତାର ନାହିଁ । ନା କ 'ଣ କହୁଛ ?'

'ଆଉ ଯଦି ସିଏ ନମ୍ବର ପ୍ଲେଟ ବଦଳାଇ ଦିଏ ?'

'ଆଛା ତମେ କାହିଁକି ଏତେ କଥା ପଚାରୁଛ କହିଲ ?'

'ନା ନା ମୁଁ ଯାଉଛି କହି ରାଜା ଆଗକୁ ବଢିଲା । ତାକୁ ଲାଗିଲା ଆଉ ଟିକକରେ ସେ ପାନ ଦୋକାନୀଟା ପଛପଟୁ ଆସି ତାକୁ ମାଡି ବସିବ ଆଉ କିଛି ଉତ୍ତମ ମଧ୍ୟମ ଥୋଇବ । ତା ପକେଟରୁ ପର୍ସଟା ଛଡାଇ ନେବ । ଟଙ୍କା ଯାଉ କିଛି କଥା ନାହିଁ, କିନ୍ତୁ ପର୍ସରେ ଯେ ଲିନାର ଫଟୋଟି ରଖିଛି ସେଇଟାକୁ ହଜାଇ ପାରିବନି ରାଜା ।

ସେଠୁ କ୍ଷିପ୍ର ଗତିରେ ପାହୁଣ୍ଡ ପକେଇ ସେ ଏକା ରହୁଥିବା ଭଡା ଘରେ ପହଞ୍ଚିଥିଲା । ପର୍ସରୁ ବାହାର କରି ଲିନାର ଫଟୋଟି ଦେଖିଲା । ଫଟୋଟା ସେ ନିଜ ମୋବାଇଲରେ ଦୂରରୁ ଲିନାର ଅଜାଣତରେ ଉଠାଇ ନେଇଥିଲା ଯାହା ଆଉ କେହି ଜାଣି ନଥିଲେ । ପ୍ରତିଦିନ ସେ ସେଇ ଫଟୋଟାକୁ ଅତିକମରେ ଦଶ ଥର ଦେଖେ । ଏବେ ସେ ଫଟୋ ଦେଖୁ ଦେଖୁ ତାକୁ ଲାଗିଲା ଲିନା ହସୁଛି । ଲିନାର ହସ ଦେଖି ତାକୁ ବି ଖୁସି ଲାଗିଲା । ସେ ଦର୍ପଣ ଆଗକୁ ଯାଇ ନିଜର ମୁହଁକୁ ଦେଖିଲା ।

ତା ମୁହଁଟା ନିଜ ଆଖିରେ ବଦଳି ଯାଇଥିବା ପରି ମନେ ହେଲା । ସେ ମୁହଁକୁ ସାବୁନରେ ଧୋଇ ପୁଣିଥରେ ଦେଖିଲା । ସତରେ ସେ କେତେ ବଦଳି ଯାଇଛି ଏ ସହରରେ ପ୍ରବେଶ କଲା ପରେ । ରେଭେନ୍ସା କଲେଜରେ ପାଠ ପଢିବାକୁ କହି ବାପାଙ୍କ ଅନୁମତି ନେଇ ସେ ଏଠାକୁ ପଢିବାକୁ ଆସିଛି, ହେଲେ ଏବେ ସେ ବାପାଙ୍କୁ ଭୁଲିଯାଇଛି, ପରିବାରକୁ ଭୁଲିଯାଇଛି, ଗାଁକୁ ଭୁଲିଯାଇଛି, ସହରୀ ସଭ୍ୟତା ଭିତରେ ସବୁ ସାଙ୍ଗ ସାଥୀଙ୍କୁ ବି ଭୁଲି ଯାଇଛି । ଏବେ ତାକୁ ସହର ଖୁବ୍ ଭଲ ଲାଗୁଛି । ସହର କହିଲେ ଗାଡିମଟର, ବଡ଼ ବଡ଼ କୋଠାଘର, ରାସ୍ତା, ବଜାର, ସିନେମା, ପାର୍କ ଆଉ ବଡ଼ ବଡ଼ ହୋଟେଲ ଖାନାପିନାର ମଉଜ । ଏଠାରେ ଆମୋଦ ପ୍ରମୋଦ ସହିତ ଏକ ନୂଆ ପ୍ରକାରର ପ୍ରେମ ସମ୍ପର୍କରେ ବାନ୍ଧି ହୋଇଯାଇଛି ଯାହା ଆପଣାଛାଏଁ ଘଟିଯାଇଛି, ନିଜ ଅଜାଣତରେ ।

ଚିନ୍ତାରେ ଆପଣଛାଏଁ ଲିନା କଥା ମନେପଡ଼ିଲା । ଲିନା ସାମନ୍ତରାଏ ସହିତ ଭେଟ କଲେଜ ପଢିବା ଦିନରୁ । ତା ସହିତ ବି.ଏ. ଅନର୍ସରେ ରାଜନୀତି ବିଜ୍ଞାନ ପଢୁଛି । ହଷ୍ଟେଲରେ ରହୁଛି । ଗୌର ରଙ୍ଗର ଝିଅଟେ, ଖୁବ ଆକର୍ଷଣୀୟ । ରାଜା ପାଇଁ ଲିନାର ସ୍ୱପ୍ନ ଖୁବ୍ ଆଦରରେ ତିଆରି ସ୍ୱପ୍ନର ନାୟିକା ପରି। ସେଇ ଗୋଟିଏ ସ୍ୱପ୍ନକୁ ବାରମ୍ବାର ଦୋହରାଇ ସେ ତାକୁ ନିଜର କରି ସାରିଥିଲା । ସେ ଲିନାକୁ ଭଲପାଏ ବୋଲି ନିଜକୁ ବାରମ୍ବାର କହି ହେଉଥାଏ ନିରବରେ । ଲିନା ସହିତ ଥରେ ଦେଖା ହୋଇଥିଲା ରାଜାର କଲେଜ ବାରଣ୍ଡାରେ । ବହିଟା ମାଗିବା ଆଳରେ ସେ ତା ସହିତ ଦୁଇ ପଦ କଥା ହୋଇଥିଲା । ବହିଟା ଫେରେଇବା ବେଳେ ଭାବପ୍ରବଣ ହୋଇ ରାଜା ପଚାରିଥିଲା, 'ତୁମକୁ କିଛି ଗୋଟେ ଉପହାର ଦେବାକୁ ଚାହେଁ । ଦେଇ ପାରିବି ?' ଲିନା ସେଦିନ କିଛି ନକହି ହସି ଦେଇ ଚାଲିଗଲା । ବାସ୍ ତା ପରଠୁଁ ମନର ରାଣୀ କରି ରଖିଛି ରାଜା । ତାକୁ ନେଇ କେତେ କଣ ସ୍ୱପ୍ନ ଦେଖିଛି ।

ଏବେ ପାଞ୍ଚଟା ବାଜିବାକୁ ଯାଉଛି । ରାଜାର ମନେପଡ଼ିଗଲା ଆଜି ସେ ଲିନାକୁ ପାଖ ପାର୍କକୁ ଡାକିଛି । ପିନ୍ଧିଲା ଦାମୀ ସୁଟ୍ ବୁଟ୍ । ଦେହରେ ପକେଇଲା ଦାମୀ ଅତର । ସାଙ୍ଗଠାରୁ ମାଗିଆଣିଲା ବାଇକ୍ ଆଉ ବାହାରିଗଲା ପାର୍କ ଅଭିମୁଖେ ।

ପାର୍କରେ ପହଞ୍ଚି ରାଜା ଲକ୍ଷ୍ୟ କଲା ଗୋଟିଏ କୋଣରେ ପଥର ତିଆରି ବେଞ୍ଚ ଉପରେ ବସିଛି ଲିନା । ମନରେ ସରସତା ନାହିଁ । ରାଜାକୁ ଦେଖି କହିଲା, 'ଜାଣିଚ ଆଜି ମୋର ଜନ୍ମଦିନ । କିନ୍ତୁ ଘରେ ଆଜି କେହି ଖୁସି ନାହାନ୍ତି ।'

'କିନ୍ତୁ କାହିଁକି ?'

'ଆଜି ସକାଳୁ ମୋ ଭାଇ କେକ୍ ବରାଦ ଦେବାକୁ ଆମ କଲେଜ ଛକ ପାଖକୁ ଯାଇଥିଲା, ହେଲେ ବାଙ୍କ ପାଖରେ କେହି ଜଣେ ତାକୁ ଧକ୍କା ଦେଇ ସେ ସ୍ଥାନ ଛାଡି ପଳେଇଗଲା । ପାଖ ତେଜରାତି ଦୋକାନୀ ସାଙ୍ଗେ ସାଙ୍ଗେ ତାକୁ ନେଇ ଡାକ୍ତରଖାନାରେ ଭର୍ତ୍ତିକରି ଆମକୁ ଖବର ଦେଲା । ଡାହାଣ ହାତଟା ତାର ଭାଙ୍ଗି ଯାଇଛି । ସୌଭାଗ୍ୟବଶତଃ ବଞ୍ଚିଯାଇଛି ତାର ଜୀବନ। ଏତେ ବଡ଼ ଭଲ ଦିନରେ ଆମ ଘରେ କାହା ମନରେ ଖୁସି ନାହିଁ ।

' ପିଲାଟା କିଏ ଜଣା ପଡିଲା ?' ରାଜା ପଚାରିଲା ।

'ନା ପାଖ ଦୋକାନୀମାନଙ୍କୁ ପଚାରିଲୁ, କିନ୍ତୁ କେହି କିଛି କହି ପାରିଲେନି। 'ପାଖ ଥାନାରେ ଏତାଲା ଦେଲନି' ମୁହଁ ଟାଣ କରି କହିଲା ରାଜା ।

'ନା, ନା, ସେ ସବୁ କିଛି ଦରକାର ନାହିଁ । ଆମେ କେବଳ ଜାଣିବାକୁ ଚାହୁଁଛୁ ସେ ପିଲାଟା କିଏ । ତୁମର ମନେ ଅଛି ରାଜା ? ମତେ ଦିନେ କହିଥିଲ ଉପହାର ଦେବାକୁ । ଆଜି ମୋର ଜନ୍ମଦିନ । ତୁମେ ତ ସେ ବାଙ୍କ ପାଖ କଲୋନୀରେ ରହୁଛ । ତୁମେ ଚାହିଁଲେ ସେ ପିଲାଟାକୁ ଖୋଜି ବାହାର କରିପାରିବ । ପାଖ ପାନ ଦୋକାନୀ କହିବା ଅନୁସାରେ ସେ ପିଲାଟାର ଗାଡି ନମ୍ବର, ଓ ଡ଼ି ପଚିଶି ବାଇଶି । ତୁମେ ତାକୁ ଖୋଜି ପାଇବ ନା ? ତେବେ ତାହା ହିଁ ହେବ ଆଜି ଦିନରେ ମୋ ପାଇଁ ଶ୍ରେଷ୍ଠ ଉପହାର।'

କ 'ଣ କହି ଲିନାକୁ ସାନ୍ତ୍ୱନା ଦେବ ଭାବିଲା ବେଳକୁ ରାଜାର ମୁହଁ ଶେତା ପଡିଗଲା । ତାର ସବୁ ରଙ୍ଗୀନ ସ୍ୱପ୍ନ ଫିକା ଫିକା ଲାଗିଲା । ନିଜ ଭିତରେ ଅନୁଭବ କଲା ଏକ ଅବ୍ୟକ୍ତ ଯନ୍ତ୍ରଣା ।


+ଭୁବନେଶ୍ୱର

ମୋ - ୭୦୦୮୩୪୮୧୭୨


---



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାର)

# ତ୍ରିପାଦମେଦିନୀ

## ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୨୯ ॥

ତଟ ସରସ୍ୱତୀ ।

ଶ୍ରୀମଦ୍ ଭାଗବତର ସ୍ରଷ୍ଟା ବେଦ ବ୍ୟାସ ଚକ୍ଷୁ ମୁଦ୍ରିତ କରି, ବରାହ ଅବତାରଙ୍କ ବିଷୟ ରେ ଚିନ୍ତା କରୁଛନ୍ତି । ଭଗବାନ ନିଜର ତୃତୀୟ ଅବତାରରେ ଏକ ବରାହର ରୂପ ଧାରଣ କଲେ କାହିଁକି ?

ହଠାତ୍ ତାଙ୍କ ଦୃଷ୍ଟି ସାମ୍ନାରେ ଏକ ଚିତ୍ର କକ୍ଷ ଉଦ୍ଭାସିତ ହୋଇ ଉଠିଲା ।.......

ବର୍ତ୍ତମାନ ଠାରୁ ପ୍ରାୟ ଛଅ କୋଟି ବର୍ଷ ତଳେ ।.......

ବ୍ୟାସ ଦେବ ସୁଦୂର ଅତୀତକୁ ଦର୍ଶନ କରିବାରେ ଲାଗିଲେ । ସେହି ସମୟରେ ମୀନ ଓ କଛପଙ୍କ ପରେ ଅନେକ ଜୀବଜନ୍ତୁ ସୃଷ୍ଟି ହୋଇ ସାରିଥିଲେ । ବିଶାଳ ଓ ଉଚ୍ଚ କାୟ ଅସଂଖ୍ୟ ସରୀସୃପ ମାନେ ସେହି ଶକ୍ତି ଦ୍ୱୀପର ଘଞ୍ଚ ଅରଣ୍ୟ ମଧ୍ୟରେ ନିର୍ଭୟରେ ଘୁରି ବୁଲୁଥିଲେ । ହଠାତ୍ ମହାକାଶରୁ ଏକ ପ୍ରକାଣ୍ଡ ଜ୍ୱଳନ୍ତ ଉଲ୍କାପାତ ହେଲା !!

ଚତୁର୍ଦ୍ଦିଗରେ, ଆଫ୍ରିକାର ସେହି ଘନ ଅରଣ୍ୟରେ ଉଲକାପାତ ହେବା କ୍ଷଣି ଲେଲିହାନ ଅଗ୍ନି ଶିଖା ଜଳି ଉଠିଲା । ଧୂମ୍ର ରେ ଆଚ୍ଛାଦିତ ହେଲା ଆକାଶ । ପ୍ରବଳ ଝଞ୍ଜା ବାୟୁ ବହିଲା । ସେହି ଅଗ୍ନି ଶିଖା ଓ ତାପ ରେ ଜଳି, ପୋଡ଼ି ପାଉଁଶ ହୋଇଗଲେ, ସେହି ସରୀସୃପ ଆଦି ସ୍ଥଳ ଭାଗରେ ବାସ କରୁଥିବା ଅତି ଅଧିକ ଓଜନିଆ ପ୍ରାଣୀ ମାନେ । କେବଳ କେତେକ ନକୁଳ ସମ ମୂଷା ଜାତୀୟ ପ୍ରାଣୀମାନେ ଭୂମି ତଳେ ଥିବା ଗଭୀର ଗର୍ତ୍ତ ମାନଙ୍କରେ ବଞ୍ଚି ରହିଲେ !!

ସେମାନେ ଧ୍ୱଂସ ହୋଇ ଯିବା ପରେ, ସେମାନଙ୍କର ମୃତ ଦେହର ଅସ୍ଥି, ମାଂସର ଭସ୍ମରେ ପାଂଶୁଳା ମୃତ୍ତିକା ଉର୍ବର ହୋଇ ଉଠିଲା । ଫୁଲ ଫୁଟ । ଗଛ ମାନଙ୍କର ରଙ୍ଗୀନ ଫୁଲ ମାନଙ୍କରେ ଭାର ମୁକ୍ତ ହୋଇ ହସ, ହସ ଦେଖାଗଲା ନୀରସ ପୃଥିବୀ । ପ୍ରାୟ ଚାରି କୋଟି ରୁ ପାଞ୍ଚ କୋଟି ବର୍ଷ ପୂର୍ବେ ।...

ସମୟ କ୍ରମେ ସେହି ନକୁଳ ମୂଷା ମାନେ ହିଁ ବିବର୍ତ୍ତିତ ହୋଇ ଭଲ୍ଲୁକ, ବରାହ ଆଦି ପ୍ରାଣୀ ମାନେ ସୃଷ୍ଟି ହେଲେ ଓ ପଶୁ ଜଗତକୁ ପୁନର୍ଜୀବନ ଦେଲେ । ସରୀସୃପ ମାନଙ୍କଠାରୁ ସୃଷ୍ଟି ହୋଇଥିବା ଓଜନିଆ ପକ୍ଷୀ ମାନେ ବରାହଙ୍କ ସମୟ ରେ କ୍ଷୁଦ୍ର ଓ ହାଲୁକା ଅବୟବ ଏବଂ ପକ୍ଷ ଧାରଣ କରି ଆକାଶ ମଣ୍ଡଳରେ ଉଡ଼ିବାରେ ଲାଗିଲେ ।

ବସ୍ତୁର ଓଜନ ବା ହାଲୁକା ପଣ ଶକ୍ତିର ପରିମାପକ ହୋଇ ନଥାଏ । ସ୍ରଷ୍ଟା ଯୁଗେ, ଯୁଗେ ପୃଥିବୀର ଭାର ବା ଓଜନକୁ ହ୍ରାସ କରିବା ପାଇଁ ଦାନବ ଶକ୍ତିମାନଙ୍କୁ ପରାଜିତ କରି ଥାନ୍ତି । ତେଣୁ ସୃଷ୍ଟିର ସଂରଚନା କରୁ, କରୁ ବ୍ରହ୍ମା ସେଇ ସରୀସୃପମାନଙ୍କ ନିକଟରେ ଅଟକି ଯାଇଥିଲେ । ଏପରି ବିଶାଳକାୟ ଜୀବମାନେ ପୃଥିବୀରେ ରହିଲେ ସମସ୍ତ ଖାଦ୍ୟ ଓ ପାନୀୟ ମାନଙ୍କୁ ଅଳ୍ପ ସମୟରେ ଶେଷ କରିଦେବେ ! ଏମାନେ ବିବର୍ତ୍ତିତ ହୋଇ ତାଙ୍କ କଳ୍ପନାର ପୂର୍ଣ୍ଣ ବିକଶିତ, ବୁଦ୍ଧିମାନ ଓ ଚେତନଶୀଳ ମାନବମାନଙ୍କୁ ସୃଷ୍ଟି କରି ପାରିବେ ନାହିଁ । ଅନ୍ୟ କେହି ଜୀବ ଏହି ପୃଥିବୀରେ ଆଉ ବଞ୍ଚି ରହି ପାରିବେ ନାହିଁ । ତେଣୁ ସେ କୌଣସି ଉପାୟରେ ଅଗ୍ନି ଜାଳି, ସୃଷ୍ଟିର ମଙ୍ଗଳ ପାଇଁ ସେମାନଙ୍କୁ ବିସର୍ଜନ କରିଥିଲେ ।

ପଞ୍ଚ ଭୂତ ମାନଙ୍କ ମଧ୍ୟରେ ଥିବା ଶକ୍ତି ଏକତ୍ରୀଭୂତ ହେଲେ ତାହା ଓଜନ ହରାଇ ଉର୍ଦ୍ଧ୍ୱ ଗତି କରିଥାଏ । ବାୟୁ ଉତ୍ତପ୍ତ ହେଲେ ଚକ୍ର ବାତ ହୋଇ ଉର୍ଦ୍ଧ୍ୱ ଗତି କରିଥାଏ ଓ ଏହାର ଶକ୍ତି ବଢିଯାଏ । ସମୁଦାୟ ଜଳକୁ ଏକତ୍ର କରିଦେଲେ ଏହା ଉଚ୍ଚ ତା ରେ ବଢ଼ି ଯାଏ । ଆଲୋକ କୁ ଏକତ୍ର କଲେ ଏହା ବହୁ ଦୂର ଓ ଉଚ୍ଚକୁ ଗତି କରେ । ତାର ଶକ୍ତି ବଢ଼ି ଯାଏ । ମୃତ୍ତିକାକୁ ଏକତ୍ର କଲେ ଏହା ସ୍ତୁପ ଆକାରରେ ଉର୍ଦ୍ଧ୍ୱ କୁ ଉଠିଯାଏ । ମହାକାଶକୁ ଗଲେ ମାନବର ଉଚ୍ଚତା ବଢ଼ିଯାଏ । ସେହି ପରି ପକ୍ଷୀର ଶକ୍ତି ତାକୁ ଉର୍ଦ୍ଧ୍ୱକୁ ନେଇ ଯାଏ । ବୀଜ ମଧ୍ୟରେ ଶକ୍ତି ଏକତ୍ର ହେଲେ, ତାହା ମଞ୍ଜିକୁ ଫଟାଇ ଚାରାକୁ ଉର୍ଦ୍ଧ୍ୱକୁ ଉଠାଇ ଦିଏ । ସେହିପରି ମସ୍ତିସ୍କର ଶକ୍ତି ଓ ମାନସିକ ଶକ୍ତିକୁ ଚାରି ଆଡୁ ଗୋଟାଇ ଆଣି ଏକତ୍ର ବା ଗୋଟିଏ ସ୍ଥାନରେ ଏକତ୍ର କଲେ ଏହା ଉଚ୍ଚ ସ୍ତରକୁ ଚାଲି ଯାଇଥାଏ । ବ୍ୟାସଦେବ ଦେଖିଲେ, ବରାହଙ୍କ ଜନ୍ମ ସମୟରେ ପୃଥିବୀର ମୃତ୍ତିକା ସଙ୍କୁଚିତ ହୋଇ ଏକତ୍ର ହୋଇ ଯାଉଛନ୍ତି ଏବଂ ଏହି ଚାପରେ ଉଚ୍ଚ ଭୂମି ଓ ପ୍ରାଚୀନ ଟେଥ୍ୟା ସମୁଦ୍ର ମଧ୍ୟରୁ ହିମାଳୟ ପର୍ବତ ବା ସୁବର୍ଣ୍ଣ ଗିରିଉଚ୍ଚକୁ ଉଠିଯାଉଛନ୍ତି । କୃଷ୍ଣ ସାଗର ଆଦି ମଧୁର ଜଳ ଜଳାଶୟ ମାନ ଓ ଅମ୍ଳଜାନ ପୂର୍ଣ୍ଣ ଜଳାଶୟ ମାନ ସୃଷ୍ଟି ହୋଇଅଛି । ସେ ଭାରତର ଉତ୍ତର ସୀମାରେ ଏକ ପ୍ରାଚୀର ସଦୃଶ ତାକୁ ସୁରକ୍ଷା ଦେଇ ଉତ୍ତରର ଶୁଷ୍କ ଶୀତ ବାୟୁରୁ ରକ୍ଷା କରୁ ଛନ୍ତି । ମୌସୁମୀ ପ୍ରବାହ ତଥା ହିମାଳୟ ର ଚିର ସ୍ରୋତ । ନଦୀ ମାନେ ଉତ୍ତର ଭାରତକୁ ଏକ ଉର୍ବର କୃଷି ଉପଯୋଗୀ ସ୍ଥାନ ରେ ପରିଣତ କରିଛନ୍ତି । ଏହା ସହ ବ୍ୟାସଦେବ ବିସ୍ମିତ ହୋଇ ଦେଖିଲେ ଯେ ଏହି ଭୂମି ଚଳନରେ ସ୍ଥଳ ଭାଗ ଜଳ ଓ କର୍ଦ୍ଦମ ରେ କୋମଳ ହୋଇ କୃଷି ଉପଯୋଗୀ ହୋଇ ପାରିଛି । ସେଥିରେ ଏହି କ୍ଷୁଦ୍ର ପ୍ରାଣୀ ମାନଙ୍କ ଉପଯୋଗୀ କୋମଳ ତୃଣ, ଗୁଳ୍ମ ଜାତୀୟ ଅନୁଚ୍ଚ ଉଦ୍ଭିଦ ମାନ ତୃଣ ବୀଜ ଓ କୁସୁମ ପୂର୍ଣ୍ଣ ହୋଇ ସେମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛି ।

ତେବେ ଏହି କ୍ଷୁଦ୍ର ମୂଷିକ ମାନେ ହିଁ ବରାହଙ୍କର ବାସ୍ତବ ପୂର୍ବଜ ଥିଲେ ? ନାଁ, ନାଁ, କେବଳ ବରାହଙ୍କର ନୁହେଁ, ବ୍ରହ୍ମା ଆହୁରି ଆଶ୍ଚର୍ଯ୍ୟ ହୋଇ ଦେଖିଲେ ସେହି ଜାତୀୟ କ୍ଷୁଦ୍ର ମୂଷାମାନଙ୍କର ମସ୍ତିସ୍କ ଓ ଗୁଣସୂତ୍ର ସହ ମଣିଷର ମଧ୍ୟ ଅଧିକ ସମ୍ପର୍କ ରହିଅଛି ଓ କ୍ରମେ ସେମାନେ ବିବାର୍ତ୍ତିତ ହୋଇ ବାରହ ଆଦି ପ୍ରାଣୀ ଓ ଶେଷରେ ମାନବରେ ପରିଣତ ହୋଇଛନ୍ତି !! ...

ଏବେ ବ୍ୟାସ ଦେବ ଅଧିକ ବିସ୍ମିତ ହୋଇ ଚିନ୍ତା କଲେ, ଏହି ଶଙ୍ଖ, ଚକ୍ର ଗଦା ଓ ପଦ୍ମ ସାହାଯ୍ୟରେ ସେ କିପରି ହୀରଣାକ୍ଷକୁ ବିନାଶ କରିଥିଲେ ???

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


---

# ଲଜ୍ଜା ବିକୁଥିବା ନାରୀ

## ଶ୍ୱେତା ରାଉତ୍

ସମ୍ପର୍କର ରିଙ୍ଗ



ସାମାଜିକ ଗଣମାଧ୍ୟମରେ ଆପଣମାନେ ପ୍ରତିଦିନ କେତେ କେତେ ୟୁ ଟ୍ୟୁବରଙ୍କୁ ଦେଖିଥିବେ ସେମାନେ ବ୍ଲଗ୍ ମାଧ୍ୟମରେ ଅନେକ କଣ୍ଟେଣ୍ଟ ବା ବିଷୟ ବସ୍ତୁ ପ୍ରସାରଣ କରି ଅର୍ଥ ଉପାର୍ଜନର ଏକ ମାଧ୍ୟମ ପାଇଛନ୍ତି । ଅଳ୍ପ କେତେ ଜଣଙ୍କୁ ବାଦ୍ ଦେଲେ କାହାରି ପାଖରୁ ସମାଜକୁ କିଛି ବି ଶିକ୍ଷା ମିଳିବାର ନାହିଁ ।ବଡ ଦୁଃଖ ଓ ଲଜ୍ଜାର କଥା ଅନେକ ମହିଳା ସାମାଜିକ ଗଣମାଧ୍ୟମରେ ଅପଶବ୍ଦ କହି, ଉଲଗ୍ନ ନାଚ ଓ ଅଭଦ୍ରାମୀର ଚରମ ସୀମା ଟପି ଅଙ୍ଗ ପ୍ରଦର୍ଶନ କରୁଛନ୍ତି, ଯାହା ସମାଜ ପାଇଁ ଅତ୍ୟନ୍ତ ପରିତାପର ବିଷୟ । ଅର୍ଥ ଉପାର୍ଜନ ପାଇଁ ଅନେକ ମାର୍ଗ ଅଛି, ଏଭଳି ମାର୍ଗ ଆପଣେଇ ନାରୀମାନେ ନିଜ ପରିବାର ପାଇଁ କଳଙ୍କ ସାଜୁଛନ୍ତି । ଲଜ୍ଜା ନାରୀର ଭୂଷଣ, କିନ୍ତୁ ଏବେ ଲଜ୍ଜା ନାରୀ ପାଇଁ ଉପାର୍ଜନର ମାଧ୍ୟମ ପାଲଟିଛି । ଲଜ୍ଜା ମାଗଣାରେ ବିକ୍ରି ହେଉଛି ସାରା ସମାଜ ସମ୍ମୁଖରେ,ଏବଂ ବିକ୍ରି କରୁଛି ନିଜେ ନାରୀ ।

କିଏ ମନ୍ଦିର ତୋଳି ନାଁ କରନ୍ତି, କିଏ ରାସ୍ତାରେ ମଳତ୍ୟାଗ କରି ନାଁ ପକାନ୍ତି । ଯେଉଁ ନାରୀମାନେ ସାମାଜିକ ଗଣମାଧ୍ୟମରେ ଅଶାଳୀନ ନୃତ୍ୟ, ଅପଶବ୍ଦ, ନଗ୍ନତା ଓ ଉତ୍ତେଜକ ଠାଣୀ, ବାଣୀ ଦ୍ୱାରା ପ୍ରସିଦ୍ଧ ହେବାକୁ ମନ ବଳାଉଛନ୍ତି, ନିଶ୍ଚିତ ସେମାନଙ୍କ ପରିବାର ଲୋକମାନେ ଏକ ପ୍ରକାର ଜୀବନ୍ତ ଶବ ଭଳି ବଞ୍ଚୁଥିବେ ।ବିଚରା ସ୍ୱାମୀ କିଛି ଅବରୋଧ କଲେ ୪୯୮ କ, ଖ ସବୁ ଦଫା ଲାଗି ଯାଇପାରେ, ତେଣୁ ମୁହଁରେ ତାଲା ମାରି ରହିବା ଭଲ । ଶାଶୁ ଶ୍ୱଶୁରଙ୍କ ଅବସ୍ଥା ବି ଠିକ୍ ସେଇଭଳି, ନୀରବ ମୁକ ସାକ୍ଷୀ, ପିଲାମାନେ ଅଡୁଆ କଲେ ହଷ୍ଟେଲ ଅଛି । କାହାକୁ ଡର ନାହିଁ, ଭୟ ନାହିଁ କି ସମ୍ମାନ ନାହିଁ । ଏ କିଭଳି ଜୀବନ ନାରୀର । ଏହା କଣ ସଶକ୍ତିକରଣ ? ଏ ନାରୀର ଦେବୀ ରୂପ ନା ରାକ୍ଷସୀ ରୂପ ? କାରଣ ଆଜିକାଲି ଏ ନାରୀମାନଙ୍କ ପରିପାଟୀ ଦେବୀଙ୍କ ପରି ଲାଗୁନାହିଁ, ବରଂ ଦେବୀ କାଳୀଙ୍କ ଚାରିକଡରେ ଥିବା ନଗ୍ନ ରୂପୀ ଡାହାଣୀ, ଚିରୁକୁଣୀଙ୍କ ପରି ଲାଗୁଛି । ଏମାନେ ଏତେ ହିଂସ୍ର ମନେ ହେଉଛନ୍ତି ଯେ, ସ୍ୱାମୀ, ପିଲା, ପରିବାର ବି ଭୟ କରୁଥିବେ, କେତେବେଳେ ସେମାନଙ୍କ ରକ୍ତ ବି ପିଇଯାଇ ପାରନ୍ତି । ଭାବପ୍ରବଣ ହୋଇ ମୁଁ ଲେଖୁନାହିଁ, ଆପଣମାନେ ଜାଣନ୍ତି ଏହା ବାସ୍ତବରେ ଘଟୁଛି । ସତରେ କଣ ଏ ସମୟ ସୃଷ୍ଟିର ବିନାଶ ଆଡ଼କୁ ଗତି କରୁଛି ? କାହାକୁ ପଚାରିବା, କିଏ ଉତ୍ତର ଦେବ ? ସମସ୍ତଙ୍କୁ ଏବେ ଆଧୁନିକତାର ନିଶା ।

ଆଧୁନିକା ହେବା ଖରାପ ନୁହେଁ, କିନ୍ତୁ ଅତ୍ୟାଧୁନିକା ଓ ସ୍ୱାର୍ଥପର ହୋଇ ସମ୍ପର୍କକୁ ଭୁଲିଗଲେ, କେବଳ ସମସ୍ତଙ୍କ ଅଭିଶାପ ହିଁ ପ୍ରାପ୍ତ ହୋଇଥାଏ । ଆମ ଦେହ ଆମର ଦେଉଳ, ସେଠି ଆତ୍ମା ଦେବତା ରୂପେ ପୂଜା ପାଆନ୍ତି । ଆମ ବିଚାର, ଶ୍ରଦ୍ଧା, ଆବେଗ, କରୁଣା ସବୁକିଛି ଏହି ଶରୀର ଭିତରେ ଆତ୍ମା ସହ ବିଲୀନ ହୋଇ ରହିଥାଏ । ତାକୁ କଳଙ୍କିତ କରି, ଅପବ୍ୟବହାର କରି ଯେତେ ଅର୍ଥ ପ୍ରାପ୍ତ କଲେ ମଧ୍ୟ ପୁଣ୍ୟ ମିଳେନାହିଁ । ସଂସାର ବା ପରିବାର ଏକ ସ୍ଥାୟୀ ସୁରକ୍ଷିତ ଜୀବନର ଭିତ୍ତିଭୂମି, ଏଠି ହଜାର କଳହ, ମନୋ ମାଳିନ୍ୟ ସତ୍ତ୍ୱେ ବି ସଂସାର ସୁନ୍ଦର । କ୍ଷଣିକ ଉତ୍ତେଜନାର ବସବର୍ତ୍ତୀ ହୋଇ ସୁଦୀର୍ଘ ଜୀବନକୁ ନଷ୍ଟ କରି କି ଲାଭ ମିଳୁଛି । ସେ ଖୁସି, ଆନନ୍ଦ, ସୁଖର ମାନେ କଣ ଯେଉଁଥି ପାଇଁ ପରିବାରଜନ ଅସନ୍ତୋଷରେ ରହିବେ, ନିଜକୁ ଲଜ୍ଜିତ ମନେ କରି ମୁଣ୍ଡ ଟେକି ଚାଲି ପାରିବେ ନାହିଁ । ଜୀବନ, ଯୌବନ ଚିରସ୍ଥାୟୀ ନୁହେଁ, ଗୋଟେ ମେଜିକ ଭଳି ଏଇନେ ଅଛି ଏଇନେ ନାହିଁ ।କିନ୍ତୁ ସଂସ୍କାର, ପିଢ଼ିରୁ ପିଢ଼ି ବ୍ୟାପ୍ତ ହୋଇଚାଲେ । ଜୀବନକୁ ଶୃଙ୍ଖଳ କରିଥାଏ । ନାରୀ ନିଜର ମର୍ଯ୍ୟାଦା ରକ୍ଷା କରି ଅନ୍ତତଃ ଏତିକି ବୁଝିବା ଉଚିତ୍ । ନିଜ ପିଲା ଆଡ଼କୁ ଚାହିଁ ଭାବିବା ଉଚିତ୍ ଯେ, ମାଆର କର୍ମ ପିଲା ଉପରେ କିଭଳି ପ୍ରଭାବ ପକାଇବ । ପିଲା ନର ହେବ କି ଅସୁର ହେବ !


+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର

ମୋ:୯୪୩୯୭୨୬୦୬୦


---

## ଆଜିର କବିତା

### ମା ମତେ କ'ଣ ଶିଖାଇଲା

ତପସ୍ୱିନୀ ଚୌଧୁରୀ

ଦୁନିଆ କହିଲା
ତୋ ମା ତତେ କ'ଣ ଶିଖାଇଛି ?
ସତରେ ତ !
ନା ରନ୍ଧାବଢା, ଆଚାର ସଣ୍ଢଣା
କି ଘରକରଣା
କ'ଣ ଶିଖାଇଲା ?
ମା ତ ଗେହ୍ଲାରେ
ପଚେଇ ସଢ଼େଇ ଦେଲା
ଗୋଟିକିଆ ଛୁଆ ବୋଲି
ପାଖରୁ ବି ଛାଡିଲାନି
କୋଳରେ ପୁରେଇ ରଖିଲା
ଦୁନିଆ କୋଉ ବା ଦେଖେଇଲା
ମୁଁ ଦୁନିଆ ଦେଖିବା ଆଗରୁ
ସେ ଦୁନିଆ ଛାଡି ଦେଲା
ମୁଁ ବାଟ ଚାଲିବା ଆଗରୁ
ତା ବାଟ ସରିଗଲା
ସତରେ ମା ମତେ କ'ଣ ଶିଖାଇଲା ।
କହିଲାନି ତ କେବେ
ଝିଅ ଟେ ତୁ
ରହିବୁ ସୀମା ସରହଦ ଭିତରେ
ଓଲଟି କହିଲା ଝିଅ ମୋର
ଶହେ ପୁଅଙ୍କୁ ବି କାଟି ଦେବ
'ଏକଶ୍ଚନ୍ଦ୍ର ତମହନ୍ତି ନ ଚ ତାରାଗଣ ଅପ'
ବିଶ୍ୱାସର ବୋଝ ଲଦି ଦେଇ
ଆତ୍ମ ସମୀକ୍ଷା ପାଇଁ
ତିନି ଗାର ଟାଣି ଦେଲା
ସତରେ ମା ମତେ କଣ ଶିଖାଇଲା ।
କହିଲାନି କେବେ ବି
ଭୂଲକୁ ଭୂଲ କହିବୁନି
ମଉନ ରହିବୁ କହିଥିଲା
ଭୁଲକୁ ଭୂଲ କହିବୁ ନିର୍ଦ୍ୱନ୍ଦରେ
ଠିକ୍ କୁ ଠିକ୍ ଦମ୍ଭରେ
ସତରେ ମା ମତେ କଣ ଶିଖାଇଲା ।
କହିଥିଲା କାହାକୁ ଠକିବୁନି
ଅନ୍ୟାୟ କରିବୁନି
ଅନ୍ତରକୁ ନିର୍ମଳ ରଖିବୁ
ନିଷ୍ପାପ ଓ ସଚ୍ଚୋଟ ହେବୁ
ବଞ୍ଚିବୁ ସ୍ୱାଭିମାନକୁ ନେଇ
ମୁଣ୍ଡଟେକି ଚାଲିବୁ
ସେଇଆ ତ କରିଥିଲି
କାହାକୁ ଠକିନି
ବାରବାର୍ ନିଜେ ଠକିଗଲି
ଅନ୍ୟାୟ ସହିଲି
ସଭିଏଁ ମୋ ନିଷ୍ପାପ ମନକୁ
ଦଳି ଚକଟି ଦେଲେ
ମୋ ସଚ୍ଚୋଟପଣିଆକୁ
ପାଦର ପାଣ୍ଡୋଇ ଭାବିଲେ
ସ୍ୱାଭିମାନ ଅଭିମାନର ନାମ ନେଲା
ନିରବି ଗଲି, ବଳି ପଡିଲି, ଭାବିଲି
ସତରେ ମୋ ମା ମତେ କଣ ଶିଖାଇଲା ।
ମା ବୁଡେଇଥିଲା
ଭଲ ପାଇବାର ସମୁଦ୍ରରେ
ଦେଖିଥିଲି ତ୍ୟାଗ ଓ
ମଣିଷପଣିଆର ଗଭୀରତା
ସମ୍ପର୍କକୁ ବାନ୍ଧିବାର କଳା
ନିସର୍ତ୍ତ ସ୍ନେହର ଡୋରିରେ
ମୁଁ ବି କଲି
ପୁରା ନିଗାଡି ଦେଲି ସ୍ନେହ ମମତାକୁ
କେହି ବି ବୁଝିଲେନି
ଅସମ୍ଭବ ସର୍ତ୍ତରେ ବାନ୍ଧିଦେଲେ
ଅଣନିଶ୍ୱାସୀ ମୁଁ
ଦୁନିଆର ଅବୁଝା ପାଠକୁ ବୁଝି ପାରିଲିନି
ଭାବୁଛି ସତରେ
ମା ମତେ କଣ ଶିଖାଇଲା ।


+ଭୁବନେଶ୍ୱର

ମୋ.ନଂ. ୭୦୦୮୪୫୯୧୮୮

# ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା: ମୃତ୍ୟୁ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ପରିବାର ଦେବେ ଧାରଣା

ନୀଳଗିରି, ୧୦/୧ (ନି.ପ୍ର): ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ଜଣେ ରୋଗୀର ୩ମାସ ପରେବି ମୃତ୍ୟୁ ପ୍ରମାଣପତ୍ର ନମିଳିବା କାରଣରୁ ପରିବାର ଲୋକେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣୀ ଗ୍ରାମର ରଘୁନାଥ ଦଳେଇ (୮୨) ଯକ୍ଷ୍ମା ଜନିତ କାରଣରୁ ଗତ ୨୦୨୩ମସିହା ଅକ୍ଟୋବର ୨୩ତାରିଖରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଉକ୍ତଦିନ ସନ୍ଧ୍ୟା ୭.୪୫ରେ ମୃତ୍ୟୁବରଣ କରିଥିଲେ। ମାତ୍ର ପରିତାପର ବିଷୟ ବାରମ୍ବାର ମୃତ୍ୟୁ ପ୍ରମାଣପତ୍ର ପାଇଁ ହସପିଟାଲକୁ ଦୌଡ଼ି ଦୌଡି ସାର୍ଟିଫିକେଟ ନପାଇବା ପରେ ଶେଷରେ ହସ୍ପିଟାଲ ପଞ୍ଜିକରଣ ଖାତାରେ ପଞ୍ଜିକରଣ ନଥିବା ମୃତ ରଘୁନାଥଙ୍କ ଏକମାତ୍ର ପୁଅ ତଥା ନୀଳଗିରିର ବରିଷ୍ଠ ସାମ୍ବାଦିକ ଲୋକନାଥ ଦଳେଇ ଜାଣିବାକୁ ପାଇଥିଲେ। ଏନେଇ ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ ସନ୍ତୋଷ ଜନକ ଉତ୍ତର ପାଇନଥିଲେ। ଆଗାମୀ ୭୨ଘଣ୍ଟା ମଧ୍ୟରେ ଡାକ୍ତରଖାନା କର୍ତ୍ତୃପକ୍ଷ ଯଦି ମୃତ୍ୟୁ ପ୍ରମାଣପତ୍ର ନଦିଅନ୍ତି ତାହେଲେ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହିତ ଆମରଣ ଅନଶନରେ ବସିବେ ବୋଲି ଶ୍ରୀ ଦଳେଇ ଚେତାବନୀ ଦେଇଛନ୍ତି।

# ଟିଟିଲାଗଡ଼ରେ ପ୍ଲାଷ୍ଟିକ୍ ମୁକ୍ତ, ସୁସ୍ଥ ପରିବେଶ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର, ୧୦/୧ (ନି.ପ୍ର): ଜାନୁଆରୀ ୮, ୨୦୨୪ରେ, ଟିଟିଲାଗଡ଼ ଫରେଷ୍ଟ ରେଞ୍ଜ ଏକ ପ୍ରଭାବଶାଳୀ ସଚେତନତା କାର୍ଯ୍ୟକ୍ରମ ସହିତ ଏକ 'ପ୍ଲାଷ୍ଟିକ୍ ମୁକ୍ତ, ସୁସ୍ଥ ପରିବେଶ' ପାଇଁ ନେତୃତ୍ୱ ନେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ବନ କର୍ମଚାରୀ ଏବଂ ଭିଏସଏସ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସହରରେ ରାଲି କରିଥିଲେ ଏବଂ ପରେ କୁମୁଡା ପାହାଡ଼ର ଶିବ ମନ୍ଦିର ଏବଂ କୁମୁଡା ପାର୍କରେ ଏକ ସଫେଇ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ। ବନ ରେଞ୍ଜ ଅଧିକାରୀ ଲିଙ୍ଗରାଜ ଭୋଇ, ଫରେଷ୍ଟର ସୁରେନ୍ଦ୍ର ମହାରଣା, ପ୍ରିୟଙ୍କା ପୋଢ, ଫରେଷ୍ଟ ଗାର୍ଡ ପିତାମ୍ବର ମାଝୀ, ନମିତା ତାଣ୍ଡି, ତପସ୍ୱିନୀ ରଣା, ରଞ୍ଜିତା ପୋଢ, ଆମ ଜଙ୍ଗଲ ଯୋଜନା ଟି.ଏଲ ଅଜୟ ମହାନ୍ତି, ଡିଇଓ ଅନିଲ ଡୁଙ୍ଗଡୁଙ୍ଗ, ଆମ ଜଙ୍ଗଲ ଯୋଜନା ଡି ଓ ଦିବାକର ପ୍ରଧାନ ଏହି କାର୍ଯ୍ୟକ୍ରମରେ ବେଦବର ରଣା, ଶିକ୍ଷକ ଶ୍ରୀ ଭବାନୀ ଛୁରା ଏବଂ ଏନସିସି କ୍ୟାଡେଟମାନେ ସାମିଲ ହୋଇଥିଲେ। ଏହି ସାମୁହିକ ପ୍ରୟାସ ପରିବେଶ ଚେତନାକୁ ସଫଳ କରେ।

# ଡ୍ରାଇଭର ସଂଘର ମିଳିତ ବୈଠକ

ଜୟପୁର, ୧୦/୧ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ଡ୍ରାଇଭର ସଂଘର ମିଳିତ ବୈଠକ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୋଦୀ ସରକାର ସଂସଦରେ ହିଟ୍ ଏଣ୍ଡ୍ ରନ୍ ଆଇନ ଆଣି ଦେଶର ଚାଳିକା ଶକ୍ତି ଡ୍ରାଇଭର୍ ମାନଙ୍କୁ ଆତଙ୍କିତ କରିଛନ୍ତି । ଏହି ଆଇନକୁ ସଂସଦରେ ଆଣି ଦେଶର ଗୃହମନ୍ତ୍ରୀ ଶ୍ରୀ ଅମିତ୍ ଶାହା ଅତି ଚତୁରତାର ସହ କହିଛନ୍ତି ଯେ ଯେଉଁ ଡ୍ରାଇଭର୍ ମାନେ ଦୁର୍ଘଟଣାରେ ଆକ୍ରାନ୍ତ ବ୍ୟକ୍ତିକୁ ମେଡିକାଲରେ ପହଂଚାଇବେ ସେମାନଙ୍କୁ ଦଣ୍ଡ କମ୍ ହେବ । ଏଥିରୁ ମନେ ହୁଏ ସତେ ଯେମିତି ଡ୍ରାଇଭରମାନେ ଆତଙ୍କବାଦୀ ଏବଂ ମଣିଷ ମାରିବା ପାଇଁ ଗାଡି ଚଲାଉଛନ୍ତି ବୋଲି କହି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି ଡ୍ରାଇଭର ସଂଘ । ଏହି ବୈଠକରେ ଯୋଗଦେଇ ଶ୍ରମିକ ନେତା ଶ୍ରୀ ପ୍ରମୋଦ କୁମାର ମହାନ୍ତି କହିଛନ୍ତି ଯେ ମୋଦୀ ସରକାର ସଂସଦରୁ ୧୪୬ ସାଂସଦଙ୍କୁ ଅଗଣତାନ୍ତ୍ରିକ ଭାବେ ବହିଷ୍କାର କରି ଦେଶର ଦଣ୍ଡବିଧି ଆଇନ୍ ସଂହିତାକୁ ବିନା ବିରୋଧୀ ଦଳର ଆଲୋଚନାରେ ପାରିତ କରିଛି । ଡ୍ରାଇଭର ବା ଗାଡ଼ି ଚାଳକମାନଙ୍କ ପାଇଁ ଆଇନ୍ ଅଛି । ବର୍ତ୍ତମାନ ଯେଉଁ ଆଇନ୍ ଆଣିଛନ୍ତି ଦେଶର ଚାଳିକା ଶକ୍ତି ଡ୍ରାଇଭର୍ ମାନଙ୍କୁ ଆତଙ୍କବାଦୀ ଭାବେ ଚିତ୍ରଣ କରୁଛନ୍ତି । କୌଣସି ଡ୍ରାଇଭର ମଣିଷ ମାରିବା ଉଦ୍ଦେଶ୍ୟରେ ଗାଡ଼ି ଚାଳନ୍ତି ନାହିଁ ବରଂ ଦେଶର ସେବା ପାଇଁ ସେମାନେ ନିଜକୁ ନିୟୋଜିତ କରିଥାନ୍ତି । ଯଦି ଅକସ୍ମାତ ଦୁର୍ଘଟଣା ଘଟେ ସେଥିପାଇଁ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ଅନେକ ସମୟରେ ଡ୍ରାଇଭର୍ ମାନଙ୍କର ମଧ ପ୍ରାଣ ହାନୀ ହୁଏ । ଦୁର୍ଘଟଣାରେ ଡ୍ରାଇଭରର ଦୋଷ ନଥିଲେ ମଧ ତାକୁ ଜନ ଆକ୍ରୋଶର ଶିକାର ହେବାକୁ ହୁଏ । ତିନୋଟି କଳା କୃଷି ଆଇନ୍ ଦେଶର ଅନ୍ନଦାତା ଚାଷୀ ମାନଙ୍କୁ ହନ୍ତସନ୍ତ କରିବା ପାଇଁ ମୋଦି ସରକାର ଯେଉଁ ଆଇନ୍ ଆଣିଥିଲା ତାକୁ ବାତିଲ୍ କରିବା ପାଇଁ ସାତ ଶହ କୃଷକ ଆତ୍ମ ବଳିଦାନ ଦେଇ ଆଇନ୍ ପ୍ରତ୍ୟାହାର କରିବା ପାଇଁ ବାଧ କରିଥିଲେ ଠିକ୍ ସେହିପରି ଆଜି ଆଜି ଡ୍ରାଇଭର ମାନଙ୍କ ଉପରେ ଆଣିଥିବା ଏହି ଆଇନକୁ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି । ଏହି ଆଇନ୍ ସମ୍ପୂର୍ଣ ପ୍ରତ୍ୟାହାର କରିବା ପର୍ଯ୍ୟନ୍ତ ଦେଶର ଐତିହାସିକ କୃଷକ ଆନ୍ଦୋଳନରୁ ଶିକ୍ଷା ନେଇ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ଡ୍ରାଇଭର ସଂଘର ସଭାପତି ଶ୍ରୀ ଯୁଧିଷ୍ଠିର ରାଉଳ ପ୍ରକାଶ କରିଛନ୍ତି ଯେ ଆସନ୍ତା ୨୩ ତାରିଖ ଦିନ ଭୁବନେଶ୍ୱର ଠାରେ ହେଉଥିବା ଫେଡେରେସନ ଗଠନର ପ୍ରତିଷ୍ଠା ସମ୍ମିଳନୀ ରେ ଜୟପୁରରୁ ପାଂଚ ଜଣ କର୍ମକର୍ତ୍ତା ଯୋଗ ଦେବେ । ଆଜିର ବୈଠକର ନିଷ୍ପତ୍ତି ଅନୁସାରେ ପୁଣି ଶୀଘ୍ର ଆଉ ଏକ ମିଳିତ ବୈଠକ ସମସ୍ତ ଅଟୋ ଚାଳକ , ପିକ୍ ଅପ୍ ଭ୍ୟାନ ଓ କାର୍ , ଜିପ୍, ଟ୍ରକ୍ , ବସ୍ ,ଚାଳକ ମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ପଦକ୍ଷେପ ସ୍ଥିର କରାଯିବ ବୋଲି ଶ୍ରୀ ଯୁଧିଷ୍ଠିର ରାଉଳ ପ୍ରକାଶ କରିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଭୁବନ କମାର , ସନ୍ତୋଷ ମହାପାତ୍ର , ଶ୍ରୀ ରାବଣା ପଟ୍ଟନାୟକ , ସଞ୍ଜୟ ମାଝୀ , ରମେଶ ତନ୍ତୀ, ରାମଚନ୍ଦ୍ର ବିଷୋୟୀ,ପି ବି ସାମଲ୍ ପ୍ରମୁଖ ମତ ରଖିଥିଲେ ।

# ଜେଡି ପାଠଶାଳାରେ ସ୍ୱାଗତ ସମ୍ବର୍ଦ୍ଧନା 'ନବୋଦୟ' କାର୍ଯ୍ୟକ୍ରମ



ବସ୍ତା, ୧୦/୧ (ନି.ପ୍ର): ବାଲେଶ୍ୱର ଜିଲା ରୁପ୍ସା ସ୍ଥିତ ବିଏଡ୍ ଶିକ୍ଷାନୁଷ୍ଠାନ ଜେଡି ପାଠଶାଳା ରେ ନବାଗତ ଛାତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ' ନବୋଦୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ! ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୟୁ ଟୁବର ଏବଂ ଶିକ୍ଷାବିତ ସମୀର କୁମାର ବେଉରା ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଏବଂ ଅଜୟ କୁମାର ପରିଡା ଯୋଗଦାନ କରିଥିଲେ ! ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ ବିଜୟ କୁମାର ରଣା , ସହ ନିର୍ଦ୍ଦେଶକ ରଞ୍ଜୀବ କୁମାର ସାହୁ, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମସ୍ତ ଅଧ୍ୟୟନରତ ଛାତ୍ର ଶିକ୍ଷକ ଓ ଛାତ୍ରୀ ଶିକ୍ଷୟିତ୍ରୀ ଙ୍କ ସମେତ ନବାଗତ ଛାତ୍ର ଶିକ୍ଷକ ଓ ଛାତ୍ରୀ ଶିକ୍ଷୟିତ୍ରୀ ଓ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟ ସୁପରିଚାଳନ କରିଥିଲେ ! ପ୍ରମୁଖ ଶିକ୍ଷାବିତ ସମୀର କୁମାର ବେଉରା ଅଧ୍ୟୟନରତ ଓ ନବାଗତ ସମସ୍ତ ଛାତ୍ର ଶିକ୍ଷକ ଓ ଛାତ୍ରୀ ଶିକ୍ଷୟିତ୍ରୀ ଙ୍କୁ ଆଜିର ଏ ସମାଜରେ କେମିତି ଏକ ଆଦର୍ଶ ଶିକ୍ଷକ ଭାବେ ନିଜର ଦାଇତ୍ୱ ସମ୍ପାଦନ କରିବା ସହ ଏକ ଉତ୍ତମ ଶିକ୍ଷକ ରୂପେ ସମାଜରେ ପରିବର୍ତ୍ତନ ଆଣିବାର ସହାୟକ ହେବ ସେଥିପାଇଁ ପ୍ରେରଣା ଦେଇଥିଲେ ! ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଏବଂ ଅଜୟ କୁମାର ପରିଡ଼ା ପ୍ରମୁଖ ଆଜିର ଏ ଆଧୁନିକ ଶିକ୍ଷା ସମାଜରେ କେମିତି ଶିକ୍ଷା କୁ ପ୍ରଚଳିତ କରିବେ ସେଥିନିମନ୍ତେ ମାର୍ଗଦର୍ଶକ ଭାବେ ପ୍ରେରଣା ପ୍ରଦାନ କରିଥିଲେ ! ଶିକ୍ଷାନୁଷ୍ଠାନ ର ମୁଖ୍ୟ ନିର୍ଦ୍ଦେଶକ ବିଜୟ କୁମାର ରଣା ସମସ୍ତ ବିଏଡ୍ ଶିକ୍ଷା ଅଧ୍ୟୟନରତ ଛାତ୍ର ଶିକ୍ଷକ ଓ ଛାତ୍ରୀ ଶିକ୍ଷୟିତ୍ରୀ ଙ୍କୁ ଶିକ୍ଷାର ଗୋଟେ ଗୋଟେ ମାଇଲ ସ୍ତମ୍ଭ ରୂପେ ପରିଗଣିତ କରି ଆଜିର ସମାଜରେ ଶିକ୍ଷାର ଏକ ନୂତନ ଶିକ୍ଷା ପ୍ରଦିପ ପ୍ରଜ୍ୱଳନ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ହୁତୁ ହୁତୁ ହୋଇ ଜଳିଗଲା ବାଇକ

ବଲାଣି, ୧୦/୧ (ନି.ପ୍ର): ଦେଖୁଦେଖୁ ହୁତୁ ହୁତୁ ହୋଇ ଜଳିଗଲା ବାଇକ୍ । ହୋଇଗଲା ପାଉଁଶ । ଏପରି କିଛି ଘଟଣା ଘଟିଛି କେନ୍ଦୁଝର ଜିଲା ବାଲାଣୀ ଗୁରୁଦ୍ୱାର ରୋଡ଼ରେ । ଏହି ଅଂଚଳରେ ରହୁଥିବା ଉପେନ୍ଦ୍ର ସିଂହଙ୍କ ହୋଣ୍ଡା ଷ୍ଟେନର ବାଇକଟି ପୋଡ଼ି ପାଉଁଶ ହୋଇଯାଇଛି । ସୂଚନା ଅନୁଯାୟୀ ଦିନ ପ୍ରାୟ ସାଢ଼େ ୧୧ ଟା ସମୟରେ ତାଙ୍କର ଜଣେ ପରିଚିତ ଯୁବକ ରାଜ୍ ଚୌଧୁରୀ କୌଣସି ସ୍ଥାନକୁ ଯିବା ପାଇଁ ଗାଡିଟିକୁ ଷ୍ଟାର୍ଟ କରି ଅନ୍ୟ ଜଣଙ୍କୁ ଅପେକ୍ଷା କରିଥିବା ବେଳେ ଗାଡି ଷ୍ଟାର୍ଟ ହେବା ସଙ୍ଗେ ସଙ୍ଗେ ହଠାତ୍ ବାଇକରୁ ଧୂଆଁ ବାହାରିଥିଲା । ଧୂଆଁ ବାହାରୁ ବାହାରୁ ହଠାତ ବାଇକଟିରେ ନିଆଁ ଲାଗିଯାଇଥିଲା । ନିଆଁ ଲାଗିବା ଦେଖି ଚାଳକ ରାଜ୍ ଚୌଧୁରୀ ବାଇକ ଠାରୁ ଦୂରକୁ ଦୌଡ଼ି ପଳାଇବାରୁ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ବାଇକଟି ଜଳିପୋଡି ପାଉଁଶ ହୋଇଯାଇଛି । ସର୍ଟ ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

# ପୁରପଲ୍ଲୀରେ ଅର୍ପଣ ରଥକୁ ସ୍ୱାଗତ

କୋରେଇ, ୧୦/୧ (ନି.ପ୍ର): କୋରାଇ ବ୍ଲକର ସମସ୍ତ ଅଂଚଳ ଆଜି ହରିବୋଲ ହୁଳହୁଳି ଧ୍ୱନୀରେ ପ୍ରକମ୍ପିତ ହୋଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି କୋରାଇ ବ୍ଲକର ସମସ୍ତ ୨୮ ପଂଚାୟତରେ । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଦେଶର ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରାଯାଇଛି । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ମୁଠେ ଚାଉଳ, ଗୋଟେ ଗୁଆ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଚାଲୁ ରହିଛି । କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତର ବେଗନା ସ୍ଥିତ ଜଗନ୍ନାଥ ମନ୍ଦିରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କୋରେଇ ବିଧାୟକ ଅଶୋକ କୁମାର ବଳ ଏହି କାର୍ଯ୍ୟକ୍ରରେ ଯୋଗଦେଇ ମୁଠେ ଚାଉଳ, ଗୋଟେଗୁଆ ସଂଗ୍ରହ କରିଥିଲେ । ଆଜି ଏହି ଅର୍ପଣ ରଥ ବ୍ଲକର ୨୮ଟି ପଂଚାୟତରେ ପରିକ୍ରମା କରୁଛି । ଭଜନ କୀର୍ତନ, ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ଫାଟି ପଡଉଛି । ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଘରେ ଘରେ କଳସ ବସାଯାଇ ଏହାର ପୂଜାର୍ଚ୍ଚନା କରାଯାଉଛି । ମହିଳାମାନେ ପୂଜାର୍ଚ୍ଚନା ସହିତ ପରିବାରର ମଂଗଳ କାମନା କରି ଭୋଗ ଲାଗି କରୁଛନ୍ତି । ଏହି କ୍ରମରେ ଗୋଳେଇପୁର ପଂଚାୟତରେ ସରପଂଚ ସସ୍ମିତା ମାଝୀ କର୍ତାଭାବେ ଯୋଗଦେଇ ସୋଡି ଗ୍ରାମ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ଏହି ଅର୍ପଣ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରିଛି । ସେହିପରି ପାଣିକୋଇଲି, ପଥରପଦା, କରଦା, ମୂଳାପାଳ ପଂଚାୟତରେ ମଧ୍ୟ ଅନୁରୂପ ଭାବେ ଅର୍ପଣ ରଥ ପରିକ୍ରାମ କରିଛି । ଏହି କାର୍ଯ୍ୟକ୍ରମର ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନେତୃତରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଜୋନସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ ଆୟୋଜିତ




ରାଉରକେଲା, ୧୦/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସିଏସଆର ପ୍ରୟାସର ଅଂଶ ସ୍ୱରୂପ ଟେନସା ବ୍ଲକ ଅନ୍ତର୍ଗତ ବୋଲାଣି ଓ ତାଲଡିହି ଲୌହ ଖଣି ଅଞ୍ଚଳର ୧୨ ଟି ନୃତ୍ୟ ଦଳ ଟେନ୍ସା ସ୍ଥିତ ଇସ୍ପାତ ହାଇ ସ୍କୁଲ ଖେଳ ପଡିଆ ରେ ଜାନୁଆରୀ ୫ ତାରିଖ ଦିନ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ" ରେ ବିଭିନ୍ନ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ। ଏହାର ଉଦଯାପନୀ ଉତ୍ସବରେ ଆରଏସପି ର ଇଲେକ୍ଟ୍ରିକାଲ ବିଭାଗର ମହା ପ୍ରବନ୍ଧକ ଶ୍ରୀ ଏସ ୟୁ ଲସ୍କର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ଏହି ଅବସରରେ କାର୍ମିକ ଓ ପ୍ରଶାସନିକ ବିଭାଗର ମହା ପ୍ରବନ୍ଧକ ଶ୍ରୀ ଏନ ସି ପଣ୍ଡା, ବି ଆଇ ଏମ ଲେଡିଜ କ୍ଲବ ର ସଭାପତି ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ, ଟେନସା ଗ୍ରାମ ପଂଚାୟତ ର ସରପଞ୍ଚ ଶ୍ରୀମଟୀ ଅନିତା ପୂର୍ତି, ସମିତି ସଭ୍ୟ। ସୁଶ୍ରୀ ପ୍ରିୟା କଚ୍ଛପ, ସିଭିଲ ବିଭାଗର ଏ ଜି ଏମ ଶ୍ରୀ ବି ଦତ୍ତ ତଥା ଗ୍ରାମର ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ ଉପସ୍ଥିତ ଥିଲେ। ମାନ୍ୟଗଣ୍ୟ ଅତିଥିମାନେ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ।

ଟେନ୍ସା ର ଆର ସି ଚର୍ଚ ନୃତ୍ୟ ଦଳ ଚମ୍ପିୟନ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚମ୍ପିୟାନ ଟ୍ରଫି ଲାଭ କରିଥିବାବେଳେ ଜିରୋ ପଏଣ୍ଟ ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୫୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ରାଇକେଲା ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୪୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଏହି ଅବସରରେ ଅବଶିଷ୍ଟ ଅଂଶ ଗ୍ରହଣ କାରୀ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଏହି କାର୍ଯ୍ୟକ୍ରମକୁ ସି ଏସ ଆର ସିଭିଲ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଅମିୟ ରଞ୍ଜନ ରାଉତ ସଂଯୋଜନା କରିଥିଲେ ।

# ଚମ୍ପୁଆ ଡାକ୍ତରଖାନାରେ ନାହିଁ ଅତ୍ୟାବଶ୍ୟକୀୟ ସେବା : ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଚମ୍ପୁଆ, ୧୦/୧ (ନି.ପ୍ର): ରୋଗୀଙ୍କ ପାଇଁ ରୋଗୀ କଲ୍ୟାଣ ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ସରକାର ଯୋଗାଇ ଦେଉଛନ୍ତି କୋଟି କୋଟି ଟଙ୍କା। ମାତ୍ର ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଅଧିକାରୀଙ୍କ ଅବହେଳାରୁ ରୋଗୀ ବହୁ ସୁବିଧା ସୁଯୋଗରୁ ବଂଚିତ ହେବା ଅଭିଯୋଗ ହେଉଛି। ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲାର ଯୋଡ଼ା, ଚମ୍ପୁଆ, ଝୁମ୍ପୁରା ବ୍ଲକ ସହିତ ଝାରଖଣ୍ଡ ଓ ମୟୂରଭଞ୍ଜର ହଜାର ହଜାର ଲୋକ ନିର୍ଭର କରି ସେବା ପାଇବା ଆଶାରେ ଆସିଥାନ୍ତି କିନ୍ତୁ ଏଠାରେ ରୋଗୀ ବହୁ ସୁବିଧାରୁ ବଂଚିତ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅଭିଯୋଗ କରିଛନ୍ତି ଚମ୍ପୁଆବାସୀ। ତେବେ ଅଭିଯୋଗ ଅନୁଯାୟୀ, ଏହି ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଡିଜିଟାଲ ଏକ୍ସରେ, ସିଟି ସ୍କାନ ପାଇଁ ଦୀର୍ଘ ଦିନ ହେବ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ମଧ ବର୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ସୁବିଧା ଯୋଗାଇ ଦିଆଯାଉନଥିବାରୁ ରୋଗୀମାନଙ୍କୁ ଖର୍ଚ୍ଚାନ୍ତ ହୋଇ କେନ୍ଦୁଝର ଯିବାକୁ ପଡୁଛି। ଏହାବ୍ୟତୀତ ଡାକ୍ତରଖାନା ପାଇଁ ସ୍ପେସିଆଲିଷ୍ଟ ଡାକ୍ତର(ସ୍ତ୍ରୀରୋଗ ବିଶେଷଜ୍ଞ, ଆଖି ବିଶେଷଜ୍ଞ, ନିଶା ଗଳା ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ମେଡ଼ିସିନ ସ୍ପେଶାଲିଷ୍ଟ) ଓ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୧୦୦ ସିଟ୍ ବିଶିଷ୍ଟ ବିଇଡ଼ି ପାଠ୍ୟକ୍ରମ ଯୋଗେଇ ଦେବାକୁ ନେଇ ଚମ୍ପୁଆବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ପ୍ରଦୀପ କୁମାର ରାଜ ଦାବି କରିଥିବା ଜଣାପଡ଼ିଛି।


# ବିଏସ୍‌କେୱାଇ ନବୀନ କାର୍ଡ ରଥର ଶୁଭାରମ୍ଭ

ସୁବର୍ଣ୍ଣପୁର, ୧୦/୧ (ନି.ପ୍ର): ଗତ ୬ ତାରିଖରୁ ସାରା ରାଜ୍ୟରେ ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ଆରମ୍ଭ ହୋଇଛି । ଏହା ଗ୍ରାମାଂଚଳରେ ବସବାସ କରୁଥିବା ଲୋକ ଯାହା ପାଖରେ ବିଏସ୍‌କେୱାଇ କାର୍ଡ ନଥିବ ଏବଂ ସେ ସରକାରୀ ଚାକିରି କରୁନଥିବେ କିମ୍ବା ଆୟକର ଦାତା ହୋଇ ନଥିବେ ସେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିପାରିବେ। ତେବେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରି ଏହାର ସୁବିଧା ନେବା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଏସ୍‌କେୱାଇ ନବୀନ କାର୍ଡ ରଥର ଶୁଭାରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ସୁଧୀର କୁମାର ବେଦବାକ, ଡିଆଇପିଆର୍‌ଓ ଅଶ୍ୱିନୀ ଭୋଇ, ଡିପିଏମ୍ ବିଶ୍ୱମ୍ବର ବେହେରା, ବିଏସ୍‌କେୱାଇ ଜିଲ୍ଲା ସଂଯୋଜିକା ପ୍ରଜ୍ଞା ପରିମିତା ଦାଶ, ଏଡିପିଏଚ୍‌ସିଓ ବୃନ୍ଦାବନ ସାହୁ, ଏଡିସି ହରପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଜିଲ୍ଲାର ଗାଁ ଗାଁ ବୁଲି ବିଏସ୍‌କେୱାଇ ନବୀନ କାର୍ଡ ପଞ୍ଜୀକରଣ ପାଇଁ ଲୋକଙ୍କୁ ପ୍ରବର୍ତାଇବ ବୋଲି ସୂଚନା ଦିଆଯାଇଛି। ତେବେ ଗତ ୬ ତାରିଖ ସୁବର୍ଣ୍ଣପୁର ଉତ୍ସବ ଆରମ୍ଭ ଦିନଠାରୁ ଆମ ଜିଲ୍ଲାରେ ଏହା ସଂପର୍କରେ ପ୍ରଚାର ପ୍ରସାର ଆରମ୍ଭ ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଉତ୍ସବସ୍ଥଳରେ ବିଏସ୍‌କେୱାଇ ନବୀନ କାର୍ଡ ପୋଷ୍ଟର ରିଲିଜ୍ ହୋଇଛି ଏବଂ ଲୋକଙ୍କୁ ଲିଫଲେଟ୍ ବଂଟାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି।

# ବ୍ୟାଙ୍କ ସମ୍ମୁଖରୁ ମହିଳାଙ୍କଠାରୁ ଲୁଟ ଘଟଣାର ପର୍ଦ୍ଦାଫାର୍ସ

ଧର୍ମଶାଳା, ୧୦/୧ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଂଚଳରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଗତ ୪ ତାରିଖ ଦିନ ଜଣେ ଏସ୍‌ଏଚ୍‌ଜି ମହିଳାଙ୍କ ନିକଟରୁ ଦୃବୃତମାନେ ୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଯାଜପୁର ଆରକ୍ଷୀ ଅଧିକ୍ଷକ ଗୁରୁତର ସହ ନେଇଥିଲେ । ଏବଂ ବାଲିଚନ୍ଦ୍ରପୁର ପୋଲିସକୁ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପୋଲିସ ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରା ଫୁଟେଜକୁ ଆଧାର କରି ଦୃବୃତମାନଙ୍କୁ ଧରିବାରେ ସଫଳତା ପାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲାର ଆହୁଲା ସନ୍ତୋଷ ବୋଲି ଜଣାପଡିଛି । ତାହା ନିକଟରୁ ୪ ଲକ୍ଷ ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ଅଛି ସେ ନେଇ ତଦନ୍ତ ଜାରି ରହିଛି ବୋଲି ବାଲିଚନ୍ଦ୍ରପୁର ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି ।

# ସେଲ ଆରଏସପିରେ ଜିଇଡ଼ିସିଓଏଲ ସେଲ ପାୱାର୍ କର୍ପୋରେସନ୍ ଲିମିଟେଡ୍ ପାଇଁ ଭୂମିପୂଜା ସମ୍ପନ୍ନ



ରାଉରକେଲା, ୧୦/୧ (ନି.ପ୍ର): ଜିଇଡ଼ିସିଓଏଲ ସେଲ ପାୱାର୍ କର୍ପୋରେସନ୍ ଲିମିଟେଡ୍ (ଜିଏସପିସିଏଲ) ପାଇଁ ଭୂମି ପୂଜା ସମାରୋହ ଜାନୁଆରୀ ୯ ତାରିଖରେ ମନ୍ଦିରା ଜଳଭଣ୍ଡାରରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକଙ୍କ ଦ୍ୱାରା ଭୂମି ପୂଜା ସମ୍ପନ୍ନ ହୋଇଛି। ଏହି ଅବସରରେ ଓଏଚପିସିଏଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅମରେଶ କୁମାର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ, ସିଓ-ସିସିଡ଼ି ବିଭାଗର ସିଜିଏମ ଶ୍ରୀ ଆଇ ରାଜନ, ଓଏଚପିସିଏଲ ଅପରେସନ୍ ନିର୍ଦ୍ଦେଶକ ଶ୍ରୀ ଆଶିଷ କୁମାର ମହାନ୍ତି, ଜଳ ପ୍ରବନ୍ଧନ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଦେବଜିତ ରାଭା, ଏବଂ ଆରଏସପି ତଥା ଓଏଚପିସିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଜିଏସପିସିଏଲ ହେଉଛି ସେଲ ରାଉରକେଲା ଇସ୍ପାତ କାରଖାନା ଏବଂ ଓଡିଶା ହାଇଡ୍ରୋ ପାୱାର୍ କର୍ପୋରେସନ୍ ର ସଂପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀ ଜିଇଡ଼ିସିଓଏଲ (ଗ୍ରୀନ୍ ଏନର୍ଜି ଡେଭଲପମେଣ୍ଟ୍ କର୍ପୋରେସନ୍ ଅଫ୍ ଓଡିଶା) ର ଏକ ଯୌଥ ଉଦ୍ୟମ । ଏହି ଯୌଥ ଉଦ୍ୟମ ପାଇଁ ୨୦୧୮ ଫେବୃଆରୀ ୧୮ ତାରିଖରେ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଏହି କମ୍ପାନୀ "ମନ୍ଦିରା ପାୱାର୍ କର୍ପୋରେସନ୍ ଲିମିଟେଡ୍" ଭାବରେ ନାମିତ ହୋଇଥିଲା। ଏହି ମିଳିତ ଉଦ୍ୟମରେ ଆରଏସପିର ନିଜସ୍ୱ ଜଳଭଣ୍ଡାର ମାଣ୍ଡିରା ଡ୍ୟାମ୍ ଜଳଭଣ୍ଡାରରେ ୧୧୦ କୋଟି ଟଙ୍କା ବ୍ୟୟରେ ତିନୋଟି ଟର୍ବାଇନ (ପ୍ରତ୍ୟେକ କ୍ଷମତା ୩.୩ ମେଗାୱାଟ ବିଶିଷ୍ଟ) ୧୦ ମେଗାୱାଟର ଏକ କ୍ଷୁଦ୍ର ହାଇଡ୍ରୋ ଇଲେକ୍ଟ୍ରିକ୍ ପାୱାର୍ (ଏସଏଚଇପି) ପ୍ରକଳ୍ପ ସ୍ଥାପିତ ଓ ଅପରେଟ ହେବ।

ଏହି ପାୱାର ପ୍ଲାଣ୍ଟ ଆରଏସପି ଦ୍ୱାରା ଡାଉନଷ୍ଟ୍ରିମ ବ୍ୟବହାର ପାଇଁ ମନ୍ଦିରା ଡ୍ୟାମରୁ ନିର୍ଗତ ଜଳର ଶକ୍ତି ସମ୍ଭାବନାକୁ ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ କରିବ। ଏକ ଡ୍ୟାମ୍ ପୂର୍ବରୁ ଥିବାରୁ ପାୱାର୍ ପ୍ଲାଣ୍ଟକୁ ତୁଳନାତ୍ମକ କମ୍ ମୂଲ୍ୟରେ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ସ୍ଥାପନ କରାଯାଇପାରିବ ।

ପ୍ରସ୍ତାବିତ ପ୍ରକଳ୍ପରେ ଉତ୍ପାଦିତ ସମସ୍ତ ଶକ୍ତି ଆରଏସପି ଉପଯୋଗ କରିବ ଏବଂ ଉନ୍ମୁକ୍ତ ଉପଯୋଗ ପ୍ରଣାଳୀ ମାଧ୍ୟମରେ ସେଲର ଅନ୍ୟ ଯେକୌଣସି ୟୁନିଟରେ ବ୍ୟବହାର କରାଯାଇପାରିବ। ବିଦ୍ୟୁତର ସୁଲଭ ଉପଲବ୍ଧତା ସମେତ ଏହି ପ୍ରକଳ୍ପ ଉତ୍ପାଦିତ ଶକ୍ତିକୁ ଅକ୍ଷୟ ଶକ୍ତି ଭାବରେ ବିବେଚନା ହୋଇପାରିବ ଏବଂ ଆରଏସପିକୁ ଏହାର ଆରପିଓରେ ଉନ୍ନତି ଆଣିବାରେ ସହାୟତା କରିବ।

# ସୂଚନା,ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଆୟୋଜିତ

ବାଲେଶ୍ୱର, ୧୦/୧ (ନି.ପ୍ର): ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ସମ୍ବନ୍ଧେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଆଜି ପୂର୍ବାହ୍ନ ଘ.୧୦.୩୦ ମି ସମୟରେ ସ୍ଥାନୀୟ ସଭାବନା ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ବିଭିନ୍ନ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଏବଂ ସ୍ଥାନୀୟ, ପାରମ୍ପରିକ ଲୋକକଳାକାରଙ୍କ ଜୀବନ ଜୀବିକାରେ ସହାୟତା ନିମନ୍ତେ ଏହି କର୍ମଶାଳାଟି ଆୟୋଜିତ ହୋଇଥିଲା ।

ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ଶ୍ରୀଯୁକ୍ତ ଶିନ୍ଦେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରବୃନ୍ଦଙ୍କୁ ରାଜ୍ୟ ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାରରେ କିଭଳି ଲୋକକଳାର ବିଶେଷ ଭୂମିକା ରହିଛି ତାହା ଉପରେ ନିଜ ବକ୍ତବ୍ୟରେ କହିଥିଲେ । ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ କଳାକାରମାନଙ୍କୁ ନିଜସ୍ୱ କଳାର ପ୍ରଦର୍ଶନ କରିବା ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିଥିଲେ ଶ୍ରୀ ଶିନ୍ଦେ । ଏହି ଅବସରରେ ରାଜ୍ୟ ସଂସାଧନ ବିଶେଷଜ୍ଞ ଶ୍ରୀ ରଶ୍ମି ରଞ୍ଜନ ନାୟକ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମରେ ଲୋକନୃତ୍ୟର ପ୍ରୟୋଗ ଉପରେ ଉପସ୍ଥିତ କଳାକାରମାନଙ୍କ ସାମ୍ନାରେ ବିସ୍ତୃତ ବିବରଣୀ ରଖିଥିଲେ । ଜିଲ୍ଲା କଳା ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ର ଆଜି ସଭାରେ ଉପସ୍ଥିତ ରହି କଳାକାରମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ଏହି କର୍ମଶାଳାକୁ ଜିଲ୍ଲାସ୍ତରରେ ସଫଳ କରିବା ଉପରେ ନିଜର ଅଭିଭାଷଣ ରଖିଥିଲେ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ୨୦୨୩ ମସିହା ସେପ୍ଟେମ୍ବର ମାସରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟର ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସରକାରଙ୍କର ୧୧ ଗୋଟି ଯୋଜନା ଯଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା, ହରିଶ୍ଚନ୍ଦ୍ର ଯୋଜନା, ମଧୁବାବୁ ପେନସନ ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ୫-ଟି ହାଇସ୍କୁଲ ରୂପାନ୍ତରୀକରଣ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା ଉପରେ ଆଲୋଚନା ହୋଇଥିଲା । ସେହି ପରିପ୍ରେକ୍ଷୀରେ ଆଜିର ଶିବିରରେ ରାଜ୍ୟ ସରକାରଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ଅନ୍ୟ ୪ ଗୋଟି ପ୍ରଗତିମୂଳକ ଯୋଜନା ଯଥା ଆମ ବ୍ୟାଙ୍କ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଐତିହ୍ୟସ୍ଥଳୀ ନବୀକରଣ ଯୋଜନା ଏବଂ ଲକ୍ଷ୍ମୀ ବସ ସେବା ଯୋଜନା ସମ୍ବନ୍ଧରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯଥା ଫାଇନାନସିଆଲ ଲିଟେରାସି କାଉନ୍ସିଲର ଶ୍ରୀଯୁକ୍ତ ଗୟାନିଧି ମିଶ୍ର, ଆଇ.ଟି.ଡି.ଏ ନୀଳଗିରିର ଏ.ଡି.ଡବ୍ଲୁ.ଓ ଶ୍ରୀ ତଲୱାର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୂୟାଁ ଏବଂ ଓ.ଏସ.ଆର.ଟି.ସି ର ଜିଲ୍ଲା ପରିଚାଳକ ଏଲ.ତିରୁପଥି ଆଚାର୍ଯ୍ୟ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ।

ଏହା ପରେ ରାଜ୍ୟ ସଂସାଧନ ବିଶେଷଜ୍ଞ ଶ୍ରୀ ରଶ୍ମି ରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୂୟାଁ ଏବଂ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରୋଗ୍ରାମ କ୍ୟାଲେଣ୍ଡର ପ୍ରସ୍ତୁତି ଏବଂ ଗ୍ରାମରେ କାର୍ଯ୍ୟକ୍ରମ ପରିବେଷଣର ଉପାୟ ଓ ଶୈଳୀ ନିର୍ଣ୍ଣୟର ସଫଳ ରୂପରେଖ ଓ ପ୍ରଣାଳୀ ବିଷୟରେ ପ୍ରଶିକ୍ଷାର୍ଥୀମାନଙ୍କର ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ ।

ସୂଚନା ଯୋଗ୍ୟ ଯେ, ଏହି ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ପରେ ଦୁଇଦିନିଆ ବ୍ଲକସ୍ତରୀୟ କର୍ମଶାଳା ଚଳିତ ମାସ ୧୮ ତାରିଖ ସୁଦ୍ଧା ସମାପ୍ତ କରାଯିବ । ଚଳିତ ମାସର ୨୦ ରୁ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡ଼ିକର ତୃଣମୂଳସ୍ତରରେ ପ୍ରସାର କରାଯିବ । ଆଜିର ଏହି କର୍ମଶାଳାରେ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ନୋଡାଲ ଅଫିସର ତଥା ସମସ୍ତ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଏବଂ ବରିଷ୍ଠ କଳାକାରମାନେ ଯୋଗଦେଇ ଥିଲେ ।

## ମୁକ୍ତା ଯୋଜନାରେ ଟ୍ରେନରଙ୍କୁ ପ୍ରଶିକ୍ଷଣ

ପାରାଦୀପ, ୧୦/୧ (ନି.ପ୍ର): ପାରାଦ୍ୱୀପ ପୌର ପାଳିକା ପକ୍ଷରୁ ପୌର ସମ୍ମିଳନୀ କକ୍ଷରେ ମୁଖ୍ୟ ମନ୍ତ୍ରୀଙ୍କ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନାରେ ମାଷ୍ଟର ଟ୍ରେନର ମାନଙ୍କର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅଭିଜାନ ଉଦଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ପୌରାଧକ୍ଷ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ ଉଦ୍ ?ଘାଟନ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ଓ ବସ୍ତି ବାସିନ୍ଦା ସଙ୍ଘର ସଦସ୍ୟ ମାନଙ୍କୁ ସଶକ୍ତ କରିବା ଲାଗି ମାଷ୍ଟର ଟ୍ରେନର ମାନଙ୍କର ଏହି ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି ସେ ତାଙ୍କର ଅଭିଭାଷଣରେ କହିଥିଲେ । ପ୍ରଥମ ଦିନରେ ଜଗତସିଂହପୁର, କେନ୍ଦ୍ରାପଡା, ପଟାମୁଣ୍ଡେଇ ଓ ପାରାଦୀପର ସ୍ୱୟଂ ସହାୟକ ଗୋଷ୍ଠୀର ମୋଟ ୩୦ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ୍ ପ୍ରଦାନ କରା ଯାଉଅଛି । ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ସଫଳ ତାଲିମ୍ ପାଇଁ ପ୍ରଶିକ୍ଷକ ମାନେ କିଭଳି ନିଜକୁ ପ୍ରସ୍ତୁତ କରିବେ ସେ ସଂପର୍କରେ ଶିକ୍ଷା ପ୍ରଦାନ କରାଯାଉଅଛି । ଯାହା ଫଳରେ ମୁକ୍ତା ପ୍ରେଲେକ୍ଟରେ କାର୍ଯ୍ୟ କରିବା ପାଇଁ ଉତ୍କଳ ଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହିତ ସହଜରେ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରି ପାରିବେ ସେ ସମ୍ବନ୍ଧରେ ଆଲୋଚନା କରାଇଥିଲା । ବିଶେଷ କରି ସେମାନଙ୍କୁ ଡିଜିଟାଲ୍ ସାକ୍ଷରତା ସଂପର୍କରେ ଅବଗତ କରାଯିବ, ଯାହା ଫଳରେ ସେମାନେ ଡିଜିଟାଲ୍ ଉପକରଣ ଗୁଡିକର ବ୍ୟବହାର ଉପରେ ମିଶନ ଶକ୍ତି ମହିଳା ମାନେ ଜ୍ଞାନ ଆହରଣ କରିପାରିବେ ସଙ୍ଗେ ସଙ୍ଗେ ପ୍ରକଳ୍ପର ଖର୍ଚ୍ଚ ବୃଦ୍ଧିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ। ରାଜ୍ୟ ସହରାଞ୍ଚଳନ ଉନ୍ନୟନ ସଂସ୍ଥା (ସୁଡା) ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ସହାୟତାରେ ଏହି ତାଲିମି ଶିବିର ଆୟୋଜନ କରାଯାଉ ଅଛି।

ଏହି କାର୍ଯ୍ୟାକ୍ରମରେ ହେମନ୍ତ କୁମାର ସ୍ୱାଇଁ, ପ୍ରକଳ୍ପ ନିର୍ଦ୍ଦେଶକ ଜଗତସିଂହପୁର, ଡାଃ ପ୍ରଦିପ କୁମାର ସାହା, ନିର୍ବାହୀ ଅଧିକାରୀ, ଭାସ୍କର ପ୍ରସାଦ ଶତପଥ, ପୌର ଯନ୍ତ୍ରୀ ଉପସ୍ଥିତ ଥିଲେ । ମନମୋହନ ମହାରଣା, ଷ୍ଟେଟ୍ ମିଶନ ମ୍ୟାନେଜର, ସୁଡା, ଲଳିତେନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ, ସୁଲୋକ୍ୟ ନାଥ ମିଶ୍ର, ସିଟି ମିଶନ ମ୍ୟାନେଜର, ଶ୍ରୀମତୀ ଦିପିକା ସାହୁ, ଶ୍ରୀମତୀ ସ୍ୱାଗତିକା ମିଶ୍ର, ଶ୍ରୀମତୀ ସ୍ୱସ୍ତିପତା ଜେନା, ରିତାରାଣୀ ପରିଡା, ଗୋଷ୍ଠୀ ସଙ୍ଗଠିକା ମାନେ ଓ ମୁକ୍ତା ଟିମ୍ ?ର ଶ୍ରୀ ଜମେଶ୍ୱର ମଲିକ୍, ଶ୍ରୀ ମୃତ୍ୟୁଞ୍ଜୟ ବେହେରା ଓ ଲିପ୍ସା ମିଶ୍ର ଉକ୍ତ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରୁଛନ୍ତି।

## ବାସୁଦେବପୁର କଂଗ୍ରେସ ପକ୍ଷରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମ




ବାସୁଦେବପୁର, ୧୦/୧ (ନି.ପ୍ର): ବାସୁଦେବପୁର ବ୍ଲକ କଂଗେସ ଦଳ ପକ୍ଷରୁ ବ୍ଲକ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାସୁଦେବପୁର ସହର ଓ ବଜାର ପରିକ୍ରମା କରିଥିଲା । ଏହି ବ୍ଲକ ଘେରାଉ କାର୍ଯ୍ୟକ୍ରମ ରେ ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଶୋକ ଦାସ, ବ୍ଲକ ସଭାପତି ରମେଶ ବଳ, ବରିଷ୍ଠ ନେତା ଆଦିତ୍ୟ ଗିରି, ପ୍ରଭାତ ବାରିକ, ବିଜୟ ମହାନ୍ତି , ମଞ୍ଜୁଲତା ପଣ୍ଡା, ସୁବାସ ସନ୍ଧି ବିଗ୍ରହ, ସୁଶାନ୍ତ ମହାକୁଡ, ସିଦ୍ଧାନ୍ତ ଦାସ, ଅକ୍ଷୟ ବାରିକ, ମନୋରଞ୍ଜନ ପାଢ଼ୀ,ନରସିଂହପୁର ସରପଞ୍ଚ ଗୌରାଙ୍ଗ ପଣ୍ଡା, ହରି ଶଙ୍କର ପଟ୍ଟନାୟକ , ଅନନ୍ତ ପ୍ରସାଦ ପୋଇ, ଭଗବାନ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ରାଜ୍ୟ ସରକାର ଙ୍କ ଅନ୍ୟାୟ ଓ ଦୁର୍ନୀତି କୁ ସମାଲୋଚନା କରିଥିଲେ । ବ୍ଲକ ଭିତରେ ବିଭିନ୍ନ କାର୍ଯ୍ୟ କୁ ଦଳୀୟ ଭିତ୍ତିରେ ବଣ୍ଟା ଯାଉଛି ବୋଲି ବାସୁଦେବପୁର କଂଗ୍ରେସ ଅଭିଯୋଗ କରିଛି । ବର୍ତ୍ତମାନ ବିଜୁ ଜନତା ଦଳର ଯେଉଁ ଶାସନ ଚାଲିଛି ସେଥିରେ ହଜାର ହଜାର କୋଟି ଟଙ୍କା ଦୁର୍ନୀତି ହୋଇଛି ବୋଲି କଂଗ୍ରେସ ର ନେତା ମାନେ ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଥିଲେ ।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଶୁକ ଓ ଗୁରୁବାରି



ଉଦଳା , ୧୦/୧ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଠାକୁରା ସାହିର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମଙ୍ଗଲ ସିଂ ଓ ମାତା ମାଧୁରି ସିଂଙ୍କ ଦୁଇଜଣ କନ୍ୟା ଶୁକ ଓ ଗୁରୁବାରି ଏ ପର୍ଯ୍ୟନ୍ତ ଖାଦ୍ୟ ଯୋଜନାରେ ସାମିଲ ହୋଇ ପାରି ନାହାଁନ୍ତି । ଫଳରେ ମୁଣ୍ଡପିଛା ମିଳୁଥିବା ୫ କିଗ୍ରା ଚାଉଳ ଏହି ପିଲାମାନେ ପାଇ ପାରୁ ନାହାଁନ୍ତି । ଆଧାର କାର୍ଡ଼ ନଥିବା ଯୋଗୁଁ ଏହି ପିଲାମାନେ ଖାଦ୍ୟ ଯୋଜନାରେ ସାମିଲ ହୋଇ ପାରୁନଥିବାର ଜଣାଯାଇଛି । ଆଧାର କାର୍ଡ଼ ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିପାରି ନଥିବାର ପରିବାରର ଲୋକେ ଜଣାଇଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହି ଭଳି ଏକ ଗରିବ ପରିବାର ପ୍ରତି କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରସ୍ତାବିତ ବାର୍ଷିକ ୭ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନା ପାଇଁ ଜନ ଶୁଣାଣି ପାରାଦ୍ୱୀପ ଠାରେ ସଫଳତାର ସହିତ ଅନୁଷ୍ଠିତ




ପାରାଦ୍ୱୀପ, ୧୦/୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପସ୍ଥିତ ନୂଆଗଡ ଗ୍ରାମରେ ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ର ପ୍ରସ୍ତାବିତ ବାର୍ଷିକ ୭ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନା ପାଇଁ ଜନ ଶୁଣାଣି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ହେଇଯାଇଛି । ଏହି ଜନ ଶୁଣାଣି ସଭାରେ ଜଗତସିଂହପୁର ଜିଲ୍ଲାର ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ ସଭାପତିତ୍ୱ କରିଥିଲେ। । ଓଏସପିସିବି ପାରାଦ୍ୱୀପର ଆଞ୍ଚଳିକ ଅଧିକାରୀ ଶ୍ରୀ ପୁଷ୍କର ଚନ୍ଦ୍ର ବେହେରା ଜନ ଶୁଣାଣି ସଭା ପରିଚାଳନା କରିଥିଲେ । ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଂଜନ ବେହେରା ଏହି ସଭାରେ ଉପସ୍ଥିତ ଥିଲେ । ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରକଳ୍ପ ପକ୍ଷରୁ ଓଡିଶା ପ୍ରୋଜେକ୍ଟସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରାଜୀବ ଭଟ୍ଟନାଗର , ବ୍ରାଉନ ଫିଲ୍ଡ ପ୍ରୋଜେକ୍ଟ ମୁଖ୍ୟ ଶ୍ରୀ ଅରୁଣ କୁମାର ରଥ, ଓଡିଶା ଅପରେସନ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁରେଶା ଜି, ଶ୍ରୀ ପି କେ ମହାନ୍ତି, ମୁଖ୍ୟ-ଜମି ଅଧିଗ୍ରହଣ ଏବଂ ଆର ଆଣ୍ଡ ଆର, ଏବଂ ପରିବେଶ ବିଭାଗର ବରିଷ୍ଠ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଦାଶ ଉପସ୍ଥିତ ଥିଲେ । ୨୦୩୦ ସୁଦ୍ଧା ଦେଶରେ ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନର ଲକ୍ଷ ହାସଲ କରିବାକୁ ଏବଂ ଦେଶରେ ବର୍ତ୍ତମାନର ମୁଣ୍ଡପିଛା ଇସ୍ପାତ ବ୍ୟବହାର ସ୍ତର ୬୪.୨ କିଲୋଗ୍ରାମ ଥିବାବେଳେ ୨୦୩୦ ସୁଦ୍ଧା ମୁଣ୍ଡପିଛା ଇସ୍ପାତ ବ୍ୟବହାର ୧୬୦ କିଲୋଗ୍ରାମକୁ ବୃଦ୍ଧି କରିବାକୁ ଲକ୍ଷ ରଖାଯାଇଛି । ଏହି ଲକ୍ଷ ପୂରଣ କରିବା ଉଦ୍ଦେଶ୍ୟରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ପାରାଦ୍ୱୀପଠାରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ତରଳ ଇସ୍ପାତ ଉତ୍ପାଦନ ପାଇଁ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ଥରେ ପୂର୍ଣ ଭାବେ କାର୍ଯ୍ୟକାରୀ ହୋଇଗଲେ ଓଡ଼ିଶାର ଏକ ଟ୍ରିଲିୟନ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବା ଦିଗରେ ଏହା ଏଏମ୍/ଏନ୍ଏସ୍ ଇଣ୍ଡିଆ ଦ୍ୱାରା ଆଉ ଏକ ପଦକ୍ଷେପ ହେବ । ପ୍ରସ୍ତାବିତ ସମନ୍ୱିତ ଇସ୍ପାତ କାରଖାନା ପାରାଦ୍ୱୀପରେ, ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ଏଏମ୍/ଏନ୍ଏସ୍ ଇଣ୍ଡିଆର ପେଲେଟ୍ ପ୍ଲାଣ୍ଟ ନିକଟ ନୂଆଗଡ ଗ୍ରାମରେ ପ୍ରତିଷ୍ଠା ହେବ। ୭ ନିୟୁତ ଟନ ଉତ୍ପାଦନ କ୍ଷମତା ଯୁକ୍ତ ସମନ୍ୱିତ ଇସ୍ପାତ କାରଖାନା ପାଇଁ ଆନୁମାନିକ ପ୍ରକଳ୍ପ ମୂଲ୍ୟ ପ୍ରାୟ ୩୮,୦୦୦ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ଏହି ସମନ୍ୱିତ ଇସ୍ପାତ କାରଖାନାର ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୨୧,୦୦୦ ଲୋକ ଏବଂ ଅପରେସନ୍ ପର୍ଯ୍ୟାୟରେ ପ୍ରାୟ ୭୦୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିବ । ଦକ୍ଷତା ଉପରେ ଆଧାର କରି ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ଏହା ବ୍ୟତୀତ ସ୍ଥାନୀୟ ସମାଜର ସାମୂହିକ ବିକାଶ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଏଏମ୍/ଏନ୍ଏସ୍ ଇଣ୍ଡିଆ, ଓଡିଶା ପ୍ରୋଜେକ୍ଟର ପରିବେଶ ବିଭାଗର ବରିଷ୍ଠ ପ୍ରବନ୍ଧକ,, ଶ୍ରୀ ଶୁଭେନ୍ଦୁ କୁମାର ଦାଶ, ପ୍ରକଳ୍ପ ଦ୍ୱାରା ପରିବେଶ ଉପରେ ହେବାକୁ ଥିବା ସମ୍ଭାବିତ ପ୍ରଭାବକୁ ନ୍ୟୁନତମ ସ୍ତରକୁ ଆଣିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ । ପରିବେଶର ସୁରକ୍ଷା ପାଇଁ ସର୍ବୋତ୍ତମ ଜ୍ଞାନକୌଶଳ ନିୟୋଜିତ କରାଯିବ ବୋଲି ସୁନିଶ୍ଚିତ କରାଯାଇଛି । ପ୍ରକଳ୍ପ ବିବରଣୀ ସହିତ, ସଭାରେ ଉପସ୍ଥିତ ଥିବା ଲୋକମାନେ ପରିବେଶ ପ୍ରଦୂଷଣ, ସମାଜ ଏବଂ ପରିପାର୍ଶ୍ୱିକ ବିକାଶ, ରୋଜଗାର ସୁବିଧା ସମ୍ବନ୍ଧୀୟ ବିଭିନ୍ନ ଦିଗ ବିଷୟରେ ପଚାରି ବୁଝିଥିଲେ, ଯାହାକୁ ପରେ ଏଏମ୍/ଏନଏସ୍ ଇଣ୍ଡିଆ ପ୍ରତିନିଧିମାନେ ଉତ୍ତର ଦେଇଥିଲେ। ଏହି ବୈଠକରେ ସ୍ଥାନୀୟ ସମାଜର ସଦସ୍ୟ, ଏନଜିଓ, ଗଣମାଧ୍ୟମର ପ୍ରତିନିଧୀଙ୍କ ସମେତ ପ୍ରାୟ ୧୦୦୦ ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ଅଂଚଳର ମୋଟ ୬୭ ଜଣ ବ୍ୟକ୍ତି ଏହି ଅବସରରେ କହିଥିଲେ ଯେଉଁଥିରେ ୬୫ ଜଣ ବ୍ୟକ୍ତି ପ୍ରସ୍ତାବିତ ପ୍ରକଳ୍ପ ସପକ୍ଷରେ କହିଥିଲେ ଏବଂ ସେମାନଙ୍କର ସମର୍ଥନ ଜଣାଇଥିଲେ । ଶେଷରେ ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଙ୍ଗ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଖସିବ ପାରଦ...

ଘନ କୁହୁଡି ଯୋଗୁ ଠପ୍ ହୋଇପଡିଛି ଚିଲିକାରେ ଯାତାୟତ। ଜହ୍ନିକୁଦା ଏବଂ ସାତପଡାରେ ଅଟକି ରହିଛନ୍ତି ଯାତ୍ରୀ । ଚିଲିକାରେ ପ୍ରବଳ କୁହୁଡି କାରଣରୁଜଳପଥ ଦୃଶ୍ୟମାନ ହେଉନି। ଫଳରେ ସକାଳୁ ସକାଳୁ ବନ୍ଦ ରହିଛି ଡଙ୍ଗା ଏବଂ ଭସାପୋଲ। ସେହିପରି ପୁରୀ ବ୍ରହ୍ମଗିରିରେ ମଧ ଘନ କୁହୁଡି ଯୋଗୁ ରାସ୍ତାଘାଟରେ ଯାତାୟତରେ ବାଧା ଉପୁଜିଛି। ସକାଳ ୯ଟା ପରେ ବି ରାସ୍ତାଘାଟ ଠିକ୍ ଭାବେ ଦୃଶ୍ୟ ହେଉନି। ଶ୍ରୀଅଲାରନାଥଙ୍କମନ୍ଦିର କିଛି ଦୂରରୁ ଦୃଶ୍ୟମାନ ହେଉନି।

## ଅର୍ଦ୍ଧନିର୍ମିତ ରାମ ମନ୍ଦିରର ...

ନିର୍ବାଚନରେ ଲାଭ ପାଇଁ ଅସମ୍ପୂର୍ଣ୍ଣ ମନ୍ଦିରର ଉଦ୍ଘାଟନ କରୁଛନ୍ତି ବୋଲି କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ୨୦୧୯ର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ପାଳନ କରି ଓ ଭଗବାନ ରାମଙ୍କ ସମ୍ମାନ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଭାବନାକୁ ସମ୍ମାନ ଦେଇ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧି ଓ ଅଧୀର ରଞ୍ଜନ ଚୌଧୁରୀ ସମ୍ମାନପୂର୍ବକ ନିମନ୍ତ୍ରଣକୁ ଅସ୍ୱୀକାର କରିଛନ୍ତି। ଅଯୋଧ୍ୟାରେ ୨୨ ଜାନୁଆରୀକୁ ହେବାକୁ ଥିବା ସୋମାରୋହ ସ୍ପଷ୍ଟ ରୂପେ ଆରଏସ୍ଏସ୍/ବିଜେପି କାର୍ଯ୍ୟକ୍ରମ ବୋଲି ଜୟରାମ ରମେଶ କହିଛନ୍ତି। ଅନ୍ୟପଟେ ରାମ ମନ୍ଦିର ଉଦ୍ଘାଟନକୁ ବିଜେପି ନିର୍ବାଚନୀ ଏଜେଣ୍ଡା କରି କ୍ରେଡିଟ୍ ନେବାକୁ ଚାହୁଁଥିବା ନେଇ ପୂର୍ବରୁ ଅନେକ କଂଗ୍ରେସ ନେତା ଅଭିଯୋଗ କରିସାରିଛନ୍ତି। ସେହିପରି ଅଧିକାଂଶ ବିରୋଧୀ ଦଳ ମଧ ଏହି ସମାରୋହକୁ ବୟକଟ୍ କରିଛନ୍ତି। ପୂର୍ବରୁ ସିପିଏମ୍ ମଧ ଏହି ଉତ୍ସବରେ ଯୋଗ ଦେବ ନାହିଁ ବୋଲି ମନା କରି ସାରିଛି। ବିଜେପି ଧାର୍ମିକ କାର୍ଯ୍ୟକ୍ରମକୁ ରାଜନୈତିକ ରୂପ ଦେଉଥିବା ସିପିଏମ୍ ଅଭିଯୋଗ କରିଛି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ଲୋକସଭା ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଜେପି ଏହି ମନ୍ଦିର ଉଦ୍ଘାଟନ କରି ଫାଇଦା ନେବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ଆସନ୍ତା ଜାନୁଆରୀ ୨୨ ତାରିଖରେ ହେବ ଅଯୋଧ୍ୟା ରାମ ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା। ଏହି ଉତ୍ସବରେ ବହୁ ବଡ଼ ବଡ଼ ନେତା ଯୋଗ ଦେବେ। ଏଥିପାଇଁ ସମସ୍ତଙ୍କୁ ଆମନ୍ତ୍ରିତ କରାଯାଇଛି। ଏଥିସହ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବଡ ବଡ ଉଦ୍ୟୋଗପତି ଓ ଫିଲ୍ମ ଷ୍ଟାରମାନଙ୍କୁ ଆମନ୍ତ୍ରିତ କରାଯାଇଛି।

## ସେନା ବନାମ ସେନା: ଉଦ୍ଧବ....

ଆବେଦନକୁ ତର୍ଜମା କରିବା ପରେ ସିନ୍ଦେ ଆଣ୍ଡ କୋର ସଭ୍ୟ ପଦକୁ କାଏମ ରଖିଛନ୍ତି। ଭାରତୀୟ ନିର୍ବାଚନ କମିଶନ ମଧ ସିନ୍ଦେ ଗୋଷ୍ଠୀ ପାଖରେ ଶିବସେନାର ଅଧିକ ସଂଖ୍ୟକ ବିଧାୟକ ଓ ସାଂସଦ ରହିଥିବା ହୃଦୟଙ୍ଗମ କରିଥିଲେ। ଏଥିପାଇଁ ସିନ୍ଦେ ଗୋଷ୍ଠୀଙ୍କୁ କମିଶନ ପ୍ରକୃତ ଶିବସେନାର ମାନ୍ୟତା ଦେଇଥିଲେ। ଦଳର ପାରମ୍ପରିକ ଧନୁ ତୀର ଚିହ୍ନ ମଧ ସିନ୍ଦେଙ୍କ ପାଖରେ ରହିଛି। ଇସିଆଇ ସିନ୍ଦେ ଗୋଷ୍ଠୀଙ୍କୁ ମାନ୍ୟତା ଦେଇଥିବାରୁ ବାଚସ୍ପତି ମଧ ସେହି ଆଧାରରେ ନିଷ୍ପତ୍ତି ନେଇଛନ୍ତି। ବାଚସ୍ପତି ସିନ୍ଦେ ଗୋଷ୍ଠୀ ଦେଇଥିବା ଶିବସେନାର ଦଳୀୟ ସମ୍ବିଧାନ ୧୯୯୯କୁ ଗ୍ରହଣ କରିଛନ୍ତି। ସେହିପରି ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ୨୦୧୮ରେ ଶିବସେନା ପ୍ରସ୍ତୁତ କରିଥିବା ସମ୍ବିଧାନ କଥା କହିଥିଲେ ହେଁ ଏହାକୁ ବାଚସ୍ପତି ଗ୍ରହଣ କରି ନାହାନ୍ତି। ଶିବସେନା ଦୁଇ ଫାଳ ହୋଇଥିବା ୨୦୨୨ ଜୁନ ୨୧ରେ ଜଣାପଡ଼ିଥିଲା। ଏକଥା ୨୨ ତାରିଖରେ ବିଧାନସଭା ରେକର୍ଡକୁ ଆସିଥିଲା। ରାହୁଲ ନରୱେକର କହିଛନ୍ତି, ଶିବସେନାର ୧୯୯୯ ମସିହା ସମ୍ବିଧାନ ଇସିଆଇଙ୍କ ପାଖରେ ବହୁ ଆଗରେ ଦାଖଲ କରାଯାଇଛି। ଏପରି କି ଦାଖଲ ସମୟରେ ପ୍ରତିପକ୍ଷ ଗୋଷ୍ଠୀଙ୍କ ଜନ୍ମ ମଧ ହୋଇ ନଥିଲା। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଶିବସେନାର ପ୍ରମୁଖ କୌଣସି ନେତାଙ୍କୁ ଦଳରୁ ବିଦା କରିବାର କ୍ଷମତା ରଖି ନାହାନ୍ତି। ତେଣୁ ଏକନାଥ ସିନ୍ଦେଙ୍କୁ ଶିବସେନାର ବିଧାୟକ ଦଳ ନେତା ପଦରୁ ବିଦା କରିବାର ଅଧିକାର ଉଦ୍ଧବ ଠାକରେଙ୍କ ପାଖରେ ନାହିଁ। ୨୦୧୮ ସମ୍ବିଧାନରେ ନେତୃତ୍ୱ ଗଠନ ସମ୍ପର୍କରେ କୁହାଯାଇଛି ଶିବସେନା ପକ୍ଷ ପ୍ରମୁଖ ସର୍ବୋଚ୍ଚ ନେତା। କିନ୍ତୁ ଶିବସେନାର ପୂର୍ବ ସମ୍ବିଧାନରେ ଦଳ ପ୍ରମୁଖ ଓ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ହେଉଛି ସବୁଠାରୁ ବଡ଼। ଶିବସେନା(ୟୁବିଟି) କରିଥିବା ଆବେଦନରେ ବିବାଦ ସମୟରେ ପକ୍ଷ ପ୍ରମୁଖ ସର୍ବୋଚ୍ଚ ବୋଲି କହୁଛି। କିନ୍ତୁ ଏହା ପୂର୍ବ ନିୟମକୁ ଉଲ୍ଲଙ୍ଘନ କରୁଛି। ସିନ୍ଦେ ଗୋଷ୍ଠୀଙ୍କ ପାଖରେ ଶିବସେନାର ୫୫ ବିଧାୟକଙ୍କ ମଧ୍ୟରୁ ୩୭ ଜଣ ବିଧାୟକ ରହିଛନ୍ତି। ୨୦୨୨ ଜୁନ ୨୧ରେ ବିଦ୍ରୋହୀ ବାହାରିବା ପୂର୍ବରୁ ସିନ୍ଦେଙ୍କ ଗୋଷ୍ଠୀଙ୍କ ଶିବସେନା ରାଜନୀତିକ ଦଳ ଭାବେ କାମ କରୁଥିଲା। ତେଣୁ ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କ ନେତୃତ୍ୱଧୀନ ଗୋଷ୍ଠୀ ହିଁ ପ୍ରକୃତ ଶିବସେନା ବୋଲି ବାଚସ୍ପତି କହିଛନ୍ତି। ଏଥିସହ ୨୦୨୨ ଜୁନ ୨୧ରେ ଉଦ୍ଧବ ଠାକରେ ଡାକିଥିବା ବୈଠକରେ ଯୋଗ ଦେଇ ନଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିଥିବା ଆବେଦନକୁ ବାଚସ୍ପତି ଖାରଜ କରି ଦେଇଛନ୍ତି। ୨୦୨୨ ଜୁନ ମାସରେ ମହା ବିକାଶ ଅଘାଡ଼ି ସରକାର ବିରୋଧୀ ଏକନାଥ ସିନ୍ଦେ ଓ ପ୍ରାୟ ୩୪ ଜଣ ବିଧାୟକ ବିଦ୍ରୋହ ଘୋଷଣା କରିଥିଲେ। ଫଳରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ସରକାର ଭୁଶୁଡ଼ି ପଡ଼ିଥିଲା। ବିଦ୍ରୋହ ପରେ ଶିବସେନା ଦୁଇ ଫାଳ ହୋଇ ଯାଇଥିଲା। ଉଭୟ ଗୋଷ୍ଠୀ ନିଜକୁ ବାଲାସାହେବ ଠାକରେଙ୍କ ଉତ୍ତରାଧିକାରୀ ଭାବେ ବିବେଚନା କରି ଶିବସେନା ଉପରେ ନିଜର ହକ ଜାହିର କରିଥିଲେ। ଏଥିପାଇଁ ଦୁଇ ଗୋଷ୍ଠୀ ପରସ୍ପର ବିରୋଧରେ ବିଦ୍ରୋହ ଘୋଷଣା କରିଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଆବେଦନ କରାଯାଇଛି। ଉଦ୍ଧବ ଠାକରେଙ୍କ ଠାରୁ ଅଲଗା ହେବା ପରେ ସିନ୍ଦେ ଓ ତାଙ୍କ ସହ ଥିବା ଶିବସେନାର ବିଧାୟକମାନେ ବିଜେପି ସହ ହାତ ମିଳାଇ ସରକାର ଗଠନ କରିଛନ୍ତି।

## ମାଳଦ୍ୱୀପକୁ ଏବେ...

ଆମେ ଚୀନକୁ ଏହି ସ୍ଥିତିକୁ ଫେରାଇ ଆଣିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି । ସେପଟେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଦେଶିକ ନୀତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ପଡ଼ୋଶୀ ଦେଶ ସହ ସକାରାତ୍ମକ ଆନ୍ତର୍ଜାତିକ ସମ୍ପର୍କ ବଜାୟ ରଖିବା ଉପରେ ଖଡଗେ ଗୁରୁତ୍ୱାରୋପ କରିଛନ୍ତି । ଏପଟେ ବିରୋଧୀଙ୍କୁ ଜବାବ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲାକ୍ଷାଦ୍ୱୀପର ଫଟୋ ଏବଂ ମାଳଦ୍ୱୀପ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟ ଟୁଇଟ୍ ଆସିବା ପରେ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି । ଏଭଳି ପରିସ୍ଥିତିରେ ଭାରତର କଠୋର ଆଭିମୁଖ୍ୟରେ ଅସନ୍ତୁଷ୍ଟ ପ୍ରକାଶ କରିଛି ମାଳଦ୍ୱୀପ । ଆଉ ରାଷ୍ଟ୍ରପତି ମୁଇଜୁଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ନେଇ ବିରୋଧୀ ସାଂସଦମାନେ ଆକ୍ରମଣ ବଢ଼ାଇଛନ୍ତି । ରାଷ୍ଟ୍ରପତି ମୁଇଜୁଙ୍କୁ କ୍ଷମତାରୁ ହଟାଇବା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିବା ସହ ସର୍ବବୃହତ୍ ବିରୋଧୀ ଦଳ ଏମଡିପିକୁ ଅନାସ୍ଥା ଭୋଟ ଆରମ୍ଭ କରିବାକୁ ବିରୋଧୀ କହିଛନ୍ତି ।

## ଟାର୍ଗେଟ ୪୦୦ ଲୋକସଭା...

କଂଗ୍ରେସ ୪୦୦ରୁ ଅଧିକ ଲୋକସଭା ଆସନ ଜିତିଥିଲା। ୧୯୮୪ରେ ରାଜୀବ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ରେକର୍ଡ କରିଥିଲା। ସେବେଠାରୁ ଆଉ କୌଣସି ଗୋଟିଏ ଦଳ ଏକାକୀ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହ କେନ୍ଦ୍ରରେ ସରକାର ଗଠନ କରିପାରି ନଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଜେପି ରେକର୍ଡ ୩୦୩ ଆସନ ଜିତି ସରକାର ଗଢ଼ିଥିଲା। ଏବେ ଦଳ ୪୦୦ ଆସନ ଜିତିଥିଲା।

## ଅନଲାଇନରେ ଗୁଗୁଲ...

ନଜର ରଖାଯିବ। କମିଶନରେଟ ପୁଲିସ ସଫଳ ହେବା ପରେ ବିଭିନ୍ନ ଜିଲ୍ଲାରେ ଥିବା ଏସ୍ପି ଅଫିସରୁ ମନିଟର କରାଯିବ। ରାଜ୍ୟର ସବୁ ଥାନା ଉପରେ ତୀକ୍ଷ୍ଣ ନଜର ରଖିବା ସହ ଗୁଗୁଲ ମ୍ୟାପିଂ ଜରିଆରେ ଅପରାଧର ଶୈଳୀ ଅନୁଧ୍ୟାନ କରିବ ପୁଲିସ। ଚଳିତବର୍ଷ ସାଇବର ଅପରାଧୀଙ୍କୁ ଚ୍ୟାଲେଞ୍ଜ ଦେବାକୁ ଯାଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ଡିପ୍ଫେକ୍ ଭିଡିଓ ଘଟଣାରେ ତଦନ୍ତ ପାଇଁ ମଧ ଆଇଟି ଏକ୍ସପର୍ଟଙ୍କ ସହ କମିଶନରେଟ ପୁଲିସ ଯୋଗାଯୋଗ କରିବ।

**AFFIDAVIT**

An affidavit before the Notary Public, Balasore, I, Kahnu Charan Giri, aged about 41 years, S/o: Debendra Giri of Village: Panchupali,P.O: Panchupali, Via: Langaleswar, P.S: Baliapal, Dist: Balasore Declare that My name is Kahnu Charan Giri which is mentioned in Aadhaar Card Bearing No. 545583651720 But mistakely my name is printed as Pankaj Giri in my LIC Policy No 58272907. Pankaj Giri is my nick name. So Kahnu Charan Giri and Pankaj Giri is both name is one and same person. Henceforth I will be known as in all purpose.

**Kahnu Charan Giri**

## ସାଗରମାଳା ନବମ ବର୍ଷ ପୂର୍ତ୍ତି ଅବସରରେ ପାରାଦୀପ ବନ୍ଦର ପକ୍ଷରୁ କର୍ମଶାଳା

ପାରାଦୀପ, ୧୦/୧ (ନି.ପ୍ର): ପାରାଦୀପ ବନ୍ଦର ପକ୍ଷରୁ ଭାରତ ସରକାରଙ୍କ ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ଅଧିନସ୍ଥ ସାଗରମାଳା ଯୋଜନା ନବମ ବର୍ଷ ପୂର୍ତ୍ତୀ ପାଳନ କରାଯାଇଛି । ଏହି ଅବସରରେ ନାଭିଗେସନ ଦି ଫିୟୁଚର-ମେଗା ପୋର୍ଟସ୍ ଫର ବଲ୍କ କାର୍ଗୋ ହ୍ୟାଣ୍ଡଲିଙ୍ଗ ଶୀର୍ଷକ କର୍ମଶାଳା ଭୂବନେଶ୍ୱର ଠାରେ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ପାରାଦୀପ ବନ୍ଦର୍ ଉପାଧକ୍ଷ ନିଲଭ୍ର୍ ଦାସଗୁପ୍ତା, ଇକୋ ରେଲବାଇର ସାଧାରଣ ପ୍ରବନ୍ଧକ ମନୋଜ ଶର୍ମା, ପାରାଦୀପ ବନ୍ଦର ପୂର୍ବତନ ଅଧକ୍ଷ ରିଙ୍କେଶ ରାୟ, ବନ୍ଦର,ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ନିର୍ଦ୍ଦେଶକ ବିନୟ ପ୍ରଜାପତି, କଷ୍ଟମ କମିଶନର ମାଧବ ଚନ୍ଦ୍ର ମିଶ୍ର ପ୍ରମୁଖ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ବନ୍ଦର ଯାତାୟତ ପ୍ରବନ୍ଧକ ଜି.ଏଡିସନ ଧନ୍ୟବାଦ ଅର୍ପଣ କରିଥିଲେ। ପାରାଦୀପ ବନ୍ଦର ସଫଳତା ନିମନ୍ତେ ସମସ୍ତ ସହଯୋଗୀମାନଙ୍କୁ ସହଯୋଗ କାମନା କରାଯାଇଥିବା ନେଇ ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଗୋପବନ୍ଧୁ ନଗର ପ୍ରେସ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ




ବଡ଼ସାହି , ୧୦/୧ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ପ୍ରେସ କ୍ଲବର ପଞ୍ଚମ ବାର୍ଷିକ ଉତ୍ସବ ପୁରୁଣା ବାରିପଦା ଆଇଟିଆଇ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ କଂ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟ ବକ୍ତା କୁଆଁମରା ସାରସ୍ୱତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବଳ ଦାସ, ବିଶିଷ୍ଟ ଅତିଥି ବିଡିଓ କରୁଣାକର ଧିନ୍ଦା, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାର ଡଃ ଅଭିମନ୍ୟୁ ସେଠୀ, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ଆଇଟିଆଇ ଅଧ୍ୟକ୍ଷ ଦିଲ୍ଲୀପ କୁମାର ମଢୁଆଳ, କୁଆଁମରା ଡାକ୍ତରଖାନା ର ମେଡିକାଲ ଅଫିସର ଶାନ୍ତନୁ କୁମାର ଜେନା ପ୍ରମୁଖ ଯୋଗ ଦେଇ ଗଣମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ତତ୍ ସହିତ ସାମ୍ବାଦିକ ମାନେ କର୍ତ୍ତବ୍ୟବୋଧ ଓ ନିରପେକ୍ଷତା ହେବା ସହ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କ୍ଲବର ସଂପାଦକ ଡକ୍ଟର କୁମାର ବାବୁଲି ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରେସ କ୍ଲବର ସଦସ୍ୟ ହିରେନ ରାୟ, ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମଢୁଆଳ, ସମ୍ବିତ କୁମାର ରାଉତ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ପରିଚାଳନା କରିଥିଲେ। ବଡସାହି ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଗୁରୁମା ସସ୍ମିତା ଦାସ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ପିଲାମାନଙ୍କ ସହ ଜନ୍ମଦିନ ପାଳିଲେ ଆଶିଷ

ଖଇରା, ୧୦/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମସ୍ଥିତ କେଶବପୁରସ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲା ମାନଙ୍କ ସହ ଜନ୍ମଦିନ ପାଳିଛନ୍ତି ଖଇରାର ଯୁବ ବ୍ୟବସାୟୀ ଚିରଞ୍ଜିବୀ ଆଶିଷ କୁମାର ବାରିକ। ବୁଧବାର ତାଙ୍କ ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିବାକୁ ମନସ୍ଥ କରି ଉକ୍ତ ବିଦ୍ୟାଳୟରେ ପହଞ୍ଚିଥିଲେ । ପିଲାମାନଙ୍କ ପାଇଁ ଭୋଜନ ଓ ଡ୍ରେସର ବ୍ୟବସ୍ଥା କରିବା ସହ ସମସ୍ତ କର୍ମଚାରୀଙ୍କ ପାଇଁ ଶାଢୀ ଓ କୁର୍ତ୍ତାର ବ୍ୟବସ୍ଥା କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା କେଶବ ଚନ୍ଦ୍ର ମହାପାତ୍ର ଓ ପ୍ରଧାନଶିକ୍ଷୟତ୍ରୀ ମମତା କର,ଯୁବନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ପିଲାମାନଙ୍କ ସହ ବସି ଖାଇବା ବସିବା ଅତ୍ୟନ୍ତ ଆନନ୍ଦଦାୟକ ଥିଲା ବୋଲି ଆଶିଷ କହିଛନ୍ତି ।

## ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟଙ୍କ ଧାମନଗର ବ୍ଲକ୍‌କୁ ଅଚାନକ ଗସ୍ତ




ଭଦ୍ରକ, ୧୦/୧ (ନି.ପ୍ର): ଓଡ଼ିଶା ଖାଦ୍ୟ ଆୟୋଗ ସଦସ୍ୟ ଦୟାନିଧି ଦାଶ ଆଜି ଅଚାନକ ଭାବେ ଧାମନଗର ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଗସ୍ତ ସମୟରେ ଧାମନଗର ବ୍ଲକ୍‌ର କୋରୁଆ ବେହେରାସାହି, କୋରୁଆ, ଗୋବିନ୍ଦପୁର ପଟ୍ଟାଙ୍ଗିସାହି, ଗୋବିନ୍ଦପୁର ଢିଅସାହି ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ବୁଲି ଦେଖିବା ସହ ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସଠିକ୍ ଭାବେ ମପାଯାଇ ପୋଷଣ ଆପ୍‌ରେ ସଠିକ୍ ଭାବେ ଅପଲୋଡ୍ କରାଯାଉଛି କି ନାହିଁ ତାହା ତଦାରଖ କରିଥିଲେ। ଏହାଛଡ଼ା ଶିଶୁମାନଙ୍କୁ ଦିଆଯାଉଥିବା ଜଳଖିଆ ଓ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ଏହାପରେ ମାନ୍ୟବର ସଦସ୍ୟ କୋରୁଆ ଗୋବିନ୍ଦପୁର ନୋଡ଼ାଲ ହାଇସ୍କୁଲ ଏବଂ ଚୁଡ଼ାକୁଟୀ ଇନ୍ଦ୍ରଗୋବିନ୍ଦ ସରକାରୀ ନୋଡ଼ାଲ ହାଇସ୍କୁଲ ପରିଦର୍ଶନ କରି ପିଲାମାନଙ୍କ ପାଇଁ ପ୍ରସ୍ତୁତ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ। ଦୁଇ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ମାନ ଏବଂ ପରିଷ୍କାର ପରିଚ୍ଛନ୍ନତା ଦେଖି ମାନ୍ୟବର ସଦସ୍ୟ ସନ୍ତୋଷ ପ୍ରକାଶ କରିଥିଲେ। ଧାମନଗର ଗସ୍ତ ପୂର୍ବରୁ ମାନ୍ୟବର ସଦସ୍ୟ ଭଦ୍ରକ ବ୍ଲକ୍‌ର ହରିପୁର ଖୁଣ୍ଟାସାହି, ଲାଙ୍ଗୁଡ଼ି, ଓକରା, ଗଂଜାମାଳ ବିଷ୍ଣୁପୁର ବିନ୍ଧା ଅଙ୍ଗନବାଡ଼ି ବୁଲି ତଦାରଖ କରିଥିଲେ। କିଛି ଅଙ୍ଗନବାଡ଼ି କେନ୍ଦ୍ରରେ ରହିଥିବା ସମସ୍ୟା ନେଇ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସଂପର୍କରେ ସରକାରଙ୍କୁ ଅବଗତ କରାଇ ସମସ୍ୟାର ସମାଧାନ କରିବାକୁ ମାନ୍ୟବର ସଦସ୍ୟ ପ୍ରତିଶ୍ରୁତି ଦେଇଥିଲେ।

## ଉଦଳା ଟାଉନ ଟିମ୍ ଗଠିତ: ଅଂଶୁମାନ ସଭାପତି ଓ ନିହାର ସାଧାରଣ ସଂପାଦକ ଭାବେ ମନୋନୀତ



ଉଦଳା , ୧୦/୧ (ନି.ପ୍ର): ବିଜେପି ଯୁବ ମୋର୍ଚ୍ଚା ଉଦଳା ଟାଉନ ସଭାପତି ଭାବେ ଅଂଶୁମାନ ପ୍ରଧାନ, ଉପସଭାପତି ଦେବି ଶଙ୍କର କର ଓ ବିବେକାନନ୍ଦ ଶତପଥୀ, ସାଧାରଣ ସଂପାଦକ ନିହାର ସାହୁ, ସଂପାଦକ ସମିର ମିଶ୍ର ଓ ଊରାଜ୍ୟୋତି ସ୍ୱାଇଁ , ସଂଯୋଜକ ଗୌତମ ଦାସ ଏବଂ ବେଟି ବଚାଓ ବେଟି ପଢ଼ାଓ ସଂଯୋଜକ ଭାବେ ଅର୍ଚ୍ଚନା ନାୟକମନୋନିତ ହେବା ସହ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଂପାଦକ ତଥା ମୟୂରଭଞ୍ଜ ଜିଲ୍ଲା ପ୍ରଭାରି ମାନଓ ସାହୁ ଏବଂ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ବଳରାମ ସାହୁଙ୍କ ଉପସ୍ଥିତିରେ ଉଦଳା ଟାଉନ କର୍ମକର୍ତା ମନୋନୟନ ପର୍ବ ଅନୁଷ୍ଠିତ ହୋଇଥିଲା । ଆଗକୁ ନିର୍ବାଚନ ଆସୁଥିବାରୁ ଯୁବ ମୋର୍ଚ୍ଚାର ଏହି ସବୁ କର୍ମି ମାନେ ଦକ୍ଷତାର ସହ ନିଜର ଦାୟିତ୍ୱ ତୁଲାଇ ପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ମନୋନିତ ହୋଇଥିବା ଯୁବ ମୋର୍ଚ୍ଚାର ଏହି ସବୁ କର୍ମି ମାନେ ଏଥର ଭାରତିୟ ଜନତା ପାର୍ଟି ଏକାକି ଓଡ଼ିଶାରେ ଶାସନ କରିବ ବୋଲି କହିଛନ୍ତି ।

## ଆଧ୍ୟାତ୍ମିକ ପରିବେଶରେ ବୁଲିଲା ଅର୍ପଣ ରଥ

ଖଇରା, ୧୦/୧ (ନି.ପ୍ର): ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାଣିତ୍ରୀ, ସାରଡାଙ୍ଗ, ଝିଙ୍କିରିଆ, ବଡଜୟୀପୁର, ବରଦା, ଅନ୍ତରା, କୁରୁଣ୍ଟା ଇତ୍ୟାଦି ପଞ୍ଚାୟତ ରେ ଜଗନ୍ନାଥ ଅର୍ପଣ ରଥସହ ଗସ୍ତ କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛନ୍ତି । ରଥ ଗାଁକୁ ଗାଁ ପରିକ୍ରମା କରିବା ଅବସରରେ ଶଙ୍ଖ ହୁଳହୁଳି ସାଙ୍ଗକୁ ଭଜନ କୀର୍ତ୍ତନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ସଂପୃକ୍ତ ପଞ୍ଚାୟତର ଲୋକପ୍ରତିନିଧି, ଆଶା, ଅଙ୍ଗନୱାଡି କର୍ମୀ, ଏମବିକେ, ସିଆରପି ଏବଂ ମହିଳା ଗୋଷ୍ଠୀର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଅବମାନନା: ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର , ୧୦/୧ (ନି.ପ୍ର): ଜଳେଶ୍ୱର ନୂଆବଜାରସ୍ଥିତ ପୌର ଉଦ୍ୟାନ ଓ ବଡବଜାର ଛକ ନିକଟରେ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାପିତ ହୋଇଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀକୁ ଆସନ୍ତା କାଲି ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ ପାତ୍ର ଅନାବରଣ କରିବେ ବୋଲି ଜଣାଯାଇଛି । ମାତ୍ର ୯ ମାସ ତଳେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ଶାଳିକୋଠା ଠାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ସାଂସଦ ସିଦ୍ଧାନ୍ତ ମହାପାତ୍ର ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିଲେ । ସେତେବେଳେ ପ୍ରଶାସନ ପକ୍ଷରୁ ବାରଣ କରିବାରୁ ଉକ୍ତ ପ୍ରତିମୂର୍ତ୍ତ ଖୋଲା ପଡିଆରେ ଅବହେଳିତ ଭାବେ ରହିଛି । ଏପରିକି ପ୍ରତିମୂର୍ତ୍ତୀର କିଛି ଅଂଶ ମଧ୍ୟ ଦୃବୃର୍ତ୍ତମାନେ ଭାଂଗି ଦେଇଥିବା ଦେଖିବାକୁ ମିଳିଛି । ଏ ସଂପର୍କରେ ଆଜି ବିଜେପି ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ କରାଯିବା ସହିତ ବିଜୁବାବୁଙ୍କୁ ଏହା ଅବମାନନା ବୋଲି କହିଛନ୍ତି । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ପୌରହିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ୯ନଂ ମଣ୍ଡଳ ସଭାପତି ସପନ କୁମାର ବିଶ୍ୱାଳ, ୮ନଂ ଜୋନ୍ ସଭାପତି ବିଶ୍ୱରୂପ ଦାସ ଓ ବରିଷ୍ଠ ନେତା ସମୀର କୁମାର ପାତ୍ର ଯୋଗ ଦେଇ ଗୋଟିଏ ସ୍ଥାନରେ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତ ଅବହେଳିତ ଭାବେ ରହିଥିବା ବେଳେ ଅନ୍ୟ ସ୍ଥାନରେ ନୂତନ ପ୍ରତିମୂର୍ତ୍ତି ସ୍ଥାପନ ହେବା ବିଜୁ ବାବୁଙ୍କୁ ଅବମାନା ବୋଲି କହିଛନ୍ତି । ଏପରିକି ଆସନ୍ତାକାଲି ହେବାକୁଥିବା ଅନାବରଣ ଉତ୍ସବକୁ ସାଂସଦକୁ ନିମନ୍ତ୍ରଣ କରାନଯିବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ।

## ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବର ଭିନ୍ନ ପ୍ରୟାସ: ଉତ୍ସାହୀ ଯୁବକମାନଙ୍କୁ ନେଇ କବାଡି ଖେଳ ଅନୁଷ୍ଠିତ



ନୀଳଗିରି , ୧୦/୧ (ନି.ପ୍ର): ସ୍ୱର୍ଣ୍ଣଚୁଡ଼ ଯୁବ ମହୋତ୍ସବ ଦ୍ୱିତୀୟ ବର୍ଷରେ ବିଭିନ୍ନ ସକରାତ୍ମକ ଚିନ୍ତାଧାରା ନେଇ କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ବୁଧବାର ସନ୍ଧ୍ୟା ୭ଟା ସମୟରେ ନୀଳଗିରି ଅଞ୍ଚଳର ୬ଗୋଟି ଦଳକୁ ନେଇ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗ୍ରୁପ୍ - ଏ ରେ ବାବନ୍ଧ, ପ୍ରୋ, ଏବଂ ଗାଙ୍ଗପୁରା ଦଳ ଭାଗ ନେଇଥିବା ବେଳେ ଗ୍ରୁପ୍- ବି ରେ ନୀଳଗିରି ଫିଜିକାଲ ଏକାଡେମୀ, ୟୁଥ୍ ଆଇକନ୍, ମା ସୁନ୍ଦରଗୌରୀ ଦଳ ଭାଗ ନେଇଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଜଗବନ୍ଧୁ ଲେଙ୍କା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳକୁ ଆଗାମୀ ମହୋତ୍ସବରେ ପୁରସ୍କୃତ କରାଯିବ। ମହୋତ୍ସବ କମିଟିର ଉଦ୍‌ଯୋକ୍ତା ସବ୍ୟସାଚୀ ମହାପାତ୍ର, ବିଜୟ ଲେଙ୍କା, ଶରତ ଦାସ, ବିଦ୍ୟାଧର ଖଟୁଆ, ନିଗମ ମହାପାତ୍ର, ପ୍ରଦୀପ ସେଠୀ, କମଳାକାନ୍ତ ମୁଖୀ, ଦୀପକ ରଂଜନ ଦାସ, ଜମ୍ବୁଧର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତା ଦୁରାବସ୍ଥା ଦେଖିଲେ, ନିର୍ମାଣଲାଗି ପ୍ରତିଶ୍ରୁତି ଦେଲେ

ଖଇରା, ୧୦/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡିଆ ଗ୍ରାମର ଅନେକ ସାହିର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ମହିଳାମାନେ ମାନେ ତାଙ୍କୁ ରାସ୍ତାବିଷୟରେ ଅବଗତ କରାଇଥିଲା । ନିଜେ ବିଧାୟକ ମହିଳା ଗୋଷ୍ଠୀ ମାନଙ୍କ ସହ ଏହି ରାସ୍ତା ଦେଖି ବିପର୍ଯ୍ୟସ୍ତ ହୋଇ ପଡିଥିବା ଉପଲବ୍ଧି କରିବା ସହ ଆବଶ୍ୟକ ପାଣ୍ଠି ଦେଇ ଏହାକୁ ସମ୍ପୁର୍ଣ୍ଣ କରିବାକୁ ପ୍ରତିଶୃତି ଦେଇଥିଲେ । ଗ୍ରାମର ସିଆରପି ଚିତ୍ରକଳା ମାଝୀ,ଭାଗିରଥି ମାଝୀ, କମଳାକାନ୍ତ ମାଝୀ, ଲକ୍ଷ୍ମଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ମହାମହିମ ରାଜ୍ୟପାଳଙ୍କୁ ସାକ୍ଷାତ



ଭୁବନେଶ୍ୱର, ୧୦/୧ (ନି.ପ୍ର): ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ସମାଜସେବୀ ତଥା ପ୍ରକୃତି ବନ୍ଧୁ ଲାୟନ୍ସ ସୁମନ୍ତ କୁମାର ଜେନା ରାଜଭବନକୁ ଯାଇ ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି । ସାକ୍ଷାତ ସମୟରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ଲାଷ୍ଟିକ୍ ବଦଳରେ ପରିବେଶ ଅନୁକୂଳ ଜିନିଷ ବ୍ୟବହାର ପାଇଁ ପରାମର୍ଶ ଦେବା ସହ ପରିବେଶ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଚି ବୋଲି ଆଲୋଚନା କରିବା ସହ ଏଥିପାଇଁ ତୃଣମୂଳ ସ୍ତରରୁ ବ୍ୟାପକ ସଚେତନତାର ଆବଶ୍ୟକ ବୋଲି କହିଥିଲେ । ଏଥି ସହିତ ମହାମହିମ ଶ୍ରୀଯୁକ୍ତ ଜେନାଙ୍କୁ ତାଙ୍କର ବିଭିନ୍ନ ସାମାଜିକ ସେବା କାର୍ଯ୍ୟ କାର୍ଯ୍ୟ ଜାରି ରଖିବାକୁ ଉପଦେଶ ଦେଇଥିଲେ ।

## ଭିନ୍ନକ୍ଷମ ଭୀମଭୋଇ ଶିବିରରେ ଯୋଗ ଦେଲେ ୪୧୩ ହିତାଧିକାରୀ

ଜଳେଶ୍ୱର , ୧୦/୧ (ନି.ପ୍ର): ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ଶିବିର ଜଳେଶ୍ୱର ଶାନ୍ତିଆସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ଶିବିରକୁ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ସରପଂଚ ଅଜୟ ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ବ୍ରହ୍ମଦର୍ଶୀ ବେହେରା, ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ କରଣ, ମଂଗଳ ଅଧିକାରୀ ସଜ୍ଜତ ଅନୁପମ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଅସ୍ତଶଲ୍ୟରେ ୨୦୩ଜଣ, କର୍ଣ୍ଣ-ନାଶା-ଗଳା ବିଭାଗରେ ୧୨୯ଜଣ, ଦୃଷ୍ଟି ବାଧିତରେ ୩୭ଜଣ ଓ ମାନସିକ ଅନଗ୍ରସରରେ ୪୪ଜଣ ଏପରି ମୋଟ ୪୧୩ଜଣ ନାମ ପଂଜିକରଣ କରିଥିଲେ । ସେମାନଙ୍କୁ ଆବଶ୍ୟକ ପରୀକ୍ଷା କରାଯାଇଥିବା ବେଳେ ଆସନ୍ତା ୨/୩ ମଧ୍ୟରେ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି କୁହାଯାଇଛି ।

## ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ବାଲେଶ୍ୱର, ୧୦/୧ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ବାଲେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ତା ୧୩.୦୧.୨୦୨୪ ରିଖ (ଶନିବାର) ଦିବା ୯ ଘଟିକା ଠାରୁ ୨ ଘଟିକା ପର୍ଯ୍ୟନ୍ତ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ପଡିଆଠାରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବେସରକାରୀ, ଘରୋଇ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ନିଯୁକ୍ତିଦାତା ଯୋଗ ଦେଇ ପ୍ରାର୍ଥୀପ୍ରାର୍ଥୀନୀଙ୍କୁ ଚୟନକରି ସିଧା ସଳଖ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଶ୍ରୀ ରଞ୍ଜନ କୁମାର ମିଶ୍ର ସୂଚନା ଦେଇଛନ୍ତି । ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ ଯୋଗଦେଇ ଦେୟ ମୁକ୍ତ ତାଲିମ ପାଇଁ ଚୟନ କରି ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ୧୮ ରୁ ୩୫ ବର୍ଷ ମଧରେ ଥିବା ପଞ୍ଚମ ପାସ ଠାରୁ ଉର୍ଦ୍ଧ୍ୱ, ମେଟ୍ରିକ, ଯୁକ୍ତ ଦୁଇ, ସ୍ନାତକ, ଆଇ.ଟି.ଆଇ, ଡିପ୍ଲୋମା ପାସ କରିଥିବା ପ୍ରାର୍ଥୀପ୍ରାର୍ଥୀନୀ ମାନେ ନିଯୁକ୍ତି ମେଳାରେ ଭାଗନେଇ ପାରିବେ । ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ପାସପୋର୍ଟ ଫଟୋ, ଆଧାର କାର୍ଡ, ଜାତିଗତ ପ୍ରମାଣ ପତ୍ର ସହିତ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀପ୍ରାର୍ଥୀନୀମାନେ ବହୁଳ ସଂଖ୍ୟାରେ ଯୋଗଦେଇ ଉକ୍ତ ନିଯୁକ୍ତି ମେଳାରେ ନିଯୁକ୍ତିର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା ସହ ନୈତିକ ଶିକ୍ଷା ପ୍ରଦାନ



ବେତନଟୀ, ୧୦/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ମେରଦା ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମ୍ବଗଡ଼ିଆ ବିକାଶ ପରିଷଦ ବାମଡା, ଭଗବାନପୁର ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟ ସହିତ ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମାଳତୀ ହେମ୍ବ୍ରମ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଅଛି। ଏହି ସେବାମୂଳକ କାର୍ଯ୍ୟ ରେ ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବୃକ୍ଷ ରୋପଣ ସହିତ ଏକ ସୁସ୍ଥ ପରିବେଶ ପାଇଁ ବୃକ୍ଷ ରୋପଣ ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ,ଶ୍ରଦ୍ଧେୟ ହେମନ୍ତ କୁମାର ଙ୍କ ସହିତ ଆମ୍ବଗଡ଼ିଆ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ ଶ୍ରୀଯୁକ୍ତ କୁଳ ମହାନ୍ତ, ବିଶିଷ୍ଟ ଅଭିନେତା ପୂର୍ଣ୍ଣଦାଦା ଓ ଗଚ୍ଛମଣିଷ ଶ୍ରୀଯୁକ୍ତ ରବୀନ୍ଦ୍ର ବେହେରା, ଶ୍ରୀ ଅବିନାଶ ବେହେରା ଙ୍କ ସହିତ ବିଦ୍ୟାଳୟ ପକ୍ଷରୁ ଶ୍ରୀ ହିମାଂଶୁ କୁମାର ସାହୁ, ଶ୍ରୀ ମନୋଜ କୁମାର ମହାନ୍ତି, ଶ୍ରୀ ପ୍ରିୟନାଥ ପାଣି, ଶ୍ରୀ ପ୍ରକାଶ କେଶରୀ ପ୍ରଧାନ, ଶ୍ରୀ କୈଳାଶ ଚନ୍ଦ୍ର ବେହେରା , ଶ୍ରୀମତୀ ଗୀତାଞ୍ଜଳି ପ୍ରଧାନ,, ଶ୍ରୀମତୀ ରଜନୀ ଗନ୍ଧା ଓଝା, ଶ୍ରୀମତୀ ରଶ୍ମିରେଖା ସାହୁ ଓ ବେବିକା ମଣ୍ଡଳ ଆଦି ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ ସହ ଛାତ୍ରଛାତ୍ରୀମାନେ କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିସରରେ ଚମ୍ପା, ନଡ଼ିଆ ସହ ସପେଟା ଆଦି ବୃକ୍ଷ ରୋପଣ କରାଯାଇଥିଲା । ପରିଶେଷରେ ବିଦ୍ୟାଳୟ ପକ୍ଷରୁ ଗଣିତ ଶିକ୍ଷକ ଶ୍ରୀ ପ୍ରକାଶ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୁ ଜନତା ଦଳରୁ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ହେମନ୍ତ ଦାସ ନିଲମ୍ବିତ





ଲଙ୍ଗଳେଶ୍ୱର , ୧୦/୧ (ନି.ପ୍ର): ଦଳ ବିରୋଧୀ କାର୍ଯ୍ୟ ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ଆଜି ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଛି ।ଦଳର ଜିଲ୍ଲା ସଭାପତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଚିଠି ନଂ ୧୦୧(୨) ମୂଳେ ଆଜି ଏହି ନିର୍ଦ୍ଦେଶ ଜାରି କରିଛନ୍ତି ।ଏହା ଏକ କିତା କପି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତି ସକାଶେ ଜଣା ଯାଇଛି ।ତେବେ ଏ ବାବଦରେ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ହେମନ୍ତ ଦାସଙ୍କ ମତାମତ ନେବା ସମ୍ଭବ ହୋଇ ପାରି ନାହିଁ ।ଘଟଣା ଟି ଜଣା ପଡିବା ପରେ ସର୍ବତ୍ର ଚର୍ଚ୍ଚା ଜୋର ଧରିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo